


ଆଜିର 'ସକାଳ' ସହ 'ସିନ୍ଦୁରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-74 • SUNDAY • 7 SEPTEMBER 2025 • PAGE-12 • ₹ 6.00 | BHUBANESWAR | • ବର୍ଷ-୪୩ • ସଂଖ୍ୟା-୭୪ • ରବିବାର • ୭ ସେପ୍ଟେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦ (ସିନ୍ଦୁରା ସହ)


## ଆଜି ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ: ଦେଖାଯିବ 'ବ୍ଲଡ୍ ମୁନ୍'




**ମଧ୍ୟାହ୍ନ ୧୨.୫୭ରୁ ପାକତ୍ୟାଗ**
**ରାତି ୯.୫୭ରୁ ଗ୍ରହଣ ଆରମ୍ଭ**
**୧.୨୭ ମିନିଟ୍‌ରେ ସର୍ବମୋକ୍ଷ**

■ **ପୁରୀ, ୬।୯ (ସମିସ):** ଆସନ୍ତାକାଲି ଭାଦ୍ରବ ଶୁକ୍ଳ ପୂର୍ଣ୍ଣିମାରେ ସଂଘଟିତ ହେଉଛି ରାହୁଗ୍ରସ୍ତ ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ। ଚଳିତ ବର୍ଷର ଏହା ଶେଷ ଚନ୍ଦ୍ରଗ୍ରହଣ। ଏଥିପାଇଁ ରବିବାର ମଧ୍ୟାହ୍ନ ୧୨ଟା ୫୭ ମିନିଟ୍ ୨୨ ସେକେଣ୍ଡରୁ ଅନ୍ନଭୋଜନ, ପାକତ୍ୟାଗ ଓ ଦେବନୀତି ନିଷେଧ କରାଯାଇଛି। ବାଳୁତ, ବୃଦ୍ଧ, ରୋଗୀମାନଙ୍କ ପକ୍ଷେ ଏହି ନିୟମ କୋହଳ ରହିଛି। ରାତି ୯ଟା ୫୭ ମିନିଟ୍ ୨୨ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ହୋଇ ରାତି ୧ଟା ୨୭ ମିନିଟ୍ ୧୭ ସେକେଣ୍ଡରେ ସର୍ବମୋକ୍ଷ ହେବ। ତେଣୁ ମଧ୍ୟାହ୍ନ ୧୨ଟା ୫୭ମିନିଟ୍ ପୂର୍ବରୁ ଦେବନୀତି ଶେଷ ହେବ। ସର୍ବମୋକ୍ଷ ପରେ ସ୍ନାନପୂର୍ବକ ଦେବନୀତି ଓ ଅନ୍ନଭୋଜନ କରାଯାଇପାରିବ ବୋଲି ପଞ୍ଜିକାରେ କୁହାଯାଇଛି।

ଚଳିତ ବର୍ଷର ଭାଦ୍ରବ ପୂର୍ଣ୍ଣିମାରେ ଆକାଶରେ 'ବ୍ଲଡ୍ ମୁନ୍' ଦୃଶ୍ୟମାନ ହେବ। ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ କରାଯାଇଛି। ଏହି ଦିନ ଶ୍ରୀମନ୍ଦିରରେ ବିଶେଷ ନୀତି ଇନ୍ଦ୍ରଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ର ହାତୀ ପ୍ରସ୍ତାବ ନୀତି ରହିଥିବାରୁ ନୀତିକୁ ତ୍ୱରାନ୍ୱିତ କରାଯିବ। ଗ୍ରହଣ ସ୍ପର୍ଶ ପରେ ଶ୍ରୀମନ୍ଦିରରେ ଗ୍ରହଣ ମହାସ୍ନାନ ଓ ଗ୍ରହଣ ଭୋଗ ନୀତି ସରି ଅନ୍ୟାନ୍ୟ ନୀତି କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ ପାଇଁ ହୋଇଥିବା ସ୍ୱତନ୍ତ୍ର ନୀତି ଅନୁଯାୟୀ, ଶନିବାର ରାତି ୨ଟାରୁ ଦ୍ୱାର ଫିଟାଯିବ। ୨ଟା ୪୦ରେ ମଙ୍ଗଳଆଳତି ବଢ଼ି ଅନ୍ୟାନ୍ୟ ନୀତିକାନ୍ତି ଚାଲିବ। ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ, ଗ୍ରହଣଭୋଗ ଓ ଅନ୍ୟାନ୍ୟ ନୀତି ହେବ।

# ୧୨ ଘଣ୍ଟାରେ ଟ୍ରମ୍ପଙ୍କ ୟୁ'ଟର୍ଣ୍ଣ




■ **ୱାସିଂଟନ, ୬।୯ (ଏଜେନ୍ସି):** 'କେବେ ନା, କେବେ ହଁ'। ଆମେରିକାରେ ଏମିତି ଶାସନ ଚଳାଇଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ନିଜ କଥାକୁ ନିଜେ ଭାଙ୍ଗିବାରେ ସେ ସିଦ୍ଧହସ୍ତ। ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଏଭଳି ସେ ଅନେକ ନିଷ୍ପତ୍ତି ନେଇଛନ୍ତି, ଯାହାକୁ ପରବର୍ତ୍ତୀ ସମୟରେ ସେ ନିଜେ ପ୍ରତ୍ୟାହାର କରିଛନ୍ତି। ଶୁଳ୍କ ଧମକ ଦେଇ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଟ୍ରମ୍ପ ଭାରତ ପ୍ରତି ତାଙ୍କର ଆଭିମୁଖ୍ୟରେ ପରିବର୍ତ୍ତନ କରୁଥିବା ଲକ୍ଷ କରାଯାଉଛି। ୫୦ ପ୍ରତିଶତ ଶୁଳ୍କ ଘୋଷଣା କରିବା ପରେ ଭାରତ ଏବଂ ଏହାର ନେତାଙ୍କ ବିରୋଧରେ ବିଷୋଦଗାର କରି ଚାଲିଥିବା ଟ୍ରମ୍ପ ୧୨ ଘଣ୍ଟା ଭିତରେ ମତ ବଦଳାଇବା ଏବେ ଆଲୋଚନାର ବିଷୟ ହୋଇଛି। ଚୀନ ଓ ରୁଷ ସହିତ ସଂପର୍କ ନେଇ ଗତକାଲି ଭାରତକୁ କଟାକ୍ଷ କରିଥିବା ଟ୍ରମ୍ପ ଆଜି ଭାରତ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭୂରି ଭୂରି ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ତାଙ୍କର ନୂଆ ଆଭିମୁଖ୍ୟର ସମ୍ମାନ କରୁଥିବା ଜଣାଇଛନ୍ତି। ଦୁଇ ନେତାଙ୍କର ଏଭଳି ମନ୍ତବ୍ୟ ତିକ୍ତ ହୋଇପଡ଼ିଥିବା ଭାରତ ଓ ଆମେରିକା ସଂପର୍କରେ ସୁଧାର ଆଣିପାରେ ବୋଲି ଅନୁମାନ କରାଯାଉଛି।

ଗତକାଲି ଟ୍ରମ୍ପ କହିଥିଲେ ଯେ ଚୀନ ହାତରେ ଭାରତ ଓ ରୁଷକୁ ଆମେରିକା ହରାଇଛି। ଏହି ତିନି ଦେଶ ମଧ୍ୟରେ ସଂପର୍କର କଟାକ୍ଷ କରି ଶୁଭକାମନା ଜଣାଇଥିଲେ। କିନ୍ତୁ ଏହାର ୧୨ ଘଣ୍ଟା ଭିତରେ ଭାରତ ଓ ମୋଦୀଙ୍କୁ ସେ ଏମିତି ପ୍ରଶଂସା କରିଛନ୍ତି ଯେ ଯେମିତି ସଂପର୍କ ସୁଦୃଢ଼ ରହିଛି। ▶ପୃଷ୍ଠା-୭

## ଶୁଳ୍କ କମାଇବାକୁ ୩ ସର୍ତ୍ତ

**ବ୍ରିକ୍ସ ଛାଡ଼ | ରୁଷଠୁ ତେଲ କିଣନି | ଆମକୁ ସମର୍ଥନ ଦିଅ**

■ **ୱାସିଂଟନ, ୬।୯ (ଏଜେନ୍ସି):** ଭାରତ ସହ ଆମେରିକା ଡବଲ୍ ଗେମ୍ ଖେଳୁଛି। ଭାରତକୁ ଧମକ ଦେବାର ୧୨ ଘଣ୍ଟା ଭିତରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉଦାର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କିନ୍ତୁ ତାଙ୍କ ବାଣିଜ୍ୟମନ୍ତ୍ରୀ ହାୱାର୍ଡ ଲୁଟ୍‌ନିକ ଭାରତକୁ ଧମକ ଦେଇଛନ୍ତି। ସେ ଭାରତ ପାଇଁ ତିନି ସର୍ତ୍ତ ରଖିଛନ୍ତି। ଏହି ତିନୋଟି ସର୍ତ୍ତ ମାନିଲେ ଭାରତ ଉପରୁ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ହଟାଯିବ। ଭାରତକୁ ରୁଷ୍ ତୈଳ କ୍ରୟ ବନ୍ଦ କରିବାକୁ ହେବ ଏବଂ ବ୍ରିକ୍ସ ଗୋଷ୍ଠୀରୁ ଅଲଗା ହେବାକୁ ପଡ଼ିବ। ଏହାସହିତ ଆମେରିକାକୁ ସମର୍ଥନ ଦେବାକୁ ହେବ ବୋଲି ଲୁଟ୍‌ନିକ କହିଛନ୍ତି। ସେ ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତକାର ଦେଇ ଶୁକ୍ରବାର ଏହି ଟିପ୍ପଣୀ ଦେଇଥିଲେ। ଏଥିରୁ ଆମେରିକା ରାଷ୍ଟ୍ରପତିଙ୍କ କହିବା ଏବଂ କରିବାରେ ଆକାଶ ପାତାଳ ଫରକ ଥିବା ଜଣାପଡୁଛି। ଟ୍ରମ୍ପ ନିଜେ ଭାରତ ସହ ସମ୍ପର୍କ ସୁଧାରିବାକୁ ପ୍ରସ୍ତୁତ ଥିବା ନେଇ କହୁଥିବା ବେଳେ ତାଙ୍କ ମନ୍ତ୍ରୀ ଏଥିରେ ବ୍ରେକ୍ ଲଗାଉଛନ୍ତି।

ଲୁଟ୍‌ନିକ କହିଥିଲେ ଯେ ଯଦି ରୁଷ୍ ଏବଂ ଚୀନ୍ ମଧ୍ୟରେ ଭାରତ ସେତୁ ହେବାକୁ ଚାହୁଁଛି ତେବେ ହେଉ। କିନ୍ତୁ ଭାରତକୁ ଡଲାରକୁ କିମ୍ବା ଆମେରିକାକୁ ସମର୍ଥନ କରିବାକୁ ହେବ। ନୂଆଦିଲ୍ଲୀ ନିଜର ▶ପୃଷ୍ଠା-୭

# ଏସିଆ କପ୍ ହକି ଫାଇନାଲ୍‌ରେ ଭାରତ

**ଦ.କୋରିଆ ସହ ଟାଇଟଲ୍ ଲଢ଼େଇ ଆଜି**



**ସୁପର୍-୪ରେ ଚୀନ ୭-୦ରେ ଧରାଶାୟୀ**

**ଓଡ଼ିଶାର ଶୀଳାନନ୍ଦ ଶ୍ରେଷ୍ଠ ଖେଳାଳି**

**୨୦୨୬ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ଆଶା ଉଜ୍ଜ୍ୱଳ**

■ **ରାଜଗିର, ୬।୯ (ଏଜେନ୍ସି):** ବିହାରରେ ଚାଲିଥିବା ପୁରୁଷ ଏସିଆ କପ୍ ହକିର ଦ୍ୱାଦଶ ସଂସ୍କରଣରେ ଆୟୋଜକ ଭାରତୀୟ ଦଳ ଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ଶେଷ ସୁପର୍-୪ ମୁକାବିଲାରେ ଚୀନକୁ ୭-୦ ଗୋଲ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରିଛି। ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ହର୍‌ମନ୍‌ପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତ ସୁପର୍-୪ରେ ୩ ମ୍ୟାଚ୍‌ରୁ ୨ ବିଜୟ ଓ ଗୋଟିଏ ଡ୍ର ରଖି ସର୍ବାଧିକ ୭ ପଏଣ୍ଟ ସହ ଟେବୁଲ୍‌ର ଶୀର୍ଷରେ ରହିଛି। ରବିବାର ଖେଳାଯିବାକୁ ଥିବା ଟାଇଟଲ୍ ଲଢ଼େଇରେ ପାଞ୍ଚଥରର ବିଜେତା ଦକ୍ଷିଣ କୋରିଆ ସହ ଭାରତର ମୁକାବିଲା ହେବ। ଏଥିରେ ବିଜୟୀ ଦଳ ସ୍ୱର୍ଣ୍ଣ ପଦକ ସହ ୨୦୨୬ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏସିଆ କପ୍ ଇତିହାସରେ ଭାରତ ୩ଥର ଚାମ୍ପିଅନ ଓ ୫ଥର ରନର୍ସଅପ୍ ହୋଇଛି। ଶେଷଥର ଲାଗି ୨୦୧୭ରେ ଭାରତ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା।

**ଗଣେଶ ବିସର୍ଜନ ବେଳେ ଗୋଷ୍ଠୀ ସଂଘର୍ଷ**

## ଗାଁ ମୁଣ୍ଡରେ ଗଡ଼ିଲା ମୁଣ୍ଡ

■ **ଶେରଗଡ଼, ୬।୯ (ସମିସ):** ଗଣେଶ ଭସାଣିକୁ ନେଇ ଶେରଗଡ଼ ଥାନା ଅନ୍ତର୍ଗତ ଗୋଠଗାଁ ଗ୍ରାମରେ ଶୁକ୍ରବାର ରାତିରେ ଗୋଷ୍ଠୀସଂଘର୍ଷ ଘଟି ଜଣଙ୍କ ଜୀବନ ଯାଇଛି। ସନ୍ଧ୍ୟାରେ ଭସାଣି ପାଇଁ ଶୋଭାଯାତ୍ରା ବେଳେ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପରେ ବିଳମ୍ବିତ ରାତିରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଖଣ୍ଡା, କାତି, ଠେଙ୍ଗା ସାହାଯ୍ୟରେ ପରସ୍ପରକୁ ଆକ୍ରମଣ କରିଥିଲେ। ଗୋଟିଏ ଗୋଷ୍ଠୀର ସମସ୍ତ ସଦସ୍ୟ ଖସି ପଳାଇ ଯାଇଥିବା ବେଳେ ସାନଖେମୁଣ୍ଡି ଥାନା ରାମଚନ୍ଦ୍ରପୁର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଚନ୍ଦନ ବିଷୋୟୀଙ୍କୁ ଏକୁଟିଆ ପାଇ ଅପରଗୋଷ୍ଠୀର ସଦସ୍ୟ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା।

ପୂର୍ବରୁ ଉକ୍ତ ଗୋଷ୍ଠୀଙ୍କ ସହିତ ଚନ୍ଦନଙ୍କ ଗଣ୍ଡଗୋଳ ଲାଗି ରହିଥିଲା। ଅପରପକ୍ଷେ ଚନ୍ଦନ ଘରକୁ ନଫେରିବାରୁ ପରିବାର ସଦସ୍ୟମାନେ ଖୋଜିଥିଲେ। ଚନ୍ଦନଙ୍କ ସାଙ୍ଗମାନେ ଚନ୍ଦନଙ୍କୁ ଗୋଠଗାଁରେ ହତ୍ୟା କରାଯାଇଥିବା ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଚନ୍ଦନଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ହିଞ୍ଜିଳିକାଟୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରିବା ସହ ବ୍ରହ୍ମପୁର ବଡ଼ ମେଡିକାଲକୁ ବ୍ୟବଚ୍ଛେଦ ଲାଗି ପଠାଇଛି। ଏନେଇ ଚନ୍ଦନଙ୍କ ସମ୍ପର୍କୀୟ ଶେରଗଡ଼ ଥାନାରେ ଲିଖିତ ଅଭିଯୋଗ କରିବାରୁ ଏକ ହତ୍ୟା ମାମଲା ରୁଜୁ କରି ଶେରଗଡ଼ ପୁଲିସ ୩ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି।

**ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲରେ ପକ୍ଷ ରଖିଲା ଓଡ଼ିଶା**

## ଆପୋସ ସମାଧାନ ପାଇଁ ପ୍ରୟାସ ଚାଲିଛି

■ **ଭୁବନେଶ୍ୱର, ୬।୯ (ସମିସ):** ମହାନଦୀ ଜଳ ବିବାଦ ମାମଲାରେ ଓଡ଼ିଶା ଓ ଛତିଶଗଡ଼ ଆପୋସ ସମାଧାନ ପାଇଁ ଉଦ୍ୟମ କରୁଛନ୍ତି। ଉଭୟ ରାଜ୍ୟ ମଧ୍ୟରେ କିଛି ପର୍ଯ୍ୟାୟ ଆଲୋଚନା ହୋଇଛି ଓ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ପରସ୍ପର ମଧ୍ୟରେ ଦୁଇ ପର୍ଯ୍ୟାୟ ଆଲୋଚନା କରିଛନ୍ତି। ସେହିପରି ଦୁଇ ରାଜ୍ୟର ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀସ୍ତରରେ ମଧ୍ୟ କଥାବାର୍ତ୍ତା ଆରମ୍ଭ ହୋଇଛି ବୋଲି ମହାନଦୀ ବିବାଦ ଟ୍ରିବ୍ୟୁନାଲରେ ତଥ୍ୟ ରଖିଛି ଓଡ଼ିଶା। ରାଜ୍ୟ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଗତ ଅଗଷ୍ଟ ୨ ତାରିଖରୁ ଏଯାବତ୍ ଉଭୟ ରାଜ୍ୟ ମଧ୍ୟରେ ମହାନଦୀ ପ୍ରସଙ୍ଗରେ ଆପୋସ ବୁଝାମଣାର ବିସ୍ତୃତ ଅଗ୍ରଗତିର ତଥ୍ୟ ଉପସ୍ଥାପନ କରିଛନ୍ତି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ୍ ତ୍ରିବେଦୀ ଆସନ୍ତା ଅକ୍ଟୋବର ୧୧କୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିବା ସହ ଏହି ତାରିଖ ସୁଦ୍ଧା ଆପୋସ ବୁଝାମଣାର ଅଗ୍ରଗତି ତଥ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଜଳ ବିବାଦ ସଂକ୍ରାନ୍ତରେ ଟ୍ରିବ୍ୟୁନାଲ ଶୁଣାଣି ସମ୍ପର୍କରେ ଆଡଭୋକେଟ୍ ଜେନେରାଲ ଶ୍ରୀ ଆଚାର୍ଯ୍ୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ



**ଅଗ୍ରଗତି ତଥ୍ୟ ଦେବାକୁ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ**
**ଅକ୍ଟୋବର ୧୧ ତାରିଖରେ ପରବର୍ତ୍ତୀ ଶୁଣାଣି**
**ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ଆଲୋଚନା ଆରମ୍ଭ**

କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର ପାଟିଲଙ୍କ ସହ ବିବାଦର ସମାଧାନ ନିମନ୍ତେ ଆଲୋଚନା କରିଛନ୍ତି। ପ୍ରତିପକ୍ଷ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଥର ଆଲୋଚନା କରି ସାରିଛନ୍ତି। ଗତ ୩୦ ତାରିଖରେ ଉଭୟ ରାଜ୍ୟର ମୁଖ୍ୟ ସଚିବ ନୂଆଦିଲ୍ଲୀରେ ଜଳ ବିବାଦ ଆପୋସ ସମାଧାନ ନେଇ ଆଲୋଚନା କରିଥିଲେ। ଗତକାଲି ଅର୍ଥାତ୍ ଶୁକ୍ରବାର ଦୁଇ ରାଜ୍ୟର ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଏବଂ ଗଠିତ ବୈଷୟିକ ଟିମ୍ ମଧ୍ୟରେ ମଧ୍ୟ ଆଲୋଚନା ହୋଇଛି। କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ସମାଧାନ ପାଇଁ ଆଲୋଚନା ଜାରି ରହିଛି। କୌଣସି ଜଳ ବିବାଦର ସମାଧାନ ଟ୍ରିବ୍ୟୁନାଲ୍‌ରେ ହୋଇପାରି ନାହିଁ। ଏହା ଏକ ରାଜନୈତିକ ବିବାଦ ଏବଂ ଦୁଇ ରାଜ୍ୟର ରାଜନୈତିକ ▶ପୃଷ୍ଠା-୭

**୧୨ ହଜାର କୋଟିର ଡ୍ରଗ୍ସ ର୍‍ୟାକେଟ୍‌ର ପର୍ଦ୍ଦାଫାସ**

## ଆଇଟି ବିଶେଷଜ୍ଞ ସମେତ ୧୨ ଗିରଫ

■ **ହାଇଦରାବାଦ୍, ୬।୯ (ଏଜେନ୍ସି):** ମହାରାଷ୍ଟ୍ର ପୁଲିସ ନିଶା ତଥା ଡ୍ରଗ୍ସ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଥାଣେ ଜିଲ୍ଲାର ମୀରା ରୋଡ ପୁଲିସ୍ ଏହିକ୍ରମରେ ଶନିବାର ତେଲଙ୍ଗାନାର ହାଇଦରାବାଦ୍‌ରେ ଏକ ଡ୍ରଗ୍ସ ଉତ୍ପାଦନକାରୀ କାରଖାନା ଉପରେ ଚଢ଼ାଉ କରିବା ସହ ୧୨,୦୦୦ କୋଟି ଟଙ୍କାର ଏକ ଡ୍ରଗ୍ସ ର୍‍ୟାକେଟ୍‌ର ପର୍ଦ୍ଦାଫାସ କରିଛି। କଞ୍ଚାମାଲ ଜବତ କରିବା ସହିତ ୧୨ ଜଣଙ୍କୁ ଗିରଫ କରିଛି। ମହାରାଷ୍ଟ୍ର ନିଆଯାଇ ଏମାନଙ୍କୁ ପଚରା ଉଚରା କରାଯାଉଛି। ଏହି ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ଜଣେ ଆଇଟି ଏକ୍ସପର୍ଟ। ଏମାନଙ୍କ ମଧ୍ୟରେ ଜଣେ ବାଂଲାଦେଶୀ ମହିଳା ମଧ୍ୟ ସାମିଲ ରହିଛନ୍ତି। ଫାତିମା ସେଖ ନାମକ ଏହି ମହିଳା ଗତମାସରେ ମହାରାଷ୍ଟ୍ରର ମୀରା ରୋଡ୍‌ରେ ୨୪ ଲକ୍ଷ ଟଙ୍କା ନିଶାଦ୍ରବ୍ୟ ସହ ଧରାପଡ଼ିଥିଲା। ▶ପୃଷ୍ଠା-୭

**କାର୍ ତଳେ ଚାପି ହୋଇଗଲା ଅଟୋ**

## ଦମ୍ପତିଙ୍କ ସମେତ ୩ ମୃତ

■ **ଅନୁଗୋଳ, ୬।୯ (ସମିସ):** ଅନୁଗୋଳ ସଦର ଥାନା ଅନ୍ତର୍ଗତ ଖଣ୍ଡହତା ବ୍ରିଜ୍ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଏକ କାର୍ ତଳେ ଅଟୋ ଚାପି ହୋଇଯିବାରୁ ଏହି ଅଘଟଣ ଘଟିଛି। ମୃତକଙ୍କ ମଧ୍ୟରେ ଏକ ଦମ୍ପତି ଅଛନ୍ତି। ସେମାନେ ହେଲେ, ବାଲିମି ଥାନା କାରନ୍ଦା ଅଞ୍ଚଳର ବଂଶୀଧର ସେଠୀ, ତାଙ୍କ ସ୍ତ୍ରୀ କମଳା ସେଠୀ ଏବଂ ଅଟୋ ଚାଳକ ମଣ୍ଟୁ ମୁଦୁଲି। ବଂଶୀଧରଙ୍କ ବୋହୂ ସୁନିତା ସେଠୀ, ସୁନିତାଙ୍କ ପୁଅ ଶ୍ରୀସାଇ ସେଠୀ ଓ କାର୍ ମାଲିକ ବିଶ୍ୱଜିତ୍ ଗୁରୁତର ଆହତ ହୋଇଛନ୍ତି।



ସୂଚନାନୁଯାୟୀ, ବଂଶୀଧରଙ୍କ ଦେହ ଖରାପ ଥିବାରୁ ଏକ ଅଟୋ ଯୋଗେ ସ୍ତ୍ରୀ କମଳା, ବୋହୂ ସୁନିତା, ନାତି ଶ୍ରୀସାଇଙ୍କ ସହ ଚିକିତ୍ସା ପାଇଁ ଅନୁଗୋଳ ଡାକ୍ତରଖାନା ଆସିଥିଲେ। ଡାକ୍ତରଙ୍କୁ ଦେଖାଇବା ପରେ ସମସ୍ତେ ବଂଶୀଧରଙ୍କ ସମୁଦି ଘର ତୁରଙ୍ଗ ଗ୍ରାମକୁ ଯାଇଥିଲେ। ସେଠାରେ ଖାଇ ସାରି ଅଟୋ ଯୋଗେ ନିଜ ଗ୍ରାମକୁ ଫେରୁଥିବା ବେଳେ ନରସିଂହପୁର ଅଞ୍ଚଳରୁ ଆସୁଥିବା ଏକ କାର୍ ସହ ଅଟୋଟି ଧକ୍କା ହୋଇଥିଲା। ଅଟୋ ଓ କାର୍ ରାସ୍ତା ପାର୍ଶ୍ୱ ବିଲ ଭିତରକୁ ପଶିଯାଇଥିଲା। ଅଟୋଟି କାର୍ ତଳେ ଚାପି ହୋଇ ରହିଯାଇଥିଲା। ଏହି ଦୁର୍ଘଟଣାରେ ଅଟୋରେ ଥିବା ବଂଶୀଧର, କମଳା ଏବଂ ଅଟୋ ଚାଳକ ମଣ୍ଟୁଙ୍କ ମୃତ୍ୟୁ ଘଟିଥିବା ବେଳେ ସୁନିତା, ଶ୍ରୀସାଇ ଓ କାର୍ ମାଲିକ ବିଶ୍ୱଜିତ ଗୁରୁତର ହୋଇଥିଲେ। ଅନ୍ୟପଟେ କାର୍ ଚାଳକଙ୍କ କୌଣସି ଖବର ମିଳିନାହିଁ। ଅନୁଗୋଳ ଅଗ୍ନିଶମ ବାହିନୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

**ରାସ୍ତା ମରାମତି ସମୀକ୍ଷା ବୈଠକ**

## ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଦୁର୍ଦ୍ଦଶା

**୨୦ ସେପ୍ଟେମ୍ବର ସୁଦ୍ଧା ସବୁ ରାସ୍ତା ମରାମତି ସାରିବାକୁ ମନ୍ତ୍ରୀଙ୍କ ତାଗିଦ**

**୨ ଦିନରେ ରାସ୍ତା ସ୍ଥିତି ସମ୍ପର୍କରେ ରିପୋର୍ଟ ଦେବାକୁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ**



■ **ଭୁବନେଶ୍ୱର, ୬।୯ (ସମିସ):** ରାଜ୍ୟର ବିଭିନ୍ନ ସହରରେ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଘୋର ଅଭାବ ରହୁଛି। ଗୋଟିଏ ବିଭାଗ ରାସ୍ତା ତିଆରି କରି ଚାଲିଯାଉଛି, ୭ ଦିନ ମଧ୍ୟରେ ସେହି ବିଭାଗ ରାସ୍ତାକୁ ଆଉ କିଏ ଆସି ଖୋଳି ଦେଇ ଚାଲିଯାଉଛି। ୟୁଟିଲିଟି କରିଡର ନାମରେ ବିଭାଗଗୁଡ଼ିକ ଯେମିତି ପାରୁଛନ୍ତି ସେମିତି ରାସ୍ତାକୁ ବ୍ୟବହାର କରୁଛନ୍ତି। ବିନା ଅନୁମତିରେ କିଏ ପାଇପ୍ ବିଛାଉଛି ତ ଆଉ କିଏ ବିଦ୍ୟୁତ୍ ଲାଇନ୍ ପକାଇବା ଅବା ଅନ୍ୟ ୟୁଟିଲିଟି କରିଡର୍ ନାମରେ ଭଲ ଥିବା ରାସ୍ତାକୁ ଖୋଳି ପକାଉଛନ୍ତି। ଏହାଦ୍ୱାରା ପରବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ରାସ୍ତାଟି ଖରାପ ଅବସ୍ଥାକୁ ଚାଲିଆସୁଛି। ରାସ୍ତାଘାଟର ଦୁରବସ୍ଥା ପାଇଁ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ରହୁଥିବା ଶନିବାର ହୋଇଥିବା ଏକ ସମୀକ୍ଷାରୁ ସ୍ପଷ୍ଟ ଜଣାପଡ଼ିଛି।

ରାଜ୍ୟରେ ରାସ୍ତାଘାଟ ମରାମତିକୁ ନେଇ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ସମୀକ୍ଷା ବୈଠକରେ ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ଆସନ୍ତା ୨୦ ତାରିଖ ସୁଦ୍ଧା ରାଜ୍ୟର ସମସ୍ତ ରାସ୍ତାକୁ ଖାଲଖମାମୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅକ୍ଟୋବର ୨ ତାରିଖରୁ ଖରାପ ଅବସ୍ଥାରେ ଥିବା ରାସ୍ତାର ସମ୍ପୂର୍ଣ୍ଣ ନବୀକରଣ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ସହ ▶ପୃଷ୍ଠା-୭

# ଦେଶ ଛାଡ଼ି ପଳାଇଲେ ପୂର୍ବତନ ପ୍ରଧାନମନ୍ତ୍ରୀ



ବ୍ୟାଙ୍କକ୍, ୬।୯(ଏଜେନ୍ସି): ଥାଇଲାଣ୍ଡ ପୂର୍ବତନ ପ୍ରଧାନମନ୍ତ୍ରୀ ଥାକସିନ ସିନବାତ୍ରା ଦେଶ ଛାଡ଼ି ନିଜ ବ୍ୟକ୍ତିଗତ ଜେଟ୍‌ରେ ଦୁବାଇ ଚାଲିଯାଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ସେ ଏ ନେଇ ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୯ରେ ଥାଇଲାଣ୍ଡର କୋର୍ଟ ତାଙ୍କ ବିରୋଧରେ ଦୁର୍ନୀତି ମାମଲାରେ ରାୟ ଦେବାକୁ ଯାଉଥିବା ବେଳେ ସେ ଦେଶ ଛାଡି ଚାଲି ଯାଇଛନ୍ତି ବୋଲି କୁହାଯାଉଛି। ସେ ଚିକିତ୍ସା ପାଇଁ ସିଙ୍ଗାପୁର ଯାଉଥିଲେ। କିନ୍ତୁ ସେଠାରେ ଜେଟ୍ ବିମାନ ଅବତରଣ କରିହେବ ନାହିଁ ବୋଲି ତାଙ୍କ ପାଇଲଟ କହିଥିଲେ। ଫଳରେ ଆମକୁ ଦୁବାଇ ଯିବାକୁ ହେଲା ବୋଲି ସେ ଏକ୍ସରେ ଉଲ୍ଲେଖ କରିଛନ୍ତି। ତେବେ କୋର୍ଟ ରାୟ ଶୁଣାଇବାକୁ ଯାଉଥିବା ବେଳେ ସେ ଖୁବ୍‌ଶୀଘ୍ର ସ୍ୱଦେଶ ଫେରିବେ ବୋଲି ସ୍ପଷ୍ଟ କରିଛନ୍ତି। କିନ୍ତୁ ସେ ଆଉ ଦେଶକୁ ଫେରିବେ ନାହିଁ ବୋଲି ରାଜନୈତିକ ପଣ୍ଡିତମାନେ ଅନୁମାନ କରିଛନ୍ତି। ୨୦୦୬ରେ ପଦରୁ ହଟିବା ପରେ ତାଙ୍କ ବିରୋଧରେ ଦୁର୍ନୀତି ମାମଲାରେ ୧୫ ବର୍ଷର ଜେଲ୍ ଦଣ୍ଡାଦେଶ ମିଳିବା ପରେ ସେ ଦେଶ ଛାଡି ଚାଲିଯାଇଥିଲେ।

# ଲିପୁଲେଖ ବିବାଦରେ ଚୀନ୍ ମୁଣ୍ଡ ପୂରାଇବନି

ବେଜିଂ, ୬।୯(ଏଜେନ୍ସି): ଭାରତ ଓ ନେପାଳ ମଧ୍ୟରେ ଦୀର୍ଘଦିନ ଧରି ଥିବା ଲିପୁଲେଖ ବିବାଦରେ ମୁଣ୍ଡ ପୂରାଇବାକୁ ଚୀନ୍ ମନା କରିଦେଇଛି। ଲିପୁଲେଖ୍ ଏକ ପାରମ୍ପରିକ ଗିରିପଥ। ନେପାଳର ଦାବିକୁ ଚୀନ୍ ସମ୍ମାନ କରୁଛି। ଏହି ବିବାଦ ଭାରତ ଓ ନେପାଳର ଦ୍ୱିପାକ୍ଷିକ ମାମଲା। ତେଣୁ କଥାବାର୍ତ୍ତା ମାଧ୍ୟମରେ ଦୁଇ ଦେଶ ଏହି ବିବାଦର ସମାଧାନ କରିବା ଉଚିତ ବୋଲି ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗ କହିଥିବା କଥା ନେପାଳ ବୈଦେଶିକ ସଚିବ ଅମୃତ ବାହାଦୂର ରାୟ କହିଛନ୍ତି। ନେପାଳ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ ରେ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବାକୁ ଚୀନ୍ ଗସ୍ତ କରିଥିଲେ। ଏହି ଅବସରରେ ସେ ଜିନପିଙ୍ଗଙ୍କ ସମ୍ମୁଖରେ ଲିପୁଲେଖ ବିବାଦ ଉପସ୍ଥାପନ କରିଥିଲେ। ଲିପୁଲେଖ ଅଞ୍ଚଳ ନେପାଳର ଅଂଶ ବିଶେଷ ବୋଲି ଓଲି କହିଛନ୍ତି। କିନ୍ତୁ ଭାରତ ଓ ଚୀନ୍ ମଧ୍ୟରେ ଏହି ଗିରିପଥ ଦେଇ ହୋଇଥିବା ବ୍ୟବସାୟିକ ସହମତି ନେଇ ଓଲି ଆପତ୍ତି ଉଠାଇଥିଲେ। ଅଗଷ୍ଟ ୧୯ ରେ ଭାରତ ଓ ଚୀନ ଲିପୁଲେଖ ଦେଇ ବ୍ୟବସାୟ କରିବାକୁ ଏହି ପଥ ଖୋଲିବା ନେଇ ସହମତି ପ୍ରକାଶ କରିଥିଲେ। କିନ୍ତୁ ନେପାଳ ଏହାକୁ ସେତେବେଳେ ବିରୋଧ କରିଥିଲା। ଉଲ୍ଲେଖଥାଉ କି, ୨୦୨୦ରେ ନେପାଳ ଏକ ନୂଆ ମାନଚିତ୍ର ଜାରି କରିଥିଲା। ଏଥିରେ ଲିପୁଲେଖ, ଲିମ୍ପିୟାଧୁରା ଓ କାଲାପାନୀକୁ ନେପାଳ ନିଜର ବୋଲି ଜାହିର କରିବାକୁ ପ୍ରୟାସ କରିଥିଲା। କିନ୍ତୁ ଭାରତ ପୂର୍ବରୁ ଏହି ୩ଟି ସ୍ଥାନକୁ ନିଜର ବୋଲି ବିବେଚନା କରିଆସୁଛି।

# ହଜରତବଲ ଦର୍‌ଘାରେ ଅଶୋକ ସ୍ତମ୍ଭ ଚିହ୍ନକୁ ନେଇ ବିବାଦ

ଶ୍ରୀନଗର, ୬।୯(ଏଜେନ୍ସି): ଜମ୍ମୁ-କଶ୍ମୀର ରାଜଧାନୀ ଶ୍ରୀନଗରସ୍ଥିତ ହଜରତବଲ ଦର୍‌ଘାରେ ନୂଆ କରି ଲଗାଯାଇଥିବା ଏକ ଫଳକରେ ରାଷ୍ଟ୍ରୀୟ ଚିହ୍ନ 'ଆଶୋକ ସ୍ତମ୍ଭ'କୁ ନେଇ ବିବାଦ ସୃଷ୍ଟି ହୋଇଛି। ଶୁକ୍ରବାର ପ୍ରାର୍ଥନା ପରେ କେତେଜଣ ଲୋକ ଏହି ଫଳକକୁ ଭାଙ୍ଗି ଦେଇଛନ୍ତି। ଜୁମାର ନମାଜ ପଢ଼ିବା ପରେ ଏହି ଫଳକ ନିକଟରେ ଭିଡ ହୋଇଥିଲେ ଓ ୱାକଅଫ୍ ବୋର୍ଡ ବିରୋଧରେ ସ୍ଲୋଗାନ ଦେବା ସହ ପଥର ପିଙ୍ଗିଥିଲେ। ଏହି ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଛି। ବହୁବର୍ଷ ହେବ ହଜରତବଲ ଦର୍‌ଘାକୁ ମୁସଲିମ ସମ୍ପ୍ରଦାୟର ଲୋକମାନେ ଏକ ପବିତ୍ରସ୍ଥଳ ବୋଲି ବିବେଚନା କରନ୍ତି। ଚଳିତ ସପ୍ତାହରେ ୱାକଅଫ୍ ବୋର୍ଡ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏହି ଦର୍‌ଘାର ପୁନର୍ଗଠନ କାର୍ଯ୍ୟ କରିବା ପରେ ଉଦ୍‌ଘାଟନ କରିଥିଲା। ଉଦ୍‌ଘାଟନ ଫଳକରେ ରାଷ୍ଟ୍ରୀୟ ଚିହ୍ନ ଆଶୋକ ସ୍ତମ୍ଭ ଥିଲା ଓ ଏହାକୁ ନେଇ ସମାଲୋଚନା କରାଯାଉଥିଲା। ଏହାକୁ ନ୍ୟାସନାଲ କନଫରେନ୍ସ ସମେତ ଅନ୍ୟ ରାଜନୈତିକ ଦଳଗୁଡିକ ନିନ୍ଦା କରିଥିଲେ। ଏ ନେଇ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲା ନିଜର ପ୍ରତିକ୍ରିୟା ଦେଇଛନ୍ତି। କୌଣସି ଧାର୍ମିକ ସ୍ଥଳରେ ରାଷ୍ଟ୍ରୀୟ ଚିହ୍ନ ପୂର୍ବରୁ କେବେ ଦେଖି ନଥିଲି। ତେଣୁ ହଜରତବଲ ଦର୍‌ଘାର ପଥର ଉପରେ ରାଷ୍ଟ୍ରୀୟ ଚିହ୍ନ ଲଗାଇବାର ଆବଶ୍ୟକତା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି।

# ଧନଖଡ଼ଙ୍କ ପେନ୍‌ସନ୍ ଆବେଦନ ମଞ୍ଜୁର

ନୂଆଦିଲ୍ଲୀ, ୬।୯(ଏଜେନ୍ସି): ପୂର୍ବତନ ଉପ- ରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କୁ ଜଣେ ପୂର୍ବତନ ବିଧାୟକ ଭାବେ ପେନସନ ମିଳିବା ନିଶ୍ଚିତ ହୋଇଛି। ଏ ନେଇ ସେ ପୂର୍ବରୁ କରିଥିବା ଆବେଦନକୁ ମଞ୍ଜୁର କରାଯାଇଛି। ୭୫ ବର୍ଷୀୟ ଧନଖଡ଼ ରାଜସ୍ଥାନ ବିଧାନସଭାରେ ପୂର୍ବରୁ ବିଧାୟକ ଥିଲେ। ଉପ- ରାଷ୍ଟ୍ରପତି ଭାବେ ଇସ୍ତଫା ଦେବାପରେ ତାଙ୍କର ଏହି ବିଧାୟକ ପେନ୍‌ସନ୍‌କୁ ମଞ୍ଜୁର କରାଯାଇଛି। ତାଙ୍କ ଆବେଦନର ସବୁ ପ୍ରକ୍ରିୟା ଓ ଔପଚାରିକତା ସମ୍ପନ୍ନ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସଚିବାଳୟ ତରଫରୁ କୁହାଯାଇଛି। ଏବେ ସେ ଜଣେ ପୂର୍ବତନ ବିଧାୟକ ଭାବେ ପେନ୍‌ସନ ସମେତ ସବୁପ୍ରକାର ସୁବିଧାସୁଯୋଗ ପାଇବେ। ସେ ଗତ ସପ୍ତାହରେ ଏ ନେଇ ରାଜସ୍ଥାନ ସଚିବାଳୟରେ ପେନ୍‌ସନ ପାଇଁ ଆବେଦନ କରିଥିଲେ। ଏବେ ସେ ମାସକୁ ପେନ୍‌ସନ ବାବଦରେ ୪୨, ୦୦୦ ଟଙ୍କା ପାଇବେ। ଉଲ୍ଲେଖଥାଉ କି, ସେ ୧୯୯୩ରୁ ୧୯୯୮ ମଧ୍ୟରେ ରାଜସ୍ଥାନର କିଶନଗଡ଼ ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଦଳ ତରଫରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ୨୦୧୯ ଜୁଲାଇରେ ପଶ୍ଚିମବଙ୍ଗର ରାଜ୍ୟପାଳ ନିଯୁକ୍ତ ହେବା ପରେ ତାଙ୍କ ପେନ୍‌ସନକୁ ବନ୍ଦ କରିଦିଆଯାଇଥିଲା।

# ବିସ୍ଫୋରଣ ଧମକ ଦେଇଥିବା 'ଆତଙ୍କବାଦୀ' ଉତ୍ତର ପ୍ରଦେଶରୁ ଗିରଫ

ନୂଆଦିଲ୍ଲୀ, ୬।୯(ଏଜେନ୍ସି): ମୁମ୍ବାଇରେ ଗଣେଶ ଉତ୍ସବ ବିସର୍ଜନ ଚାଲିଥିବା ବେଳେ ବିସ୍ଫୋରଣ ଧମକ ଦେଇଥିବା ବ୍ୟକ୍ତି ଉତ୍ତର ପ୍ରଦେଶର ନୋଏଡାରୁ ଗିରଫ ହୋଇଛି। ଏହି ବ୍ୟକ୍ତି ହେଉଛନ୍ତି ୫୦ ବର୍ଷୀୟ ଅଶ୍ୱିନ କୁମାର ସୁପ୍ରା। ସେ ବିହାର ରାଜଧାନୀ ପାଟନାରେ ରୁହନ୍ତି। ସେ ଗତ ୫ ବର୍ଷ ହେବ ନୋଏଡାରେ ରହିଆସୁଛନ୍ତି ଏବଂ ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ରରେ କାର୍ଯ୍ୟ କରୁଛନ୍ତି। ଅଶ୍ୱିନ ଗୁରୁବାର ମୁମ୍ବଇ ପୁଲିସକୁ ହ୍ୱାଟ୍ସଆପ୍‌ରେ ଧମକପୂର୍ଣ୍ଣ ମେସେଜ ଦେଇଥିଲା। ଲସ୍କର-ଏ- ଜେହାଦୀର ୧୪ଜଣ ଆତଙ୍କବାଦୀ ମୁମ୍ବଇରେ ବୁଲୁଛନ୍ତି ଓ ୪୦୦ କେଜି ଆରଡିଏକ୍ସ ୩୪ଟି ଗାଡିରେ ଲଗାଇଛନ୍ତି। ଆତଙ୍କିମାନେ ବିସ୍ଫୋରଣ କରିବେ ଓ ଏହା ଦ୍ୱାରା ପାଖାପାଖି ଏକ କୋଟି ଲୋକ ମୃତ୍ୟୁବରଣ କରିବେ ବୋଲି ସେ ମେସେଜରେ ଉଲ୍ଲେଖ କରିଥିଲା। ଏହି ମେସେଜ ମିଳିବା ପରେ ପୁଲିସ ସାରା ମୁମ୍ବଇରେ ହାଇଆଲର୍ଟ ଜାରି କରିଥିଲା ଓ କ୍ରାଇମ ବ୍ରାଞ୍ଚକୁ ଯାଞ୍ଚ୍ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହିକ୍ରମରେ ଆଣ୍ଟି ଟେରରିଜମ୍ ସ୍କ୍ୱାଡ (ଏଟିଏସ୍) ଓ ଅନ୍ୟ ସୁରକ୍ଷା ଏଜେନ୍ସିଗୁଡିକ ମଧ୍ୟ ହାଇ ଆଲର୍ଟରେ ଥିଲେ। ଯାଞ୍ଚ ପରେ ମୁମ୍ବଇ କ୍ରାଇମ ବ୍ରାଞ୍ଚ୍ ନୋଏଡାରେ ପହଞ୍ଚି ସେକ୍ଟର-୭୯ ସୋସାଇଟିରୁ ଗିରଫ୍ କରିଛି। ଅଶ୍ୱିନଙ୍କୁ କ୍ରାଇମ ବ୍ରାଞ୍ଚ ନୋଏଡାରୁ ମୁମ୍ବାଇ ନେଇଛି ଓ ତାର ମୋବାଇଲ ଫୋନ୍ ଓ ସିମକାର୍ଡକୁ ଜବତ କରାଯାଇଛି। ଏହାକୁ ବାଦ୍ ଦେଲେ ତା ପାଖରେ ୪ଟି ସିମ୍‌କାର୍ଡ ହୋଲ୍ଡର, ୬ ମେମୋରି କାର୍ଡ ହୋଲ୍ଡର, ଏକ ସିମ୍ ସ୍ଲଟ ଏକ୍ସଟରନାଲ ଓ ଦୁଇଟି ଡିଜିଟାଲ କାର୍ଡ ଜବତ କରାଯାଇଛି। ୨୦୨୩ରେ ସେ ଏକ ଠକେଇ ମାମଲାରେ ପାଟନା ଜେଲରେ ୩ ମାସ ରହିଥିବା କଥା କ୍ରାଇମ୍ ବ୍ରାଞ୍ଚ୍ ଜାଣିବାକୁ ପାଇଛି। ଫିରୋଜ ନାମକ ଏକ ବ୍ୟକ୍ତି ତା ବିରୋଧରେ ଅଭିଯୋଗ କରିଥିଲା। ଫିରୋଜ ବିରୋଧରେ ପ୍ରତିଶୋଧ ନେବାକୁ ସେ ତା ନାମରେ ଏହି ମେସେଜ ପଠାଇଥିଲା ବୋଲି ଅଶ୍ୱିନ କହିଛି। ତେବେ ଫିରୋଜ କିଏ ଓ ଠକେଇ ମାମଲା କଣ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। ପୂର୍ବରୁ ଅଗଷ୍ଟ ୨୫ରେ ମହାରାଷ୍ଟ୍ରର ଥାଣେ ରେଲ ଷ୍ଟେସନରେ ବମ୍ ଦ୍ୱାରା ବିସ୍ଫୋରଣରେ ଉଡାଇ ଦେବାକୁ ଧମକ ମିଳିଥିଲା।



# ଦିଲ୍ଲୀ, ୟୁପିକୁ ଯମୁନା ଯନ୍ତ୍ରଣା

## ମୌସୁମୀ ବର୍ଷା ବିପର୍ଯ୍ୟୟ

## ପାଣି ଘେରରେ ଦିଲ୍ଲୀର ଅନେକ ଅଞ୍ଚଳ

## ପଞ୍ଜାବର ୧୯୦୦ ଗାଁ ୧୨ ଦିନ ହେଲା ବନ୍ୟା ଘେରରେ



ନୂଆଦିଲ୍ଲୀ, ୬।୯(ଏଜେନ୍ସି): ଉତ୍ତର ଭାରତର କେତୋଟି ରାଜ୍ୟରେ ପ୍ରବଳ ମୌସୁମୀ ବର୍ଷା କାରଣରୁ ଭୂସ୍ଖଳନ ଓ ବନ୍ୟା ସ୍ଥିତି ଜାରି ରହିଛି। ଯମୁନା ନଦୀର ଜଳସ୍ତର ଶନିବାର ମଧ୍ୟ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଫଳରେ ରାଜଧାନୀ ଦିଲ୍ଲୀର କେତେକ ଅଞ୍ଚଳରେ ଏବେ ମଧ୍ୟ ପାଣି ଜମି ରହିଛି। ମୋନାଷ୍ଟେରୀ ମାର୍କେଟ, ଯମୁନା ବଜାର, ମୟୂର ବିହାର ଓ କଶ୍ମୀର ଗେଟ୍ ଅଞ୍ଚଳ ପାଣି ଘେରରେ ରହିଛି। ସ୍ୱାମୀ ନାରାୟଣ ମନ୍ଦିର ପରିସରରେ ୫ ଫୁଟ୍ ଉଚ୍ଚର ପାଣି ପଶିଛି। ଉତ୍ତରପ୍ରଦେଶର ମଥୁରାର ୨୦ଟିରୁ ଅଧିକ କଲୋନୀଗୁଡିକରେ ଯମୁନା ପାଣି ପଶିଛି। ଆଗ୍ରାରେ ତାଜମହଲର ପାଚେରି ପର୍ଯ୍ୟନ୍ତ ପାଣି ଆସିଛି। ତାଜମହଲ ପଛରେ ଥିବା ପାର୍କ ମଧ୍ୟ ବୁଡି ଯାଇଛି। ଶୁକ୍ରବାର ଏହି ସହରରେ ପ୍ରବଳ ବର୍ଷା କାରଣରୁ ୫୦ରୁ ଊର୍ଦ୍ଧ୍ୱ ସଡକରେ ୪ ଫୁଟ ପର୍ଯ୍ୟନ୍ତ ପାଣି ଠିଆ ହୋଇଛି। ଫଳରେ ବାଇକ ସମେତ କାର ଅନ୍ୟ ଗାଡି ସବୁ ବୁଡ଼ିଯାଇଛି। ଉତ୍ତରାଖଣ୍ଡରେ ଶନିବାର ୪ ଧାମ ଯାତ୍ରା ପୁଣି ଆରମ୍ଭ ହୋଇଛି। ଖରାପ ପାଗ ଓ କ୍ରମାଗତ ବର୍ଷା କାରଣରୁ ସରକାର ସେପ୍ଟେମ୍ବର ୧ରୁ ୫ ପର୍ଯ୍ୟନ୍ତ ଏହି ଯାତ୍ରାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଶନିବାରଠାରୁ ୪ ଧାମ ଯାତ୍ରା ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି।

ବର୍ଷା ଜାରି ରହିଥିବାରୁ ପଞ୍ଜାବର ୨୩ଟି ଜିଲ୍ଲାର ୧୯୦୦ଟି ଗାଁ ପାଖାପାଖି ୧୨ ଦିନ ହେବ ବନ୍ୟା ଘେରରେ ରହିଛି। ଫଳରେ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି। ପଞ୍ଜାବ ଇତିହାସର ସବୁଠାରୁ ବଡ଼ ବନ୍ୟାର ସମ୍ମୁଖୀନ ହୋଇଛି କହିଲେ ଭୁଲ ହେବନାହିଁ। ଏଥିରେ ୩.୮୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଏହି ଉତ୍ତରପଶ୍ଚିମ ରାଜ୍ୟରେ ବର୍ଷା ଓ ବନ୍ୟାଜନିତ କାରଣରୁ ୪୩ ଲୋକ ମୃତ୍ୟୁବରଣ କରିଛନ୍ତି। ପାଖାପାଖି ୧.୭୨ ହେକ୍ଟର ଚାଷ ଜମିର ଫସଲ ନଷ୍ଟ ହୋଇଛି। ତେବେ ଆଗାମୀ ୪ ଦିନ ପର୍ଯ୍ୟନ୍ତ ପଞ୍ଜାବରେ ବର୍ଷା ନେଇ କୌଣସି ସତର୍କତା ଜାରି କରାଯାଇନାହିଁ। ତେଣୁ ବନ୍ୟା ସ୍ଥିତରେ ଉନ୍ନତି ହେବ ବୋଲି ଆଶା କରାଯାଉଛି।

ସେପଟେ ଜମ୍ମୁ-କଶ୍ମୀରରେ ଭୂସ୍ଖଳନ କାରଣରୁ ଜମ୍ମୁ- ଶ୍ରୀନଗର ରାଜପଥ ଓ ସିନ୍ଥନ ସଡକ ବନ୍ଦ ହେବା କାରଣରୁ ୩,୭୦୦ ଗାଡି ଅଟକି ରହିଛି। ଶ୍ରୀନଗର ଓ ବଡ଼ଗାଁଓରେ ପ୍ରବଳ ବର୍ଷା କାରଣରୁ କେତେକ ଅଞ୍ଚଳରେ ପାଣି ପସିଯାଇଛି। ମାତା ବୈଷ୍ଣୋଦେବୀ ମନ୍ଦିରର ତୀର୍ଥଯାତ୍ରା କ୍ରମାଗତ ୧୧ ଦିନ ପାଇଁ ବନ୍ଦ ରହିଛି। ଅଗଷ୍ଟ ୨୬ରେ ହୋଇଥିବା ଭୂସ୍ଖଳନ କାରଣରୁ ଏହି ଯାତ୍ରାକୁ ସ୍ଥଗିତ କରାଯାଇଥିଲା। ସେହିପରି ଗୁଜରାଟ୍‌ର ଭଦୋଦାରା ଜିଲ୍ଲାରେ କ୍ରମାଗତ ବର୍ଷା କାରଣରୁ ସ୍ଥିତି ବିଗିଡିଛି। ନର୍ମଦା ଓ କିମ୍ ନଦୀରେ ଜଳସ୍ତର ଦ୍ରୁତଗତିରେ ବୃଦ୍ଧିପାଇବା କାରଣରୁ ବିପଦ ସୃଷ୍ଟି ହୋଇଛି। ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସତର୍କ ରହିବା ପାଇଁ ପ୍ରଶାସନ ତରଫରୁ ସତର୍କ କରାଯାଇଛି।

ହରିୟାଣାରେ ପ୍ରବଳ ବର୍ଷା କାରଣରୁ ସବୁ ନଦୀର ଜଳସ୍ଥର ବୃଦ୍ଧିପାଇଛି। ଫରିଦାବାଦ୍‌ରେ ଯମୁନା, ସିର୍ସାରେ ଘାଗର, କୁରୁକ୍ଷେତ୍ରରେ ମାର୍କଣ୍ଡ ଓ ଅମ୍ବାଲାରେ ଟାଙ୍ଗ୍ରି ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ସେହିପରି ହିମାଚଳ ପ୍ରଦେଶରେ ପାହାଡ଼ ଉପରୁ ବଡ଼ବଡ଼ ପଥର ଖସିବା କାରଣରୁ ଶିମ୍‌ଲା-କିନ୍ନାଉର ଜାତୀୟ ରାଜପଥରେ ଯିବା ଆସିବା ଏକ ପ୍ରକାର ବନ୍ଦ ରହିଛି। ମୌସୁମୀଜନିତ ବର୍ଷା କାରଣରୁ ହିମାଚଳରେ ଏପର୍ଯ୍ୟନ୍ତ ୩୬୦ ଲୋକ ମୃତ୍ୟୁବରଣ କରିଛନ୍ତି। ସେହିପରି ମଧ୍ୟପ୍ରଦେଶର ୧୨ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଜାରି କରାଯାଇଛି।

# କାନାଡ଼ା ମାନିଲା, ଖଲିସ୍ତାନୀଙ୍କୁ ପାଣ୍ଠି ଯୋଗାଉଥିଲା

ନୂଆଦିଲ୍ଲୀ, ୬।୯(ଏଜେନ୍ସି): ଖଲିସ୍ତାନୀ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଓ ଶରଣ ଦେବା ନେଇ କାନାଡା ସରକାର ପ୍ରଥମଥର ପାଇଁ ଏକ ବଡ଼ ସ୍ୱୀକାର କରିଛନ୍ତି। କାନାଡାର ମାଟିରେ ହିଁ ଏହି ଖଲିସ୍ତାନୀ ଆତଙ୍କବାଦୀ ସଂଗଠନ କାର୍ଯ୍ୟ କରୁଛି ବୋଲି ପ୍ରକାଶିତ ଏକ ରିପୋର୍ଟରେ ସରକାର ମାନିଛନ୍ତି। ବାବର ଖାଲସା, ଅନ୍ତର୍ଜାତୀୟ ଶିଖ୍ ୟୁଥ ଫେଡେରେସନ ଓ ଶିଖ୍ ଫର ଜଷ୍ଟିସ୍ ଭଳି ଖଲିସ୍ତାନୀ ଆତଙ୍କବାଦୀ ସଂଗଠନ କାନାଡାରେ ସକ୍ରିୟ ବୋଲି ସମସ୍ତେ ଜାଣନ୍ତି ଓ କାନାଡା ଖୋଲାଖୋଲି ଭାବେ ଏହି ସଂଗଠନଗୁଡିକୁ ଶରଣ ଦେଉଛି। ତେବେ କାନାଡା ଏବେ ପ୍ରଥମଥର ପାଇଁ ଆନୁଷ୍ଠାନିକ ଭାବେ ଏହାକୁ ସ୍ୱୀକାର କରିଛି ଓ ଏହାକୁ ବହୁତ ବଡ଼ କଥା ବୋଲି ବିବେଚନା କରାଯାଉଛି। ଭାରତୀୟ ଦୃଷ୍ଟିକୋଣରୁ ଏହା ଏକ ଶୁଭ ସଂକେତ ବୋଲି କୁହାଯାଇପାରେ। କାନାଡାର ଅର୍ଥ ବିଭାଗ କଳା ଧନକୁ ଧଳା କରିବା ପ୍ରକ୍ରିୟା ଅର୍ଥାତ ମନିଲଣ୍ଡରିଂ ଓ ଆତଙ୍କବାଦୀଙ୍କ ଭରଣପୋଷଣ ସହିତ ଜଡିତ ଏକ ଆକଳନ ରିପୋର୍ଟ ଜାରି କରିଛି। କାନାଡା ସହିତ ଏହି ସଂଗଠନଗୁଡିକ ବିଭନ୍ନ ଦେଶରେ ପାଣ୍ଠି ସଂଗ୍ରହ କରୁଛନ୍ତି ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ସଂଗଠନଗୁଡିକ ଡ୍ରଗ୍ସ ଚୋରାଚାଲାଣ ଓ ଅଟୋ ଚୋରି ପାଇଁ ଚାରିଟେବଲ ଟ୍ରଷ୍ଟ ତଥା ଦାତବ୍ୟ ଅନୁଷ୍ଠାନର ବ୍ୟବହାର କରୁଛି। କାନାଡା ଏବେ ଏହି ଆତିଙ୍କବାଦୀ ସଂଗଠନଗୁଡିକ ପାଇଁ ଭୂସ୍ୱର୍ଗ ପାଲିଟିଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ପତିଙ୍କୁ ଛୁରି ଭୁସି ହତ୍ୟା କଲେ ପତ୍ନୀଙ୍କ ପାର୍ଟନର

କୋଲାମ୍, ୬।୯(ଏଜେନ୍ସି): ଦକ୍ଷିଣ କେରଳ ଜିଲ୍ଲାର ନାଦୁଭାତୁରଠାରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ପତ୍ନୀଙ୍କ ଲିଭ୍- ଇନ୍ ପାର୍ଟନର ଛୁରି ଭୁଶି ହତ୍ୟା କରିଛନ୍ତି। ମୃତ ବ୍ୟକ୍ତି ହେଉଛନ୍ତି ୪୧ ବର୍ଷୀୟ ଶ୍ୟାମସୁନ୍ଦର। ଅଭିଯୁକ୍ତ ହେଉଛନ୍ତି ତାଙ୍କ ଘର ପାଖରେ ରହୁଥିବା ୩୭ ବର୍ଷୀୟ ଧନେଶ। ଗତ ୪ ବର୍ଷ ହେବ ଶ୍ୟାମସୁନ୍ଦରଙ୍କୁ ଛାଡି ତାଙ୍କ ପତ୍ନୀ ଓ ପିଲା ଧନେଶଙ୍କ ପାଖରେ ରହୁଥିଲେ। ତେଣୁ ଦୁହିଁଙ୍କ ମଧ୍ୟରେ ବହୁ ସମୟରେ ଝଗଡ଼ା ହେଉଥିଲା। କିନ୍ତୁ ଶୁକ୍ରବାର ରାତି ୧୦ଟାରେ ପତ୍ନୀ ଓ ପିଲାଙ୍କ ମାଧ୍ୟମରେ ଧନେଶ ମୋ ଧନସମ୍ପତ୍ତି ହଡପ୍ କରିବାକୁ ପ୍ରୟାସ କରୁଛନ୍ତି ବୋଲି ଶ୍ୟାମସୁନ୍ଦର ଅଭିଯୋଗ କରିଥିଲେ ଓ ଏ ନେଇ ଦୁହିଁଙ୍କ ମଧ୍ୟ ପ୍ରବଳ ଝଗଡ଼ା ହୋଇଥିଲା। କିନ୍ତୁ ଲୋକେ ଦୁହିଁଙ୍କୁ ବୁଝାଶୁଝା କରି ଅଲଗା କରିଥିଲେ। କିନ୍ତୁ ରାତି ୧୧.୫୦ରେ ଧନେଶ ପ୍ରତ୍ୟାବର୍ତ୍ତନ କରି ଶ୍ୟାମସୁନ୍ଦରଙ୍କୁ ଛୁରି ଭୁସି ଥିଲା। ଆହତ ଶ୍ୟାମସୁନ୍ଦରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେ ମୃତ୍ୟୁବରଣ କରିଥିଲେ।

# ରୋପୱେ ଛିଡ଼ିପଡ଼ି; ୬ ମୃତ

ଅହମଦାବାଦ, ୬।୯(ଏଜେନ୍ସି): ଗୁଜରାଟର ପଞ୍ଚମହଲ ଜିଲ୍ଲାର ପାଭାଗଡ଼ ହିଲ୍ ଟେମ୍ପଲ ତଥା ମହାକାଳୀ ମନ୍ଦିରର ଶକ୍ତିପୀଠରେ ଶନିବାର ଗୁଡ୍ସ ରୋପୱେ ଛିଡିବା ଫଳରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଶନିବାର ଅପରାହ୍ଣରେ ହୋଇଥିବା ଦୁର୍ଘଟଣାରେ ୬ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଆଉ କେତେଜଣ ଆହତ ହୋଇଛନ୍ତି। ଏହି ଗୁଡ୍ସ ରୋପୱେରେ ଜିନଷ ପତ୍ର ନବା ଆଣିବା ହୋଇଥାଏ। ସୂଚନା ମିଳିବା ମାତ୍ରେ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ରୋପୱେର ତାର ଛିଡିବା ଫଳରେ ଟ୍ରଲି ଉପରୁ ସିଧା ତଳକୁ ଖସିପଡ଼ିଥିଲା। ମୃତକଙ୍କ ମଧ୍ୟରେ ୨ ଜଣ ଲିଫ୍ଟ ଅପରେଟର, ୨ ଜଣ ଶ୍ରମିକ ଓ ଅନ୍ୟ ୨ ଜଣ ଅଛନ୍ତି।

# ଲାଲ୍‌କିଲ୍ଲାରୁ ଏକ କୋଟିର ସୁନା କଳସ ଚୋରି



ନୂଆଦିଲ୍ଲୀ, ୬।୯(ଏଜେନ୍ସି): ଦିଲ୍ଲୀର ଲାଲ୍ କିଲ୍ଲା ପରିସରରେ ଆୟୋଜିତ ହୋଇଥିବା ଏକ ଜୈନ ଧାର୍ମିକ ଶିବିରରୁ ଦୁଇଟି ସୁନା କଳସ ସମେତ ଦେଢ଼ କୋଟି ଟଙ୍କାର ଜିନିଷ ଚୋରି ହୋଇଛି` ସେପ୍ଟେମ୍ବର ୨ରେ ଏହି ଧାର୍ମିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏବେ ଏହାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ଏଥିରେ ଜଣେ ଚୋର ଜୈନ ପୂଜାରୀ ବେଶ ଧାରଣ କରି ଏହି ବହୁମୂଲ୍ୟ ଜିନିଷରେ ଭରିଥିବା ବ୍ୟାଗ୍‌କୁ ନେଇଯାଇଥିବାର ଦେଖାଯାଉଛି। ଏହି ସଂଦିଗ୍ଧ ଚୋରକୁ ଚିହ୍ନଟ କରାଯାଇଛି ଓ ଖୁବ୍‌ଶୀଘ୍ର ତାକୁ ଗିରଫ କରାଯିବ ବୋଲି ପୁଲିସ କହିଛି।

ହୀରାରେ ଖଚିତ ଏହି ସୁନା କଳସର ଓଜନ ହେଉଛି ୭୬୦ ଗ୍ରାମ୍। ଏଥିରେ ଏକ ନଡ଼ିଆ ଲଗା ହୋଇଥିଲା। ସେହିପରି ୧୧୫ ଗ୍ରାମ୍‌ର ଦ୍ୱିତୀୟ କଳସରେ ହୀରା, ରୁବି ଓ ମାଣିକ ରହିଥିଲା। ଏହି କଳସକୁ ଜୈନ ଧର୍ମରେ ସବୁଠାରୁ ପବିତ୍ର ବୋଲି ବିବେଚନା କରାଯାଏ ଓ ଏହାକୁ ବିଭିନ୍ନ ଧାର୍ମିକ କାର୍ଯ୍ୟରେ ସ୍ଥାନ ଦିଆଯାଇଥାଏ।

ଉଲ୍ଲେଖଥାଉ କି, ଗତ ଅଗଷ୍ଟ ୧୫ ତାରିଖରେ ଲାଲକିଲ୍ଲା ପରିସରରେ ଥିବା ପାର୍କରେ ୧୦ ଦିନ ପାଇଁ ଧାର୍ମିକ ଆୟୋଜନ 'ଦଶଲକ୍ଷଣ ମହାପର୍ବ' ଆୟୋଜିତ ହୋଇଥିଲା। ଏହି ସୁନା କଳସ ଓ ବହୁମୂଲ୍ୟ ଜିନିଷ ବ୍ୟବସାୟୀ ସୁଧୀର ଜୈନଙ୍କର ଥିଲା। ସୁଧୀର ଅନୁଷ୍ଠାନ ପାଇଁ ସବୁଦିନ ମୂଲ୍ୟବାନ ଜିନିଷ ଆଣିଥାନ୍ତି। ଗତ ବୁଧବାର ସେ ଅନୁଷ୍ଠାନ ପାଇଁ କଳସ ଆଣିଥିଲେ। ଏହି କାର୍ଯ୍ୟକ୍ରମରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଧ୍ୟ ସାମିଲ ଥିଲେ। ଓମ ବିର୍ଲାଙ୍କ ସ୍ୱାଗତ ଅବସରରେ ସୃଷ୍ଟି ହୋଇଥିବା ଭିଡ଼ ଓ ଦୌଡ଼ାଦୌଡ଼ରେ ଏହି କଳସ ଓ ଅନ୍ୟ ଜିନିଷ ଚୋରି ହୋଇଥିଲା ବୋଲି ପୁଲିସ କହିଛି।

## ଅନୀଲ ଅମ୍ବାନୀଙ୍କ ଉପରେ ପୁଣି ବଡ଼ କାର୍ଯ୍ୟାନୁଷ୍ଠାନ

# ଠକ ଘୋଷଣା କଲା ବ୍ୟାଙ୍କ ଅଫ ବରୋଦା

ମୁମ୍ବାଇ, ୬।୯ (ଏଜେନ୍ସି): ଶିଳ୍ପପତି ତଥା ରିଲାଏନ୍ସ କମ୍ୟୁନିକେସନ୍ସର ଅଧ୍ୟକ୍ଷ ଅନୀଲ ଅମ୍ବାନୀଙ୍କ ସମସ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏବେ ଆଉ ଏକ ବ୍ୟାଙ୍କ ତାଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଲଗା ଅଲଗା ଋଣ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସିବିଆଇ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେଉଥିବା ଅନୀଲଙ୍କୁ ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଠକ ଘୋଷଣା କରିଛି। ଏହା ପୂର୍ବରୁ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ତାଙ୍କୁ ଠକ ଘୋଷଣା କରିଥିଲା।

ରିଲାଏନ୍ସ କମ୍ୟୁନିକେସନ୍ସ (ଆରକମ୍) ପକ୍ଷରୁ କୁହାଯାଇଛି ଯେ ଗତ ୨ ତାରିଖରେ ଏନେଇ କମ୍ପାନୀକୁ ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। କମ୍ପାନୀକୁ ବିଓବି ୧୬୦୦ କୋଟି ଟଙ୍କାର ଋଣ ଏବଂ ୮୬୨. ୫୦ କୋଟି ଟଙ୍କାର 'ଲାଇନ ଅଫ୍ କ୍ରେଡିଟ୍' (ଏଲଓସି) ଦେଇଥିଲା। ସେହିପରି ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ ଆର୍‌କମ୍ ୨, ୪୬୨.୫୦ କୋଟି ଟଙ୍କାର ଋଣ ନେଇଥିଲା। ଗତ ୨୮ ତାରିଖ ସୁଦ୍ଧା ଏଥିରୁ ୧୬୫୬.୦୭ କୋଟି ଟଙ୍କା ବାକି ରହିଥିଲା। ୨୦୧୭ ଜୁନ୍ ୫ ପରଠାରୁ ଋଣ ପରିଶୋଧ କରାଯାଇ ନାହିଁ। ଋଣ ନେଇଥିବା ବ୍ୟାଙ୍କ ଆକାଉଣ୍ଟ ଟି ସେହି ଦିନଠାରୁ ନନ୍ ପରଫର୍ମିଂ ଆସେଟ (ଏନ୍‌ପିଏ) ହୋଇଯାଇଛି। ଯଦି କୌଣସି ବ୍ୟକ୍ତି କିମ୍ବା କମ୍ପାନୀ ଋଣର



କିସ୍ତି କିମ୍ବା ସୁଧ ୯୦ ଦିନ କିମ୍ବା ତାଠାରୁ ଅଧିକ ଦିନ ପର୍ଯ୍ୟନ୍ତ ଦିଏ ନାହିଁ ତେବେ ତାହା ଏନ୍‌ପିଏ ହୋଇଯାଏ। ସେହିପରି ଏଲ୍‌ଓସି ହେଉଛି ରିଭଲଭିଂ କ୍ରେଡିଟ। ଏହା ମାଧ୍ୟମରେ ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରତିଷ୍ଠାନଠାରୁ ନିର୍ଦ୍ଧାରିତ ସୀମା ପର୍ଯ୍ୟନ୍ତ ଆବଶ୍ୟକତା ହିସାବରେ ଋଣ ନେଇ ପରିଶୋଧ କରିହେବ। ଏହା ସାଧାରଣ ଋଣଠାରୁ ଭିନ୍ନ। ଆରକମ୍‌ର ପ୍ରବକ୍ତା କହିଛନ୍ତି ଯେ ଏହି ମାମଲା ୧୨ ବର୍ଷର ତଳର। ଅନୀଲ ୨୦୦୬ରୁ ୨୦୧୯ ପର୍ଯ୍ୟନ୍ତ ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିଲେ। କମ୍ପାନୀର ଦୈନିକ ପରିଚାଳନା କିମ୍ବା ନିଷ୍ପତ୍ତିରେ ତାଙ୍କର କୌଣସି ହସ୍ତକ୍ଷେପ ନ ଥିଲା। ସମସ୍ତ ଅଭିଯୋଗ ଭିତ୍ତିହୀନ। ଏ ନେଇ ଆଇନଗତ ପଦକ୍ଷେପ ନିଆଯିବ।

# ହନିମୁନ୍ ହତ୍ୟା ମାମଲା: ପତ୍ନୀ ସୋନମ୍, ପ୍ରେମିକ ରାଜ ମୁଖ୍ୟ ଅଭିଯୁକ୍ତ

ଇନ୍ଦୋର, ୬।୯(ଏଜେନ୍ସି): ଇନ୍ଦୋର ଟ୍ରାନ୍ସପୋର୍ଟ ବ୍ୟବସାୟୀ ରାଜା ରଘୁବଂଶୀ ହତ୍ୟା ମାମଲାରେ ମୃତଦେହ ମିଳିବାର ୯୭ ଦିନପରେ ଶନିବାର ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଚାର୍ଜସିଟ୍ ଦାଖଲ କରିଛି। ମେଘାଳୟ ପୁଲିସର ଏସ୍‌ଆଇଟି ଶିଲଂ କୋର୍ଟରେ ୭୯୦ ପୃଷ୍ଠାର ଅଭିଯୋଗ ପତ୍ର ବା ଚାର୍ଜସିଟ୍ ଦାଖଲ କରିଛି। ଏ ନେଇ ରାଜା ରଘୁବଂଶୀ ପରିବାରକୁ ମଧ୍ୟ ଅବଗତ କରାଯାଇଛି। ରାଜାଙ୍କ ଭାଇ ବିପିନ ରଘୁବଂଶୀ ଏ ନେଇ ସୂଚନା ଦେଇଛନ୍ତି। ଏହି ଚାର୍ଜସିଟ୍‌ରେ ରାଜାଙ୍କ ପତ୍ନୀ ସୋନମ ଓ ତାଙ୍କ ପ୍ରେମିକ ରାଜ କୁଶୱାହଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ସୋନମ ଓ ରାଜଙ୍କ ସମେତ ମୋଟ୍ ୩ ଜଣ ବିରୋଧରେ ହତ୍ୟା ନେଇ ଅଭିଯୋଗ କରାଯାଇଛି। ଏହି ମାମଲାରେ ୫ଜଣ ଅଭିଯୁକ୍ତ ଏବେ ବିଚାର ବିଭାଗୀୟ ହାଜତରେ ରହିଛନ୍ତି। ସୋନମ ଓ ରାଜଙ୍କ ସମେତ ହତ୍ୟାରେ ସହଯୋଗ କରିଥିବା ଆକାଶ ରାଜପୁତ, ଆନନ୍ଦ କୁର୍ମି ଓ ବିଶାଲ ସିଂ ଚୌହାନଙ୍କ ବିରୋଧରେ ମଧ୍ୟ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି।

ରାଜା ରଘୁବଂଶୀ ଓ ସୋନମ ବିବାହ ପରେ ହନିମୁନ ପାଇଁ ମେଘାଳୟ ଯାଇଥିଲେ। ତେବେ ମେ ୨୩ରେ ରାଜାଙ୍କୁ ଷଡ଼ଯନ୍ତ୍ରପୂର୍ବକ ହତ୍ୟା କରାଯାଇଥିଲା। ପୂର୍ବ ଖାସୀ ହିଲ୍ସ ଏସ୍‌ପି ବିବେକ ସିମ୍ କହିଛନ୍ତି ଯେ, ଅତିରିକ୍ତ ଫରେନସିକ୍ ରିପୋର୍ଟ ଆସିବା ପରେ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କ ବିରୋଧରେ ସପ୍ଲିମେଣ୍ଟାରୀ ଚାର୍ଜସିଟ୍ ଦାଖଲ କରାଯିବ। ପ୍ରମାଣ ନଷ୍ଟ କରିବା ଓ ଲୁଚାଇବା ଅଭିଯୋଗରେ ଏହି ୩ ଜଣଙ୍କୁ ଗିରଫ କରାଯାଇଥିଲା। ଅବଶ୍ୟ ଏହି ୩ ଜଣ ଏବେ ଜାମିନ ପାଇ ବାହାରେ ଅଛନ୍ତି। ଗତ ମେ ୧୧ରେ ରାଜା ଓ ସୋନମଙ୍କ ବିବାହ ହୋଇଥିଲା। ମେ ୨୦ରେ ଦୁହେଁ ହନିମୁନ ପାଇଁ ମେଘାଳୟ ଯାଇଥିଲେ। କିନ୍ତୁ ବହୁ ଖୋଜାଖୋଜି କରିବା ପରେ ଶିଲଂର ଏକ ଖାଇରେ ରାଜାଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ଗଛ କାଟିବା ଅସ୍ତ୍ରରେ ରାଜାଙ୍କୁ ହତ୍ୟା କାରଯାଇଥିଲା। ଜୁନ୍ ୯ରେ ପୁଲିସ ସୋନମଙ୍କୁ ଉତ୍ତରପ୍ରଦେଶ ଗାଜିପୁରରେ ଏକ ଢ଼ାବାରୁ ଗିରଫ କରିଥିଲା। ସେତେବେଳେ ଏହି ଘଟଣାକୁ ନେଇ ସାରା ଦେଶରେ ଚର୍ଚ୍ଚା ସୃଷ୍ଟି ହୋଇଥିଲା।

**୭୯୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ**



## ୨୭ରେ ଓଟିଇଟି ପରୀକ୍ଷା

କଟକ, ୬।୯(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପରୀକ୍ଷା ଆସନ୍ତା ସେପ୍ଟେମ୍ବର ୨୭ରେ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ ହୋଇଛି। ଏ ସଂକ୍ରାନ୍ତରେ ବୋର୍ଡ ପକ୍ଷରୁ ଆଜି ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରଥମ ସିଟିଂରେ ପେପର୍-୧ ପରୀକ୍ଷା ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଓ ଦ୍ୱିତୀୟ ସିଟିଂରେ ପେପର୍-୨ ପରୀକ୍ଷା ଦିନ୨ଟାରୁ ଅପରାହ୍ଣ ସାଢ଼େ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କୁହାଯାଇଛି। ରାଜ୍ୟର ୧୯୩ଟି କେନ୍ଦ୍ରରେ ୭୫ହଜାର ୪୦୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଆସନ୍ତା ୧୭ ତାରିଖରେ ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଉପଲବ୍ଧ ହେବ।

ପ୍ରକାଶଥାଉକି ପ୍ରଥମେ ଗତ ଜୁଲାଇ ୨୦ତାରିଖରେ ଏହି ପରୀକ୍ଷା କରାଯିବ ବୋଲି ସ୍ଥିର ହୋଇଥିଲା। ତେବେ ପ୍ରଶ୍ନପତ୍ର ଲିକ ଘଟଣା ପାଇଁ ଜୁଲାଇ ୨୦ରେ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ପରେ ତରବରିଆ ଭାବେ ଅଗଷ୍ଟ ୩୧ରେ ପରୀକ୍ଷା ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା। ଏହାକୁ ମଧ୍ୟ ସ୍ଥଗିତ ରଖାଯାଇଥିଲା। ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣାରେ ବୋର୍ଡର ପ୍ରାକ୍ତନ ଉପସଭାପତି ନିହାର ମହାନ୍ତି ଓ ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣାଙ୍କ ସମେତ ମୋଟ ୮ ଜଣଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ। ଅଭିଯୁକ୍ତମାନଙ୍କ ଜାମିନ ଖାରଜ ପରେ ସେମାନେ ଏବେ ବି ଜେଲରେ ରହିଛନ୍ତି।

## ଦୁର୍ଗାପୂଜା ଭସାଣି ପାଇଁ ପୁଲିସ ଏସ୍‌ଆଇ ତୃତୀୟ ପତ୍ର ପରୀକ୍ଷା ଘୁଞ୍ଚିଲା

କଟକ, ୬।୯ (ସମିସ): ଆସନ୍ତା ଶାରଦୀୟ ଦୁର୍ଗାପୂଜା ଭସାଣ ଉତ୍ସବକୁ ଦୃଷ୍ଟିରେ ରଖି ଓଡ଼ିଶା ପୁଲିସ ଏସ୍‌ଆଇ ତୃତୀୟ ପତ୍ର ପରୀକ୍ଷାକୁ ପୁନଃନିର୍ଦ୍ଧାରିତ କରାଯାଇଛି। ଓଡ଼ିଶା ପୁଲିସ ନିଯୁକ୍ତିବୋର୍ଡ (ଓପିଆରବି) ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଦୁର୍ଗାପୂଜା ଭସାଣି ଯୋଗୁଁ ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଛି। ହେଲେ ଅକ୍ଟୋବର ୫ରେ ହେବାକୁ ଥିବା ଦୁଇଟି ପତ୍ରର ପରୀକ୍ଷା ପୂର୍ବ ସୂଚୀ ଅନୁସାରେ ଅନୁଷ୍ଠିତ ହେବ। ପୁଲିସ୍ ଏସ୍‌ଆଇ ନିଯୁକ୍ତି ପାଇଁ କମ୍ବାଇନ ପୁଲିସ ସେବା ପରୀକ୍ଷା (ସିପିଏସଇ-୨୦୨୪)ର ତୃତୀୟପତ୍ର ୨୦୨୫ ଅକ୍ଟୋବର ୪ରେ ହେବାର ଥିଲା। ହେଲେ ଏହି ପରୀକ୍ଷାକୁ ଅକ୍ଟୋବର ୬କୁ ଘୁଞ୍ଚାଯାଇଛି। ତୃତୀୟ ପତ୍ର, ଯେଉଁଥିରେ ପଦାର୍ଥ ବିଜ୍ଞାନ ଏବଂ ରସାୟନ ବିଜ୍ଞାନ ବିଷୟ ଅନ୍ତର୍ଭୁକ୍ତ, ତାହା ୬ତାରିଖ ସକାଳ ୧୦ଟା ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କିଛି ପ୍ରମୁଖ ସହରରେ ଆସନ୍ତା ଅକ୍ଟୋବର ୩ ଓ ୪ ତାରିଖରେ ହେବାକୁ ଥିବା 'ଦୁର୍ଗାପୂଜା ଭସାଣି' ମହୋତ୍ସବକୁ ଦୃଷ୍ଟିରେ ରଖି କିଛି ପ୍ରାର୍ଥୀ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ନେଇ ଆଶଙ୍କା ଦେଖାଦେଇଥିଲା। ଉପରୋକ୍ତ ଦିଗକୁ ଧ୍ୟାନ ଦେଇ କେବଳ ଏହି ବିଷୟ ପରୀକ୍ଷା ୬ ତାରିଖକୁ ଘୁଞ୍ଚାଇ ଦିଆଯାଇଛି ବୋଲି ପୁଲିସ ନିଯୁକ୍ତି ବୋର୍ଡ ବିଜ୍ଞପ୍ତି ଜାରି କରିଛି।

### ନବୀନ ନିବାସରେ ବିଜେଡିର ପିଏସି ବୈଠକ

# ତୃଣମୂଳରୁ ସୁଦୃଢ଼ ହେବ ସଂଗଠନ



ଭୁବନେଶ୍ୱର,୬।୯(ସମିସ): ଶନିବାର ନବୀନ ନିବାସରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି ଦଳର ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ। ତୃଣମୂଳସ୍ତରରୁ ଦଳକୁ ଅଧିକ ସୁଦୃଢ଼ କରାଯିବା ସହ ଯୁବ-ଛାତ୍ର-ମହିଳା ଟିମ୍ ମିଳିତ ଭାବରେ ନିଜନିଜ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଏହ ଅବସରରେ ଦଳୀୟ ନେତାଙ୍କୁ ନବୀନ ପରାମର୍ଶ ଦେଇଥିବା ସୂଚନା ଦେଇଛନ୍ତି କମିଟିର ସଦସ୍ୟ ପ୍ରମିଳା ମଲ୍ଲିକ। ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ନିକଟରେ ସଭାପତି ଦଳର ଛାତ୍ର, ଯୁବ ଓ ମହିଳା ଟିମ୍ ଗଠନ କରିଛନ୍ତି। ବୈଠକରେ ଏହି ତିନି ଛାମୁଆ ସଙ୍ଗଠନ କିପରି ସକ୍ରିୟ ଭାବରେ ତୃଣମୂଳସ୍ତରରୁ କାମ କରିବେ, ସେ ସମ୍ପର୍କରେ ଦଳର ସଭାପତି ପରାମର୍ଶ ଦେଇଛନ୍ତି। ସେହିପରି ଆସନ୍ତା ବିଧାନସଭାରେ ସରକାରଙ୍କ ବିଫଳତା ଓ ଅପାରଗତାକୁ କିପରି ଶାଣିତ ଭାବରେ ଉପସ୍ଥାପନ କରାଯିବ ସେ ସଂକ୍ରାନ୍ତରେ ମଧ୍ୟ ସଭାପତି ଆମମାନଙ୍କୁ ପରାମର୍ଶ ଦେଇଛନ୍ତି ବୋଲି ପ୍ରମିଳା କହିଛନ୍ତି। ଏହା ସହ ରାଜ୍ୟର ରାଜନୈତିକ ସ୍ଥିତି ଓ ଦଳର ଆଗାମୀ ପଦକ୍ଷେପ ସହ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିବା ମଧ୍ୟ ସୂଚନା ମିଳିଛି। ଏହି ବୈଠକରେ ପିଏସି ସଦସ୍ୟ ତଥା ଦଳର ବରିଷ୍ଠ ଉପ ସଭାପତି ଦେବୀପ୍ରସାଦ ମିଶ୍ର, ନବୀନଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର, ବରିଷ୍ଠ ନେତା ନିରଞ୍ଜନ ପୂଜାରୀ, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ସୁଦାମ ମାର୍ଣ୍ଡି ଓ ଟୁକୁନି ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଗିରି ଗୋବର୍ଦ୍ଧନ ପୂଜା ବେଳେ ବଜ୍ରପାତ; ୫୦ ଶ୍ରଦ୍ଧାଳୁ ଆହତ



ଦେବଗଡ଼/କଣିହାଁ, ୬।୯ (ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ କୁଣ୍ଡେଇଗୋଳା ଥାନା ପରା ପଞ୍ଚାୟତ ଅନ୍ତର୍ଗତ ଜରାଛାଟ ଗାଁରେ ଆଜି ଗିରିଗୋବର୍ଦ୍ଧନ ପୂଜା ବେଳେ ବଜ୍ରପାତରେ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଆହତ ହୋଇଛନ୍ତି। ଆହତମାନଙ୍କୁ ନିକଟସ୍ଥ କଣିହାଁ, ଛେଣ୍ଡିପଦା ଓ କୋସଳା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଆହତମାନଙ୍କ ମଧ୍ୟରୁ ରାତି ସୁଦ୍ଧା ରାକେଶ ସାହୁ, ବିକାଶ ବିଶ୍ୱାଳ ଓ କଣିହାଁ ଅଞ୍ଚଳର ଅନ୍ୟ ଜଣେ ବ୍ୟକ୍ତିଙ୍କ ସଂଜ୍ଞା ଫେରି ନ ଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଜରାଛାଟ ଗାଁ କମିଟି ଆନୁକୂଲ୍ୟରେ ଆଜି ଗାଁରେ ଥିବା ଚିତ୍ରକୂଟ ପର୍ବତରେ ଗିରିଗୋବର୍ଦ୍ଧନ ପୂଜା ଆୟୋଜନ କରାଯାଇଥିଲା। କଣିହାଁ ଅଞ୍ଚଳରେ ଥିବା ଚାଙ୍ଗୁଡ଼ିଆ ମଠର ବାବା ଚନ୍ଦ୍ରଶେଖର ପୂଜକ ଭାବେ ଚିତ୍ରକୂଟ ପର୍ବତ ଉପରେ ପୂଜା ଓ ଯଜ୍ଞ ପାଇଁ ପ୍ରସ୍ତୁତି ଚଳାଇଥିଲେ। ଅପରାହ୍ଣ ପ୍ରାୟ ୪ଟାରେ ପାହାଡ଼ ଉପରେ ଗିରିପୂଜା ଦେଖିବା ପାଇଁ ଗାଁରୁ ପ୍ରାୟ ୭୦/୮୦ଜଣ ମହିଳା ପୁରୁଷ ଓ ଶିଶୁ ଉପସ୍ଥିତ ଥିଲେ। ପୂଜା ଆରମ୍ଭ ହେବାର ମାତ୍ର କିଛି ସମୟ ପରେ ଆକାଶରେ କଳାହାଣ୍ଡିଆ ମେଘ ମାଡ଼ି ଆସିବା ସହ ପ୍ରବଳ ଘଡ଼ଘଡ଼ି ଓ ବଜ୍ରପାତ ହୋଇଥିଲା। ଏଥିରେ ପାହାଡ଼ ଉପର ପୂଜାସ୍ଥଳୀ ନିକଟରେ ଥିବା ୪୦/୫୦ଜଣ ସଂଜ୍ଞାହୀନ ହୋଇପଡ଼ି ଯାଇଥିଲେ। ଏହାକୁ ନେଇ ସେଠାରେ ଭୟର ବାତାବରଣ ଖେଳିଯାଇଥିଲା। ମାତ୍ର, ପୂଜକ ଚନ୍ଦ୍ରଶେଖର ବାବା ଗାଁ କମିଟି ସଭାପତି ତ୍ରିବିକ୍ରମ ସାହୁ ଓ ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ବର୍ତ୍ତି ଯାଇଥିବାରୁ ସେମାନେ ଘଟଣା ସମ୍ପର୍କରେ ଗାଁ ଲୋକଙ୍କୁ ଖବର ଦେବା ସହ ଆମ୍ବୁଲାନ୍ସକୁ ଡାକିଥିଲେ। ମାତ୍ର ଆମ୍ବୁଲାନ୍ସ ନ ଆସିବାରୁ ପରା ପଞ୍ଚାୟତର ପୂର୍ବତନ ସରପଞ୍ଚ ତପନ ସାହୁ ବୋଲେରୋ ଯୋଗେ ଗୁରୁତର ଭାବେ ଆହତଙ୍କୁ ପାହାଡ଼ରୁ ୪ କିମି ତଳକୁ ଆଣି ଭିନ୍ନଭିନ୍ନ ଡାକ୍ତରଖାନାକୁ ପଠାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ କୁଣ୍ଡେଇଗୋଳା ପୁଲିସ ନିକଟରେ କୌଣସି ସୂଚନା ନଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ଆଜି ରାଜ୍ୟବ୍ୟାପୀ ବର୍ଷା

ଭୁବନେଶ୍ୱର,୬।୯(ସମିସ): ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ଅଳ୍ପ ବହୁତେ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଶନିବାର ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ରବିବାର ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ସାଙ୍ଗକୁ ବିଜୁଳି ଓ ଘଡଘଡିର ସମ୍ଭାବନା ରହିଛି। ଏଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଉପରୋକ୍ତ ୫ ଜିଲ୍ଲା ବ୍ୟତୀତ ଅନ୍ୟ ୨୫ଟି ଜିଲ୍ଲାରେ ବର୍ଷା ସାଙ୍ଗକୁ ବିଜୁଳି, ଘଡଘଡିର ସମ୍ଭାବନା ଅଛି। ସୋମବାର ବର୍ଷାର ବିସ୍ତୃତି ସାମାନ୍ୟ ହ୍ରାସ ପାଇବ, ମାତ୍ର ମଙ୍ଗଳବାର ଓ ବୁଧବାର ବର୍ଷାର ବିସ୍ତୃତି ବଢ଼ିବ। ଉକ୍ତ ୨ ଦିନ ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ଥିବାବେଳେ ଗୁରୁବାରଠାରୁ ପାଗରେ ପରିବର୍ତ୍ତନ ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।



**୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ**

**ଗୁରୁବାରରୁ ବଦଳିବ ପାଗ**

ଅପରପକ୍ଷେ ଶନିବାର ପାଣିପାଗ କେନ୍ଦ୍ର ପ୍ରଦତ୍ତ ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ରାଜ୍ୟର ୩ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ବୌଦ୍ଧରେ ସର୍ବାଧିକ ୮୯ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଡୁଙ୍ଗୁରିପାଲୀରେ ୮୦ ମିମି, ବଲାଙ୍ଗୀରରେ ୭୫ ମିଲିମିଟର, କନ୍ଧମାଳର କୋଟଗଡରେ ୭୨ ମିଲିମିଟର, କୋରାପୁଟର ନନ୍ଦପୁରରେ ୬୧ ମିଲିମିଟର, କଳାହାଣ୍ଡିର ଲାଞ୍ଜିଗଡରେ ୫୯ ମିଲିମିଟର, କୋରାପୁଟର ସେମିଳିଗୁଡାରେ ୫୪ ମିଲିମିଟର, କେନ୍ଦୁଝରର ବାଂଶପାଳରେ ୪୯.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

### ଗଣେଶ ଭସାଣି ବେଳେ ଅଘଟଣ

## ହୃଦ୍‌ଘାତରେ ଚାଲିଗଲା ୨ ଜୀବନ

ରାୟଗଡ଼ା/ କଲ୍ୟାଣସିଂହପୁର, ୬।୯(ସମିସ): ଗଣେଶ ବିସର୍ଜନ ବେଳେ ହୃଦ୍‌ଘାତରେ ଚାଲିଗଲା ୨ ଜୀବନ। ଗତ ୨୪ ଘଣ୍ଟାରେ ରାୟଗଡ଼ା ଜିଲ୍ଲାରେ ପୃଥକ୍ ପୃଥକ୍ ସ୍ଥାନରେ ଏପରି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ରାୟଗଡ଼ା ସହର ରାମକୃଷ୍ଣ ନଗର ପୋଷ୍ଟ ଅଫିସ୍ ଲାଇନର ବାସିନ୍ଦା ଚନ୍ଦ୍ର ଖରାଙ୍କ ପୁଅ ସୂରଜ ଖରା (୨୮) ଏବଂ କଲ୍ୟାଣସିଂହପୁର ବ୍ଲକ ମାଝୀଗୁଡା ଗ୍ରାମର ଜାଡି ବେଣୁଗୋପାଳ। ବିସର୍ଜନ ଶୋଭାଯାତ୍ରାରେ ସୂରଜ ନାଚୁନାଚୁ ଗଳି ପଡ଼ିଥିବା ବେଳେ ଡିଜେର ଅତ୍ୟଧିକ ଶବ୍ଦ ବେଣୁଗୋପାଳଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଗତକାଲି ରାୟଗଡ଼ା ସହରସ୍ଥିତ ରାମକୃଷ୍ଣନଗର ନବମ ଲାଇନରେ ଗଣେଶ ଭସାଣି ଶୋଭାଯାତ୍ରା ଚାଲିଥିଲା। ଶୋଭାଯାତ୍ରାରେ ସୂରଜ ନାଚିନାଚି ଯାଉଥିବା ବେଳେ ହଠାତ୍ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାୟଗଡ଼ା ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ପ୍ରସନ୍ନ ବେହେରା ସୂଚନା ଦେଇଛନ୍ତି। ସେହିପରି ଆଜି ସଂଧ୍ୟା ପ୍ରାୟ ୬ଟାରେ କଲ୍ୟାଣସିଂହପୁର ବ୍ଲକ୍ ମାଝୀଗୁଡ଼ା ଗ୍ରାମରେ ଗଣେଶ ଭସାଣି ଚାଲିଥିଲା। ଶୋଭାଯାତ୍ରାରେ ଜାଡି ବେଣୁଗୋପାଳ ସାମିଲ ଥିଲେ। ତେବେ ଅତ୍ୟଧିକ ଡିଜେ ସାଉଣ୍ଡ ଯୋଗୁଁ ବେଣୁଗୋପାଳଙ୍କ ହୃଦ୍‌ଘାତ ହୋଇଥିଲା ଏବଂ ସେ ଘଟଣାସ୍ଥଳରେ ଟଳି ପଡ଼ିଥିଲେ।

### ଜିଲ୍ଲାପାଳଙ୍କୁ ପଞ୍ଚାୟତିରାଜ ବିଭାଗର ଚିଠି

## ପଞ୍ଚାୟତ, ବ୍ଲକ୍ ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ଉପସ୍ଥାନ ବାଧ୍ୟତାମୂଳକ

ଭୁବନେଶ୍ୱର,୬।୯(ସମିସ): ସମୟାନୁବର୍ତ୍ତିତା ଓ କାମରେ ସ୍ୱଚ୍ଛତା ଆଣିବାକୁ ଲକ୍ଷ୍ୟ ରଖି ସରକାର ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିଛନ୍ତି। ଏସବୁ କାର୍ଯ୍ୟାଳୟରେ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ଯେପରି ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସି ଜନସାଧାରଣଙ୍କୁ ସେବା ଯୋଗାଇବେ, ତାହା ନିଶ୍ଚିତ କରିବା ପାଇଁ ତୁରନ୍ତ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି। ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥା କାର୍ଯ୍ୟକାରୀ କରି ତୁରନ୍ତ ଅଗ୍ରଗତିର ରିପୋର୍ଟ ଦେବାକୁ ମଧ୍ୟ ଜିଲ୍ଲାପାଳମାନଙ୍କୁ ବିଭାଗ ନିର୍ଦ୍ଦେଶ ଦେଇଛି।

### ପୁଣି ଇସ୍କନ୍ ଉପରେ ବର୍ଷିଲେ ଗଜପତି

# ନୀତି, ପରମ୍ପରା ନ ମାନିଲେ ଆଇନର ଆଶ୍ରୟ ନିଆଯିବ

ଭୁବନେଶ୍ୱର, ୬।୯ (ସମିସ): ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରଚାର କରିବା ଭଲ; କିନ୍ତୁ ଅଦିନରେ କଲେ ମଙ୍ଗଳ ନୁହେଁ। ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁରୀ ଗଜପତି ମହାରାଜ ଦିବ୍ୟସିଂହଦେବ ଏପରି କହିବା ସହ ଇସ୍କନର କାର୍ଯ୍ୟଶୈଳୀ ଉପରେ ଭୀଷଣ ବର୍ଷିଛନ୍ତି।

ଗଜପତି କହିଛନ୍ତି ଯେ ମହାପ୍ରଭୁଙ୍କ ସବୁ ନୀତି ନିଜେ ମହାପ୍ରଭୁ ନିର୍ଦ୍ଧାରଣ କରିଛନ୍ତି। କିନ୍ତୁ ଇସ୍କନ ବାରମ୍ବାର ଏହାକୁ ଉଲ୍ଲଂଘନ କରିଆସୁଛି। ନୀତି ଓ ପରମ୍ପରାକୁ ନ ମାନିଲେ ଆମେ ବାଧ୍ୟ ହୋଇ ଆଇନର ଆଶ୍ରୟ ନେବୁ। ପଶ୍ଚିମବଙ୍ଗର ମାୟାପୁରୀରେ ଥିବା ଇସ୍କନ କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କୁ ୧୦୦ ପୃଷ୍ଠା ବିଶିଷ୍ଟ ଏକ ରିପୋର୍ଟ ପଠାଯାଇଛି। ଇସ୍କନ କ'ଣ ଉତ୍ତର ଦେଉଛି, ତାହାକୁ ଅପେକ୍ଷା କରାଯାଇଛି। ସେ ଆହୁରି କହିଥିଲେ, ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଉପରେ ଯଦି ପଡ଼ିବେ, ୫୦ବର୍ଷ ଧରି ଇସ୍କନ ଭୁଲ୍ କାମ କରିଆସୁଛି। ବିଦେଶରେ ଯେତେବେଳେ ରଥଯାତ୍ରା ଆରମ୍ଭ ହୋଇଥିଲା, ପୁରୀ ପରମ୍ପରା ଅନୁସାରେ ଅନୁଷ୍ଠିତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ବିଭ୍ରାଟ ଦେଖାଯାଇଥିଲା। ଅଳ୍ପ କିଛି ସ୍ଥାନରେ ପୁରୀ ସହ ସ୍ନାନଯାତ୍ରା ଓ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଏବେ ଅନେକ ସ୍ଥାନରେ ରଥଯାତ୍ରା ତିଥି ବାହାରେ ଆୟୋଜନ ହେଉଛି।

୨୦୨୧ ଜୁଲାଇ ୨୧ରେ ଇସ୍କନ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ ଯେ ଭାରତ ଭିତରେ ପୁରୀ ପରମ୍ପରା ସହିତ ରଥଯାତ୍ରାର ଆୟୋଜନ କରାଯିବ। କିନ୍ତୁ ଚଳିତବର୍ଷ ଭାରତ ଭିତରେ ଏହାର ଉଲ୍ଲଂଘନ କରାଯାଇଛି। ସେହିପରି ଚଳିତବର୍ଷ ବିଦେଶରେ ୬୮ଟି ସ୍ଥାନରେ ଅଦିନିଆ ରଥଯାତ୍ରା ପାଳନ କରାଯାଇଛି। ଇସ୍କନ ସହ ଯୋଗାଯୋଗ କରିବାରୁ ଜାଣିବାକୁ ପାଇଲୁ ଯେ, ସ୍ନାନଯାତ୍ରାରେ ମଧ୍ୟ ଏଭଳି ବିଭ୍ରାଟ ଦେଖାଯାଉଛି। ଜୁଲାଇ ପର୍ଯ୍ୟନ୍ତ ଦେଶରେ ୪୦ଟି ସ୍ଥାନରେ ସ୍ନାନଯାତ୍ରା ଆୟୋଜନ କରାଯାଇଛି। ଅନେକ ଚିଠି ସତ୍ତ୍ୱେ ଇସ୍କନ ପକ୍ଷରୁ ଭାରତ ବାହାରେ ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ଆୟୋଜନ କରାଯାଉଛି। ମହାପ୍ରଭୁଙ୍କ ସ୍ନାନଯାତ୍ରା ଜ୍ୟେଷ୍ଠ ପୂର୍ଣ୍ଣିମା ଓ ରଥଯାତ୍ରା ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ଆୟୋଜନ କରିବାକୁ ଏକ ପ୍ରସ୍ତାବ ଦିଆଯାଇଛି। ତେଣୁ ଏହା ଉପରେ ଇସ୍କନ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ ବୋଲି ଗଜପତି ମହାରାଜ ପରାମର୍ଶ ଦେଇଛନ୍ତି।



**"ଭଗବାନ କୃଷ୍ଣଙ୍କ ପ୍ରଚାର କରିବା ଭଲ; ଅଦିନରେ କଲେ ମଙ୍ଗଳ ନୁହେଁ"**

**ନୀତି ଅନୁଯାୟୀ ପରମ୍ପରା ପାଳନ କରିବାକୁ ଇସ୍କନକୁ ଏକ ମାସର ମହଲତ**

ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଥିଲେ, ଇସ୍କନ ପକ୍ଷରୁ ବିଦେଶରେ ଆୟୋଜିତ ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ଆଦୌ ଗ୍ରହଣୀୟ ନୁହେଁ। ପୁରୀ ସହ ଦେଶ-ବିଦେଶରେ ରଥଯାତ୍ରା ଓ ସ୍ନାନ ଯାତ୍ରା ଗୋଟିଏ ଦିନରେ ହେବା ଉଚିତ। ମହାପ୍ରଭୁଙ୍କ ସ୍ନାନଯାତ୍ରା ପୂର୍ବରୁ ଇସ୍କନ ପକ୍ଷରୁ ୧୮ଟି ସ୍ଥାନରେ ସ୍ନାନଯାତ୍ରା କରାଯାଇଥିଲା। ଇସ୍କନ ପକ୍ଷରୁ ମିଳିଥିବା ଦସ୍ତାବିଜ୍ ଅନୁଧ୍ୟାନ ପରେ ଏହା ଜଣାଯାଇଛି। କିନ୍ତୁ ଇସ୍କନର ଏହି ପଦକ୍ଷେପ ଆଦୌ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

ଶାସ୍ତ୍ର ତଥା ପରମ୍ପରା ବିରୋଧୀ ଇସ୍କନର ଏହି କାର୍ଯ୍ୟକୁ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ ମଧ୍ୟ ଘୋର୍ ନିନ୍ଦା କରିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ସ୍ନାନଯାତ୍ରା ଏବଂ ରଥଯାତ୍ରା ପାଳନ କରିବାରେ ଇସ୍କନ କର୍ତ୍ତୃପକ୍ଷ ବାରମ୍ବାର ଶାସ୍ତ୍ର ଏବଂ ପରମ୍ପରାକୁ ଅମାନ୍ୟ ତଥା ଅସମ୍ମାନ କରିବା ସମଗ୍ର ବିଶ୍ୱର କୋଟିକୋଟି ଶ୍ରୀଜଗନ୍ନାଥ ପ୍ରେମୀଙ୍କ ଧର୍ମୀୟ ଭାବନାକୁ କୁଠାରାଘାତ କରୁଛି। ଏଭଳି ପରିସ୍ଥିତିରେ ଶାସ୍ତ୍ର ତଥା ପ୍ରଚଳିତ ପରମ୍ପରା ଅନୁସାରେ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଯାହା ସମସ୍ତ ଇସ୍କନ ମନ୍ଦିର ତଥା କେନ୍ଦ୍ରରେ ପାଳନ କରିବାକୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ (ଏକ ମାସ ମଧ୍ୟରେ) ଇସ୍କନର ଗଭର୍ଣ୍ଣିଂ ବଡି କମିଶନ୍ (ମାୟାପୁର)ଙ୍କୁ ପୁଣି ଥରେ ଅନୁରୋଧ କରିଯାଇଛି। ସାମ୍ବାଦିକ ସମ୍ମିଳନୀରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଓ ବିଦ୍ୱାନ୍, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

■ ସାଇନ୍ସ ସିଟି ନିର୍ମାଣ ପାଇଁ ସରକାର ତତ୍ପର

## ପାଟନା ଅବଦୁଲ କଲାମ ସାଇନ୍ସ ସିଟିରୁ ଆସିବେ ସ୍ୱତନ୍ତ୍ର ଅଧିକାରୀ

ଭୁବନେଶ୍ୱର, ୬।୯ (ସମିସ): ରାଜ୍ୟରେ ସାଇନ୍ସ ସିଟି ନିର୍ମାଣ ପାଇଁ ପ୍ରକ୍ରିୟା ଜାରି ରହିଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ମର୍ମରେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଅନ୍ୟ ରାଜ୍ୟକୁ ଯାଇ ସେଠାରେ ଥିବା ସାଇନ୍ସ ସିଟିର ନିର୍ମାଣ ଶୈଳୀ ଓ କାର୍ଯ୍ୟଦକ୍ଷତା ମଧ୍ୟ ଅନୁଧ୍ୟାନ କରୁଛନ୍ତି। ଗତ ସପ୍ତାହରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ପାତ୍ର ବିହାର ଗସ୍ତ କରି ପାଟନାସ୍ଥିତ ଡ. ଏପିଜେ ଅବଦୁଲ କଲାମ ସାଇନ୍ସ ସିଟି ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ସେ ବିହାରର ଦୁଇ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନା ଓ ସମ୍ରାଟ ଚୌଧୁରୀଙ୍କୁ ସାକ୍ଷାତ କରି ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଭୁବନେଶ୍ୱରରେ ୧୦୦ ଏକର ଜାଗାରେ ନିର୍ମାଣ ହେବାକୁ ଥିବା ଉକ୍ତ ସାଇନ୍ସ ସିଟିରେ ଆଧୁନିକ ପ୍ରଦର୍ଶନୀ, ନିମଜ୍ଜିତ ଶିକ୍ଷଣ ସ୍ଥାନ ଏବଂ ଗବେଷଣା ସୁବିଧା ରହିବ। ସାଇନ୍ସ ସିଟି ନିର୍ମାଣ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ। ବିହାର ରାଜ୍ୟର ସ୍ୱତନ୍ତ୍ର ଅଧିକାରୀଙ୍କୁ ଆମ ରାଜ୍ୟକୁ ଆମନ୍ତ୍ରଣ କରାଯିବ। ଆବଶ୍ୟକ ଅନୁସାରେ ସେମାନଙ୍କ ପରାମର୍ଶ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଓଡ଼ିଶା ଛାଡୁଛନ୍ତି ଗୋଟିଏ ପରେ ଗୋଟିଏ ଶିଳ୍ପାନୁଷ୍ଠାନ: ବିଜେଡି

ଭୁବନେଶ୍ୱର,୬।୯(ସମିସ): ପ୍ରତିଷ୍ଠିତ ଶିଳ୍ପ ଅନୁଷ୍ଠାନମାନେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ରାଜ୍ୟ ସରକାର ଏବେ ଡିଣ୍ଡିମ ପିଟୁଛନ୍ତି। ମାତ୍ର ପୂର୍ବ ସରକାରଙ୍କ ସମୟରେ ଚୁକ୍ତିବଦ୍ଧ ହୋଇଥିବା ଗୋଟିଏ ପରେ ଗୋଟିଏ ଶିଳ୍ପ ଅନୁଷ୍ଠାନ ଓଡ଼ିଶା ଛାଡୁଛନ୍ତି ବୋଲି ଉଲ୍ଲେଖ କରି କ୍ଷୋଭ ପ୍ରକାଶ କରିଛି ବିଜେଡି। ୨୦୨୩ ମସିହାରେ ରାଜ୍ୟ ସରକାରଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ କରିଥିବା ସେମିକଣ୍ଡକ୍ଟର କମ୍ପାନୀ ଏସଆରଏଏମ ଆଣ୍ଡ ଏମଆରଏଏମ କାରଖାନା ସ୍ଥାପନ ନିମନ୍ତେ ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ଚୁକ୍ତି ପରେ ଏହି କମ୍ପାନୀ ଓଡ଼ିଶା ଛାଡିବା ସ୍ପଷ୍ଟ ହୋଇଛି। ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଲ୍ଲୀ ଗସ୍ତ ସମୟରେ ଦୁଇଟି ନୂଆ ସେମିକଣ୍ଡକ୍ଟର କମ୍ପାନୀ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବେ ବୋଲି ସୂଚନା ଦେଇଥିଲେ; କିନ୍ତୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ଫେରିବା ବେଳକୁ ପୂର୍ବରୁ ଚୁକ୍ତି କରିଥିବା ଗୋଟିଏ ସେମିକଣ୍ଡକ୍ଟର କମ୍ପାନୀ ଓଡ଼ିଶା ଛାଡୁଥିବା ଖବର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି ବୋଲି କହିଛି ବିଜେଡି।



**ସେମିକଣ୍ଡକ୍ଟର କମ୍ପାନୀ ଏସଆରଏଏମ ଆଣ୍ଡ ଏମଆରଏଏମ ସଦ୍ୟତମ ନମୁନା**

**ଜେଏସଡବ୍ଲୁ ଇଭି ଓ ଆର୍ସେଲର ମିତ୍ତଲ ମଧ୍ୟ ଅନ୍ୟ ରାଜ୍ୟ ସହିତ ଚୁକ୍ତି କରିଛନ୍ତି**

ଶନିବାର ବିଧାୟକ ତଥା ଦଳର ସାଧାରଣ ସମ୍ପାଦକ ତୁଷାରକାନ୍ତି ବେହେରା କହିଛନ୍ତି ଯେ ସେମିକଣ୍ଡକ୍ଟର କମ୍ପାନୀ ଏସଆରଏଏମ ଆଣ୍ଡ ଏମଆରଏଏମ ଓଡ଼ିଶାରେ ୩୦୦୦୦ କୋଟି ନିବେଶରେ ଶିଳ୍ପ ପ୍ରତିଷ୍ଠା ପାଇଁ ଏକ ବୁଝାମଣା କରିଥିଲା। ଗଞ୍ଜାମ ଜିଲ୍ଲାର ଛତ୍ରପୁର ଅଞ୍ଚଳରେ ଏହି ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରାୟ ୭୦୦ ଏକର ଜମି ଚିହ୍ନଟ ହୋଇଥିଲା। କିନ୍ତୁ ଏବେ ସେହି କମ୍ପାନୀ ଆନ୍ଧ୍ର ପ୍ରଦେଶରେ କମ୍ପାନୀ ପ୍ରତିଷ୍ଠା କରିବା ପାଇଁ ଆନ୍ଧ୍ର ସରକାରଙ୍କ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଏହା ପୂର୍ବରୁ ଓଡ଼ିଶା ସରକାରଙ୍କ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ଜେଏସଡବ୍ଲୁ ଇଭି ଓ ଆର୍ସେଲର ମିତ୍ତଲ ଇସ୍ପାତ ପ୍ରକଳ୍ପ ଯଥାକ୍ରମେ ମହାରାଷ୍ଟ୍ର ଓ ଆନ୍ଧ୍ର ପ୍ରଦେଶ ସରକାରଙ୍କ ସହିତ ବୁଝାମଣା ସ୍ୱାକ୍ଷର କରିଛନ୍ତି।

ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି ଯେ ରାଜ୍ୟର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଖୋର୍ଦ୍ଧା ଠାରେ ସାଇନ୍ସ ସିଟି ପ୍ରତିଷ୍ଠା ହେବ ବୋଲି କରିଥିବା ଘୋଷଣା ବାସ୍ତବରେ ନବୀନ ସରକାରଙ୍କ ସମୟରେ ରୂପ ଦିଆଯାଇଥିଲା। ଖୋର୍ଦ୍ଧା ନିକଟବର୍ତ୍ତୀ ବରୁଣେଇ ଅଞ୍ଚଳରେ ୫୦ ଏକର ଜମିରେ ସାଇନ୍ସ ସିଟି ନିର୍ମାଣ କରିବା ପାଇଁ ନବୀନ ସରକାର ନୀତିଗତ ଭାବେ ନିଷ୍ପତ୍ତି ନେବା ସହିତ ଆବଶ୍ୟକୀୟ ଜମି ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ସାଇନ୍ସ ପାର୍କ କମ୍ ପ୍ଲାନେଟୋରିଅମ ପ୍ରତିଷ୍ଠା ହେବା ପାଇଁ ନିଷ୍ପତ୍ତି ହୋଇଥିଲା।

# ହୀରାକୁଦ ବନ୍ଦକଲା ୮ ଗେଟ୍

**୧୬ ଗେଟ୍ ଦେଇ ଜଳ ନିଷ୍କାସନ ଜାରି**

ସମ୍ବଲପୁର, ୬।୯ (ସମିସ): ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ବର୍ଷା କମିବା ପରେ ଆଜି ସକାଳୁ ପର୍ଯ୍ୟାୟକ୍ରମେ ୮ଟି ଗେଟ୍ ବନ୍ଦ କରାଯାଇଛି। ବର୍ତ୍ତମାନ ୧୬ଟି ଗେଟ୍ ଖୋଲା ରହିଛି। ଜଳଭଣ୍ଡାରକୁ ପ୍ରବେଶ ଜଳର ପରିମାଣ ଅନୁଯାୟୀ ପର୍ଯ୍ୟାୟକ୍ରମେ ଅଧିକ ଗେଟ୍ ବନ୍ଦ ହେବ ବୋଲି ଜଣାପଡ଼ିଛି।

ଶନିବାର ସନ୍ଧ୍ୟା ପ୍ରାୟ ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୬.୩୭ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୧୧ଟି ଓ ଡାହାଣ ପାର୍ଶ୍ୱର ୫ଟି; ଏହିଭଳି ମୋଟ୍ ୧୬ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩,୩୮,୯୮୭ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୯୪,୯୩୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୫୮,୬୫୬ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚେନାଲ ଦେଇ



୩୨,୦୦୫ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୨,୪୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପର୍ଥଲାଠାରେ ୩୩,୧୩୪ ଘନଫୁଟ, ଖଇରମାଲଠାରେ ୫,୩୪,୦୦୦ ଘନଫୁଟ, ବାରମୁଲଠାରେ ୪,୮୪,୫୦୦ ଘନଫୁଟ ଏବଂ ମୁଣ୍ଡଳୀଠାରେ ୪,୩୬,୮୦୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା। ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୧.୨୦ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୮.୭୭ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୨୭ ଫୁଟ୍ ରହିଥିଲା।

# ଗୋଟିଏ ରାତିରେ ୭ ଜଣଙ୍କ ଘରୁ ଚୋରି ଉଦ୍ୟମ



ଫୁଲନଖରା, ୬।୯ (ସମିସ)

କଟକ ସଦର ଥାନା ଅନ୍ତର୍ଗତ ରାମନଗର ଗ୍ରାମରେ ଗୋଟିଏ ରାତିରେ ୭ଜଣଙ୍କ ଘରେ ଚୋରି ଉଦ୍ୟମ କରିବା ସହିତ ଅନ୍ୟ ଜଣଙ୍କ ଘରୁ ଚୋରି ହୋଇଛି। ଉକ୍ତ ଗ୍ରାମର ତ୍ରୈଲୋକ୍ୟ ବେହେରାଙ୍କ ଠାକୁର ଘର ଝରକା ତାଡି ଘରେ ଥିବା କିଛି ଟଙ୍କା, ସୁନାଗହଣା ଆଦି ଲୁଟି ନେବାକୁ ଚୋରମାନେ ସମର୍ଥ ହୋଇଛନ୍ତି। ସେହି ରାତିରେ ପ୍ରହଲ୍ଲାଦ ସ୍ୱାଇଁ, ପୂର୍ଣ୍ଣାନନ୍ଦ ବେହେରା, ସନ୍ତୋଷ ମହାନ୍ତି, ସୁଧାକର ଦାସ, ବିମଳ ମହାନ୍ତି, ବାସୁଦେବ ସେଠୀ ଓ ଉପେନ୍ଦ୍ର ସେଠୀଙ୍କ ଘରର ଝରକା ତ କାହାର କାବଟ ଆଦିକୁ ତାଡିବାକୁ ଉଦ୍ୟମ କଲାବେଳେ ଘର ଲୋକଙ୍କ ପାଟି ଶୁଣି ଘର ଭିତରେ ପଶିବାକୁ ସମର୍ଥ ହୋଇ ନଥିବାର ଜଣାପଡ଼ିଛି। ଏ ବାବଦରେ ଥାନାରେ ଏତଲା ହୋଇଥିବା ବେଳେ ସଦର ଥାନା ପକ୍ଷରୁ ତଦନ୍ତ କରାଯିବା ସହ ସିସିଟିଭି ଫୁଟେଜ୍‌ଗୁଡିକୁ ଯାଞ୍ଚ କରାଯାଇଥିଲା। ଫୁଟେଜ୍‌ରୁ ସେମାନଙ୍କୁ ଚିହ୍ନଟ କରିବା ସମ୍ଭବପର ନୁହେଁ ବୋଲି ଜଣାପଡ଼ିଛି। ଦିନକୁ ଦିନ ଝରକା, କବାଟ ଆଦି ତାଡି ଚୋରମାନେ ଚୋରି କରୁଥିବାର ବୃଦ୍ଧି ପାଇବାରେ ଲାଗିଛି। ପ୍ରକାଶ ଥାଉକି, ଜୁଲାଇ ୨୨ ତାରିଖରେ ରାମନଗର ନିକଟସ୍ଥ ସଇନ୍ଧା ନଛିପୁର ଗ୍ରାମସ୍ଥିତ ପ୍ରଧାନ ଭିଲ୍ଲା କଲୋନୀ ଭିତରୁ ମାନସ ନାୟକଙ୍କ ଲୁହା ଗ୍ରୀଲ୍ ଭାଙ୍ଗି ଘର ଭିତରୁ ଲୁଟେରାମାନେ ଚୋରି କରିବାକୁ ସକ୍ଷମ ହୋଇଥିଲେ। ସିସିଟିଭି ଫୁଟେଜ୍‌ରେ ସେମାନଙ୍କ ଚିତ୍ର ଉତ୍ତୋଳନ ହୋଇଥିଲେ ସୁଦ୍ଧା ଏଯାବତ୍ ସେମାନଙ୍କୁ ପୁଲିସ୍ ଧରିବାକୁ ସକ୍ଷମ ହୋଇପାରିନାହିଁ। ଏହି ଚୋରି ଘଟଣାରେ ନିଶାଡି କିମ୍ବା ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ରୋହିଆ ବଙ୍ଗାଳି ମାନଙ୍କର ସମ୍ପୃକ୍ତି ଥାଇପାରେ ବୋଲି ଅଞ୍ଚଳବାସୀ ପ୍ରକାଶ କରିବା ସହିତ ସଦର ଥାନା ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂକୁ ଆହୁରି କଡାକଡି କରିବା ପାଇଁ ଦାବି କରିଛନ୍ତି।

**କଟକ ଜିଲ୍ଲା ପରିଷଦର ଏକାଦଶତମ ବୈଠକ**

# ପ୍ରକଳ୍ପର ତଦାରଖ ଓ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ



କଟକ, ୬।୯ (ସମିସ): ପୂର୍ବାହ୍ନରେ ଏକାଦଶତମ କଟକ ଜିଲ୍ଲା ପରିଷଦ ବୈଠକ ଜିଲ୍ଲା ପରିଷଦ ସଭାପତି କିଶୋରଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ଗ୍ରାମ୍ୟ ନିର୍ମାଣ ବିଭାଜନ ଆଦି ବିଭାଗ ଅଧୀନସ୍ଥ ସମସ୍ତ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ପଞ୍ଚାୟତ ଓ ବ୍ଲକରେ ଚାଲୁ ରହିଥିବା ସମସ୍ତ କାର୍ଯ୍ୟର ସ୍ଥିତି ପରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମତବ୍ୟକ୍ତ କରିଥିଲେ। ବୈଠକରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, କଟକ-ସଦର ବିଧାୟକ, ଇଂ ଶ୍ରୀ ପ୍ରକାଶଚନ୍ଦ୍ର ସେଠୀ, ବଡମ୍ବା ବିଧାୟକ ବିଜୟ ଦଳବେହେରା ପ୍ରମୁଖ ଉପରୋକ୍ତ ସମସ୍ତ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବୈଠକରେ ସଂଯୋଜନା କରିଥିଲେ। କଟକ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ବାଙ୍କୀ ଉପଜିଲ୍ଲାପାଳ, ପ୍ରଣବ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟତମ ଜନପ୍ରତିନିଧି ରାମନାରାୟଣ ମହାନ୍ତି, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ଆଶିଷ କୁମାର ସାହୁ ବୈଠକରେ ବିଭିନ୍ନ ବିଷୟରେ ମଧ୍ୟ ଉପସ୍ଥାପନା କରିଥିଲେ। ଜିଲ୍ଲା ପରିଷଦ ଉପସଭାପତି ସୁଭଦ୍ରା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ଦ୍ଦିଷ୍ଟ ସମୟ ସୀମାରେ ବିଚାର ପ୍ରକ୍ରିୟା ନସରିବାରୁ ଅଭିଯୁକ୍ତଙ୍କୁ ଜାମିନ

କଟକ, ୬।୯ (ସମିସ): ମାଜିଷ୍ଟ୍ରେଟଙ୍କ ଦ୍ୱାରା ବିଚାରଯୋଗ୍ୟ ଅପରାଧର ବିଚାର ପ୍ରକ୍ରିୟା କୋର୍ଟରେ ସାକ୍ଷୀଙ୍କୁ ସମନ କରିବାର ୬୦ ଦିନ ଭିତରେ ଯଦି ଅଭିଯୁକ୍ତ ଜେଲରେ ଥାନ୍ତି ଏବଂ ବିଚାରପ୍ରକ୍ରିୟା ଏହି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନ ସରେ ଅଭିଯୁକ୍ତ ଜାମିନ ପାଇବା ପାଇଁ ହକଦାର। କାରଣ ୪୮୦(୬) ବିଏନ୍‌ଏସଏସ୍ ଧାରାଟି ଅଭିଯୁକ୍ତର ବ୍ୟକ୍ତିଗତ ସ୍ୱାଧୀନତା ଓ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ବୋଲି ଓଡ଼ିଶା ହାଇ କୋର୍ଟର ବିଚାରପତି ଗୌରୀଶଙ୍କର ଶତପଥୀ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରି କହିଛନ୍ତି। ୩ କୋଟିରୁ ଊର୍ଦ୍ଧ୍ୱ ବ୍ୟାଙ୍କ ଅର୍ଥ ଆତ୍ମସାତ୍ କରିବା ଅଭିଯୋଗରେ ଗିରଫ ହୋଇଥିବା ଆଞ୍ଜେଲ୍ ମିଶ୍ରଙ୍କର ଜାମିନ ଆବେଦନ ଶୁଣାଣି କରି ଏହି ମାମଲା ବିଚାର ପ୍ରକ୍ରିୟା ୬୦ ଦିନ ଭିତରେ ସରି ନଥିବାରୁ ଆବେଦନକାରୀ ଜଣେ ମହିଳା ହେଇଥିବାରୁ ତାଙ୍କୁ ସର୍ତ୍ତରେ ଜାମିନ ମଞ୍ଜୁର କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଦେବସ୍ମାନ ଦାସ ମାମଲା ପରିଚାଳନା କରୁଥିଲେ।

# ଆଦର୍ଶ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ଚୌଦ୍ୱାର, ୬।୯ (ସମିସ): ଚୌଦ୍ୱାରସ୍ଥିତ କଳିଙ୍ଗ ନୋଡାଲ ବିଦ୍ୟାପୀଠର ଶିକ୍ଷୟିତ୍ରୀ ସୋନାଲୀ ମହାପାତ୍ର ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଗୁରୁ ଦିବସ ଅବସରରେ ଆୟୋଜିତ ଉତ୍ସବରେ ସେ ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ସେହିପରି ଏହି ବିଦ୍ୟାଳୟର ମାଧ୍ୟମିକ ଶିକ୍ଷକ ସସ୍ମିତା ମଣ୍ଡଳ, କଳିଙ୍ଗ ନୋଡାଲ ବିଦ୍ୟାପୀଠ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ରାଜେଶ କୁମାର ନାୟକ ଓ ପୌରପାଳିକା ୧୭ନଂ ୱାର୍ଡସ୍ଥିତ ନୂଆସାହି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁଶାନ୍ତି ମହାନ୍ତି ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କଟକ ଜିଲ୍ଲାପାଳଙ୍କ ଠାରୁ ଗ୍ରହଣ କରିଛନ୍ତି।



ଏହି ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିକ୍ଷା ସମ୍ମାନରେ ସମ୍ମାନିତ ହୋଇ ଟାଙ୍ଗୀ-ଚୌଦ୍ୱାର ବ୍ଲକ ପାଇଁ ଗର୍ବ ଓ ଗୌରବ ଆଣି ଥିବାରୁ କଳିଙ୍ଗ ବିଦ୍ୟାପୀଠର ଆଲୁମନି କମିଟି ଓ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆଲୁମନି କମିଟି ସଭାପତି ତଥା ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାଉନସିଲର ଆଶୁତୋଷ ଦାସ, ପ୍ରଶାନ୍ତ ବରାଳ, ଭାସ୍କର ଚନ୍ଦ୍ର ପ୍ରଧାନ, ଗୋକୁଳାନନ୍ଦ ସାହୁ, ଶିବବ୍ରତ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌତମ ଆଚାର୍ଯ୍ୟ, ମମତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ରାଜେନ୍ଦ୍ର ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଟକ ସଦରରେ ଇଦ୍-ମିଲାଦ୍-ଉନ୍ ପାଳିତ

କିଶନନଗର, ୬।୯ (ସମିସ): କଟକ ସଦର ଅଞ୍ଚଳରେ ମହାପୁରୁଷ ହଜରତ ପ୍ରୋଫେଟ ମହମ୍ମଦଙ୍କ ଜନ୍ମଦିବସ ପାଳନ କରାଯାଇଛି। ରାଉତରାପୁର, ଦେଓପୁର, ରଘୁନାଥପୁର, ଦାମୋଦରପୁର, ସୋମପୁର, ଥୋରିଆପଡ଼ା, କିଶନନଗର, ପ୍ରହରାଜପୁର, ସିର୍ଲୋ, ଗଡ଼ମା, ନେମାଳ, ମହମ୍ମଦପୁରରେ ମୁସଲମାନ ସମ୍ପ୍ରଦାୟର ଲୋକ ମାନେ ଏହି ପବିତ୍ର ଦିନକୁ ଇଦ୍-ମିଲାଦୁନ-ନବି ଭାବେ ପାଳନ କରିଥିଲେ। ଗଡ଼ମାଠାରୁ ଏକ ହଜାରରୁ ଊର୍ଦ୍ଧ୍ୱ ମୋଟର ସାଇକଲରେ ଏକ ଶୋଭାଯାତ୍ରା (ଜୁଲୁସ୍) ରୁସ୍ତମ ମହମ୍ମଦଙ୍କ ନେତୃତ୍ୱରେ କରାଯାଇଥିଲା। ଜୁଲୁସ୍ ପରିଚାଳନାରେ ମୌଲାନା ମୁମତାଜ କାଦ୍ରି, ଅସରଫ୍ ଅଲ୍ଲୀ ଖାଁ, ଅବଦୁଲ ଗଫର ଖାଁ, ଫିରଦୋଶ ହୁସେନ, ସେଖ୍ ତଜମୁଲ, ଅକବର ମିର୍ଜା, ସିରାଜ ବେଗ୍, ଆସିଫ୍ ଅଲ୍ଲୀ ଖାଁ, ଅବଦୁଲ ୱାହିଦ୍ ଖାଁ ସେଖ୍ ଅବଦୁଲ ବୁରାହାନ, ଯାକୁବ ଅଲ୍ଲୀ ଖାଁ, ଲିୟାକତ ଅଲ୍ଲୀ ଖାଁ, ହାସିମ୍ ଅଲ୍ଲୀ ଖାଁ, ୱାହାବ ଖାଁ ପ୍ରମୁଖ ସହାୟତା କରିଥିଲେ।

## ମୁଣ୍ଡଳି ବ୍ୟାରେଜରୁ ଯୁବକଙ୍କ ଶବ ଉଦ୍ଧାର

ତ୍ରିଶୂଳିଆ, ୬।୯ (ସମିସ): ଗୋଡିସାହି ଫାଣ୍ଡି ନିକଟସ୍ଥ ମୁଣ୍ଡଳି ବ୍ୟାରେଜରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ବାରଙ୍ଗ ଥାନା ପୁଲିସ। ଶନିବାର ଭୋର୍ ସମୟରେ ମହାନଦୀ ମୁଣ୍ଡଳି ବ୍ୟାରେଜ ୧୮ନଂ ଗେଟ୍ ପାଖରେ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଭାସୁଥିବା କିଛି ସ୍ଥାନୀୟ ଲୋକ ଦେଖି ନିକଟସ୍ଥ ଗୋଡିସାହି ଫାଣ୍ଡି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାରଙ୍ଗ ଅଗ୍ନିଶମ ବିଭାଗ କର୍ମଚାରୀ ସହାୟତାରେ ମୃତ ଦେହ ଉଦ୍ଧାର କରିଥିଲା। ଏ ସମ୍ପର୍କରେ ବାରଙ୍ଗ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହଟି ଉଲଗ୍ନ ଅବସ୍ଥାରେ ଥିବାବେଳେ ଦୁଇ-ତିନି ଦିନର ହେବ ବୋଲି ଅନୁମାନ କରାଯାଉଛି।

# ମହାନଦୀ ବିହାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ

କଟକ, ୬।୯ (ସମିସ): ମହାନଦୀବିହାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି। ସ୍କୁଲରେ ଅନୁଷ୍ଠିତ ସଭାରେ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ନାୟକ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ ପ୍ରମୋଦ ମିଶ୍ର ମୁଖ୍ୟଅତିଥି, କର୍ପୋରେଟର ସୁବ୍ରତ କୁମାର ଘଡ଼ାଇ ବିଶିଷ୍ଟ ଅତିଥି, ବରିଷ୍ଠ ଡଃ ଗୋପାଳକୃଷ୍ଣ ପରିଡ଼ା ଉଦ୍‌ଘାଟକ ଭାବେ ଯୋଗ ଦେଥିଲେ। ସିଆରସିସି ମୋନାଲିସା ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଉମେଶଚନ୍ଦ୍ର ନାୟକ ସଂଯୋଜନା କରିଥିଲେ। ସ୍କୁଲର ପରିଚାଳନା କମିଟି ସଭାପତି ପୂର୍ଣ୍ଣିମା ବେହରା ଯୋଗ ଦେଇଥିଲେ। ସେ ସ୍କୁଲର ଛାତ୍ର ଛାତ୍ରୀଙ୍କ ଉତ୍ତମ ବିଦ୍ୟାର୍ଥୀ ଗଠନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଗୀତିଞ୍ଜଳି ମହାନ୍ତି, ପ୍ରେମଲତା ସାହୁ, ମିନତୀ ମହାନ୍ତି ଜୟନ୍ତୀ କୁମାରୀ ମହାପାତ୍ର, ସଞ୍ଜୁ ଦେଇ,




ସ୍ୱର୍ଣ୍ଣଲତା ନାୟକ ଓ କଲ୍ୟାଣୀ ସେଠ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଙ୍ଗୁରବାଳା ବେହରା, ସୁଷମା ମଞ୍ଜରୀ ମହାନ୍ତି, ଗୀତାରାଣୀ ବେହରା ଶୁଭଲକ୍ଷ୍ମୀ ମହାନ୍ତି ଓ ଶୈଳବାଳା ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଦି କର୍ମଯୋଗୀ ଅଭିଯାନ ଉପରେ ତିନିଦିନିଆ ତାଲିମ ଉଦ୍‌ଯାପିତ




କଟକ, ୬।୯ (ସମିସ): ଧରତୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଅନ୍ତର୍ଗତ ଆଦି କର୍ମଯୋଗୀ ଅଭିଯାନ ଉପରେ ତିନିଦିନିଆ ତାଲିମ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ୨୦ ଜଣ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନର ତାଲିମ ଗ୍ରହଣ କରିଛନ୍ତି। ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ଜିଲ୍ଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବନ୍ଦନା ଖଟୁଆ, ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତି ପ୍ରମୁଖ ତାଲିମ ଦେଇଛନ୍ତି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଓ ଜିଲ୍ଲା ପ୍ରଭାରୀ ଅରବିନ୍ଦ ମୁଦଗଲ, ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅଭିଯାନରେ ୨୧ଟି ଗ୍ରାମରେ ଗ୍ରାମ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇ ଅକ୍ଟୋବର ୨ ତାରିଖ ସ୍ୱତନ୍ତ୍ର ଗ୍ରାମ ସଭାରେ ଅନୁମୋଦିତ କରାଯିବ। ପ୍ରକାଶ ଥାଉକି, କଟକ ଜିଲ୍ଲାରେ ୪ଟି ବ୍ଲକ ଆଠଗଡ଼, ବାରଙ୍ଗ, ବଡମ୍ବା, ଟାଙ୍ଗୀ-ଚୌଦ୍ୱାରର ୨୧ଟି ଗ୍ରାମରେ ଏହି ଆଦି କର୍ମଯୋଗୀ ଅଭିଯାନ କରାଯାଇଛି।

## ନାବାଳକର ଆତ୍ମହତ୍ୟା

ନିଆଳି, ୬।୯ (ସମିସ): ନିଆଳି ଥାନା ବିନିଶିପୁର ପଞ୍ଚାୟତ କୁଦପାଟଣା ଗ୍ରାମର ଜଣେ ନାବାଳକ ଛାତ୍ର ଆତ୍ମହତ୍ୟା କରିଥିବା ଜଣାଯାଇଛି। ତାଙ୍କ ଘରେ ରଶିରେ ଝୁଲି ପଡ଼ିଥିବା ବେଳେ ତାକୁ ସେଠାରୁ ଉଦ୍ଧାର କରାଯାଇ ଚାରିଛକ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ପୁଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲାରେ ପ୍ରାଥମିକ ତଦନ୍ତ କରିବା ସହ ଶବ ବ୍ୟବଛେଦ ପାଇଁ ପଠାଇଛି। ଆତ୍ମହତ୍ୟା କରିବା ପଛରେ କାରଣ ଏଯାଏ ସ୍ପଷ୍ଟ ହୋଇପାରି ନାହିଁ।

## ବ୍ୟବସାୟୀଙ୍କ ପରଲୋକରେ ଶୋକ

ନିଶ୍ଚିନ୍ତକୋଇଲି, ୬।୯ (ସମିସ): ଅସୁରେଶ୍ୱର ବଜାର ପ୍ରତିଷ୍ଠାର ଅନ୍ୟତମ ପୁରୋଧା ଆଜାଦ୍ ସମିଲ୍ ମାଲିକ ବରିଷ୍ଠ ବ୍ୟବସାୟୀ ତଥା ସମାଜସେବୀ ସେକ୍ ସବିର ମହମ୍ମଦ (୭୫)ଙ୍କ କଟକର ଏକ ଘରୋଇ ହସ୍ପିଟାଲରେ ଶନିବାର ପରଲୋକ ହୋଇଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସେକ୍ ଜାହିର ମହମ୍ମଦ, ତାହିର ମହମ୍ମଦ, ପୁତ୍ରବଧୂ ଓ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ। ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶରଞ୍ଜନ ମହାପାତ୍ର, ଅନନ୍ତ କୁମାର ଦାସ, ଅସୁରେଶ୍ୱର ବ୍ୟବସାୟୀ ସଂଘର ସଭାପତି ରଘୁନାଥ ନାୟକ, ରାମଚନ୍ଦ୍ର ଖୁଣ୍ଟିଆ, ନିତ୍ୟାନନ୍ଦ ସେଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକବ୍ୟକ୍ତ କରିଛନ୍ତି। ଇସଲାମ୍ ଧର୍ମାନୁଯାୟୀ ତାଙ୍କ ମର ଶରୀରକୁ କବର ଦିଆଯାଇଛି।

## ଧାକୁଲେଇ ଗ୍ରାମ୍ୟ କମିଟି ପକ୍ଷରୁ ନୂଆ ଆଇଆଇସିଙ୍କୁ ସମ୍ବର୍ଦ୍ଧନା



ଫୁଲନଖରା, ୬।୯ (ସମିସ): କଟକ ମହାନଗର ନିଗମ ୫୮ନଂ ୱାର୍ଡ ଅନ୍ତର୍ଗତ ପ୍ରତାପନଗରୀ ଗ୍ରାମର ମା' ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ କଟକ ସଦର ଥାନାରେ ନୂତନ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ଆଇଆଇସି ତୁଷାରକାନ୍ତ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗ୍ରାମ୍ୟ କମିଟିର ସଭାପତି ପ୍ରମୋଦ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସମ୍ପାଦକ ପ୍ରମୋଦ କୁମାର ବେହେରା, ସହସମ୍ପାଦକ ବାଦଲ କୁମାର ଜେନା, କୋଷାଧ୍ୟକ୍ଷ ବାଦଲ କୁମାର ସ୍ୱାଇଁ, ଚନ୍ଦ୍ରଶେଖର ରାଉତ, ଅତୁଲ୍ୟ ରାଉତ ଓ ରଞ୍ଜିତ ସ୍ୱାଇଁଙ୍କ ସମେତ କମିଟିର ସଦସ୍ୟମାନେ ଆଇଆଇସି ଶ୍ରୀଯୁକ୍ତ ସେଠୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କମିଟି ପକ୍ଷରୁ ଆଗକୁ ଆସୁଥିବା ପାର୍ବଣ ଋତୁକୁ ସଦର ଥାନା ଅଞ୍ଚଳରେ କିଭଳି ଶୃଙ୍ଖଳିତ ଭାବରେ ପାଳନ କରାଯିବ ସେ ବିଷୟରେ ଆଲୋଚନା କରିଥିଲେ।

# ଜରାୟୁ କର୍କଟ ଟୀକାକରଣ ଓ ଋତୁସ୍ରାବ ପରିଚ୍ଛନ୍ନତା ଉପରେ ସଚେତନତା

କଟକ, ୬।୯ (ସମିସ)

ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ପୁରାତନ ଛାତ୍ର ସଂସଦ ଦ୍ୱାରା ଜରାୟୁ କର୍କଟ ଟୀକାକରଣ ଓ ଋତୁସ୍ରାବ ପରିଚ୍ଛନ୍ନତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଋତୁସ୍ରାବ ବିଷୟରେ ନିରବତା ଭାଙ୍ଗିବା ଏବଂ ଋତୁସ୍ରାବ ପରିଷ୍କାର ପରିଚ୍ଛନ୍ନତା ଏବଂ ଗର୍ଭାଶୟ ସ୍ୱାସ୍ଥ୍ୟ ବିଷୟରେ ଶିକ୍ଷା ଦେବା ଦିଗରେ ଗୋଟିଏ ପାଦ ଆଗକୁ ଯାଇ ବିଦ୍ୟାଳୟର ପୁରାତନ ଛାତ୍ର ସାଂସଦ ପକ୍ଷରୁ ଏଭଳି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ଲୀଳାବତୀ ଗୁରୁ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ବିଦ୍ୟାଳୟର ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାରର କର୍କଟ ରୋଗ ବିଶେଷକରି ଜରାୟୁ ଓ ଗର୍ଭାଶୟ କର୍କଟ ରୋଗ ସମ୍ପର୍କରେ ବୁଝାଇଥିଲେ। ସମୟାନୁସାରେ, ଟୀକାକରଣ ଦ୍ୱାରା ଏହାର ନିରାକରଣ ସମ୍ଭବ। ତେଣୁ ବୟସ ଅନୁସାରେ ଟୀକା ନେଇ ଜରାୟୁ କର୍କଟ ରୋଗରୁ ଦୂରେଇ ରହିବାକୁ ସେ ପରାମର୍ଶ



ଦେଇଥିଲେ। ମାସିକ ଋତୁଶ୍ରାବ ସମୟରେ ସ୍ୱଚ୍ଛତା ଏବଂ ପରିଚ୍ଛନ୍ନତା ନିଜର ସ୍ୱାସ୍ଥ୍ୟ, ଗରିମା ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ବହୁତ ଆବଶ୍ୟକ। ତେଣୁ ନିଜର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ନିଜେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ସ୍ୱାଧୀନତା ଅପେକ୍ଷା ପରିଚ୍ଛନ୍ନତା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହା ଆମ ପାଇଁ ମର୍ଯ୍ୟାଦା, ସମାନତା ଆଣି ଦେଇଥାଏ। ସେହିସବୁ ବିଷୟଗୁଡ଼ିକ ଆଲୋକପାତ କରାଯାଇଥିଲା ଯାହା ମହିଳା ସଶକ୍ତିକରଣର ପ୍ରଥମ ପାହାଚ ଭାବେ ବିବେଚିତ ହୁଏ। ସୁସ୍ଥ ରହିଲେ ହିଁ ଆମେ ନିଜ କଥା ଓ ସମାଜ କଥା ଭାବିପାରିବା। ପୁରାତନ ଛାତ୍ର ସଂସଦର ସମ୍ପାଦକ ସୁବ୍ରତ ମହାନ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ଶତପଥୀ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରୀ ଇନା ପୁରୋହିତ କାର୍ଯ୍ୟକ୍ରମରେ ପୌରାହିତ୍ୟ କରିଥିବା ବେଳେ ଦେବଦୀପ୍ତା ସ୍ୱାଇଁ ଓ ରାନୁ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରାତନ ଛାତ୍ରୀ ଶ୍ରଦ୍ଧାଞ୍ଜଳୀ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ବର୍ତ୍ତମାନ ପଢୁଥିବା ବିଭିନ୍ନ ଶ୍ରେଣୀର ଛାତ୍ରୀମାନଙ୍କୁ ପୁରାତନ ଛାତ୍ର ସଂସଦ ତରଫରୁ ହାଇଜିନ କିଟ୍ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଚଳିତ ବର୍ଷ ପାଇଁ ରାଜ୍ୟ ସ୍ତରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା କୃତୀ ଶିକ୍ଷୟତ୍ରୀ ପ୍ରଭାସିନୀ ଦତ୍ତ ଓ ସସ୍ମିତା ବେହେରା ତଥା ଜିଲ୍ଲାସ୍ତରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ବିଦ୍ୟାଳୟର କୃତୀ ଶିକ୍ଷକ ଶିକ୍ଷୟତ୍ରୀ ପୁଷ୍ପିତା ନାୟକ, ମଦନ ମୋହନ ବେହେରା, ପ୍ରମୋଦ କୁମାର ପଲ ଓ ଅମ୍ବିକା ପୃଷ୍ଟିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପୁରାତନ ଛାତ୍ରୀ ସ୍ୱାଗତିକା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରୀ ସୁଦେଷ୍ଣା ମିଶ୍ର, କାଜଲ ମହାପାତ୍ର, ସ୍ମୃତିରେଖା ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ଜେନା, ଶ୍ୱେତା ସ୍ୱାଇଁ, ସ୍ମିତା ରଥ, ଶ୍ରାବଣୀ ଦାସ, ରଶ୍ମୀ ସାହୁ ଓ ସରୋଜିନୀ ପଦ୍ମିନୀ ପ୍ରମୁଖ ଉପସ୍ଥିତ ଥିଲେ।

# କଟକ ସିଟି





## ଷ୍ଟିୱାର୍ଟ ସ୍କୁଲ କର୍ତ୍ତୃପକ୍ଷଙ୍କ ଅଭିନବ ପ୍ରୟାସ

# ସୁଭାଷଙ୍କ ସ୍ମୃତି ବଖାଣିବ ନେତାଜୀ ସଂଗ୍ରହାଳୟ









**କଟକ, ୬।୯ (ସମିସ)**

ମହାନ ଜନନାୟକ ତଥା ସଂଗ୍ରାମୀ ବୀରପୁତ୍ର ନେତାଜୀଙ୍କ ଜନ୍ମ ଐତିହାସିକ କଟକ ସହରରେ ହୋଇଥିବା ବେଳେ ତାଙ୍କ ବାଲ୍ୟ ଜୀବନ ଏହି ରୌପ୍ୟନଗରୀରେ ଅତିବାହିତ ହୋଇଛି। ବାପା ଜାନକୀନାଥ ବୋଷ ଓ ମାଆ ପ୍ରଭାବତୀ ଦେବୀଙ୍କ ଔରସରୁ ୧୮ ୯୭ ମସିହା ଜାନୁଆରୀ ୨୩ ତାରିଖ ଦିନ ସେ ଏହି ସହରରେ ଜନ୍ମ ନେଇଥିଲେ। ତାଙ୍କ ପିତା ଥିଲେ ଜଣେ ଆଇନଜୀବୀ। ତାଙ୍କ ଭାଇଭଉଣୀଙ୍କ ପରି ନେତାଜୀଙ୍କ ଶିକ୍ଷା ବାପଟିଷ୍ଟ ମିଶନ ଦ୍ୱାରା ପରିଚାଳିତ 'ପ୍ରୋଟେଷ୍ଟାଣ୍ଟ ୟୁରୋପିଆନ୍ ସ୍କୁଲ'ରେ ଜାନୁଆରୀ ୧୯୦୨ରେ ଆରମ୍ଭ ହୋଇଥିଲା। ସେ ଦିନର ପ୍ରୋଟେଷ୍ଟାଣ୍ଟ ଇଉରୋପିଆନ୍ ସ୍କୁଲ' ହେଉଛି ଆଜିର କଟକ ଷ୍ଟିୱାର୍ଟ ସ୍କୁଲ। ଏଠାରେ ନେତାଜୀ ୬ଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ତେବେ ଦୀର୍ଘ ୬ବର୍ଷର ସ୍ମୃତି ସହିତ ତାଙ୍କର ଜୀବନ, ସଂଘର୍ଷ, ସଫଳତା, ସଂଗ୍ରାମ ଓ ପରିବାରକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ସଂଗ୍ରହାଳୟରେ ସ୍ଥାନ ଦେଇଛନ୍ତି।

ସେହିପରି ନେତାଜୀ ୧୯୦୯ରେ କଟକର ରେଭେନ୍ସା କଲେଜିଏଟରେ ପାଠ ପଢ଼ିଥିଲେ। ଏହା ପରେ ସେ ୧୯୧୩ରେ ମ୍ୟାଟ୍ରିକ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ପ୍ରଥମଟି ଦିନରୁ ହିଁ ତାଙ୍କ ପ୍ରଧାନଶିକ୍ଷକ ବେଣୀମାଧବ ଦାସ ତାଙ୍କ ପ୍ରତିଭାକୁ ଚିହ୍ନି ପାରିଥିଲେ। ମାଧ୍ୟମିକ ଶିକ୍ଷା ସମାପ୍ତ କଲାପରେ କୋଲକାତାର ପ୍ରେସିଡେନ୍ସି କଲେଜରେ 'ଦର୍ଶନ ଶାସ୍ତ୍ର' ଏବଂ 'ସ୍କଟିସ୍ ଚର୍ଚ୍ଚ କଲେଜ'ରେ ପାଠ ପଢ଼ିଥିଲେ। ପ୍ରେସିଡେନ୍ସୀ କଲେଜରେ ପଢୁଥିବା ସମୟରେ ଅଧ୍ୟାପକ ସି.ଏଫ୍. ଓ୍ୱେଟେନଙ୍କ ଭାରତ ବିରୋଧୀ ମନ୍ତବ୍ୟରେ କ୍ଷୁବ୍ଧ ହୋଇ ସେ ଅନ୍ୟ ପିଲାଙ୍କ ସହିତ ତାଙ୍କୁ ଦୁର୍ବ୍ୟବହାର କରିଥିବା କାରଣରୁ କଲେଜରୁ ନେତାଜୀ ବହିଷ୍କୃତ ହୋଇଥିଲେ। ୧୯୧୯ ମସିହାରେ ପିତାଙ୍କ ନିର୍ଦ୍ଦେଶରେ ସେ ବିଲାତ ଯାଇ ୧୯୨୦ ମସିହରେ ଆଇସିଏସ ପରୀକ୍ଷାରେ ଚତୁର୍ଥ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିଲେ। ୧୯୨୧ରେ ଆଇସିଏସର ତାଲିମ ନେଉଥିବା ବେଳେ ଭାରତରେ 'ଜାଲିଆନାୱାଲା ବାଗ ହତ୍ୟାକାଣ୍ଡ' ଘଟିଥିଲା। ତେଣୁ ସେ ଅଧାରୁ ତାଲିମ ଛାଡ଼ି ଭାରତ ଫେରି ଆସିଥିଲେ। ଏଭଳି ନେତାଜୀଙ୍କ ଛାତ୍ର ଜୀବନ ସହିତ ଜଡ଼ିତ ଥିବା ଏକାଧିକ ସ୍ମୃତିର ଝଲକ ଏହି ନେତାଜୀ ମ୍ୟୁଜିୟମ୍‌ରେ ଦେଖିବାକୁ ମିଳିବ।

> **ବାସ୍ତବ ରୂପନେଲା ୨ ବର୍ଷର ପରିକଳ୍ପନା**
>
> **ଛାତ୍ରଛାତ୍ରୀ, ଅଭିଭାବକ ଓ ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା**

ଷ୍ଟିୱାର୍ଟ ସ୍କୁଲ ଆଜି ଏକ ଐତିହାସିକ ଓ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତର ମୂକସାକ୍ଷୀ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସମ୍ମାନରେ ନେତାଜୀ ସଂଗ୍ରହାଳୟର ଉଦ୍‌ଘାଟନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ସ୍କୁଲର ପୂର୍ବତନ ଛାତ୍ର ତଥା ଭାରତର ଅନ୍ୟତମ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିରେ ଏହି ସଂଗ୍ରହାଳୟ ଉତ୍ସର୍ଗୀକୃତ କରାଯାଇଛି। ଏହି ଉତ୍ସବରେ ରେଭରେଣ୍ଡ ଏସ୍‌କେ ନନ୍ଦ ନେତାଜୀଙ୍କ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ସ୍କୁଲର ସମ୍ପାଦିକା ଡକ୍ଟର ଆରଆର. ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରିନ୍ସିପାଲ ଡି. ମାର୍ଟିନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ବିଏମଏସ ୱାର୍ଲ୍ଡ ମିଶନର ଅଧ୍ୟକ୍ଷ ଡକ୍ଟର କେଥୋସର କେଭିଚୁସା ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରେରଣାଦାୟୀ ଭାଷଣ ଦେଇଥିଲେ। ଏହି ଅବସରରେ ବିଏମ୍‌ଏସ୍ ଟ୍ରଷ୍ଟି ତେଜଦୋର ଟିଏନସୋ ଏବଂ ଆଲାଏନ୍ସ ଡିଫେଣ୍ଡିଂ ଫ୍ରିଡମ୍‌ର ନିର୍ଦ୍ଦେଶକ ମେଲାମଶ୍ୱା ଯୋଗ ଦେଇଥିଲେ। ଏହି ଅବସରରେ ନେତାଜୀଙ୍କ ଜୀବନ ଓ ଦେଶଭକ୍ତିକୁ ନେଇ ଏକ ଜୀବନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। 'ନେତାଜୀ ଆମର ନାୟକ' ନାମକ ଇଂରାଜୀ ନାଟିକା, ଓଡ଼ିଶୀ ନୃତ୍ୟ, ବାଲୁକା କଳା ପ୍ରଦର୍ଶନ, ନର୍ସରୀ ଓ ସିନିୟର କେଜି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଜୀବନ୍ତ ସମୂହ ନୃତ୍ୟ, ଏବଂ ଦେଶଭକ୍ତିପୂର୍ଣ୍ଣ ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଡାଏସେସାନ୍ ବୋର୍ଡ ଅଫ ଏଜୁକେସନର ସିଇଓ ରେଭରେଣ୍ଡ ଏଫସି. ନର୍ଥ ପ୍ରାର୍ଥନା ପରିବେଷଣ କରିଥିଲେ। ରେଶ୍ମା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଶବ୍ଦ ପ୍ରଦୂଷଣ ଯାଞ୍ଚ ପାଇଁ ନିୟୋଜିତ ହେବେ ଦୁଇ ବୈଷୟିକ ବିଶେଷଜ୍ଞ

**କଟକ, ୬।୯ (ସମିସ):** ପାର୍ବଣ ପାଇଁ କଟକ ସହରରେ ଶବ୍ଦ ପ୍ରଦୂଷଣ କଟକଣା କଡାକଡି କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏହି ନିର୍ଦ୍ଦେଶକୁ ଅନୁପାଳନ କରିବା ନିମନ୍ତେ ଡିସିପିଙ୍କ ପକ୍ଷରୁ ସମସ୍ତ ଆଇଆଇସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୁଲିସର ଅନୁରୋଧକ୍ରମେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀଙ୍କ ପକ୍ଷରୁ ଶବ୍ଦର ମାତ୍ରା ମାପ କରିବା ପାଇଁ ଦୁଇଜଣ ବୈଷୟିକ ବିଶେଷଜ୍ଞଙ୍କୁ ନିଯୁକ୍ତ କରାଯିବ ବୋଲି ଜଣାପଡ଼ିଛି। ପୁଲିସ ଦଳକୁ ସହାୟତା କରିବା ପାଇଁ ଏମାନଙ୍କ ନିୟନ୍ତ୍ରଣରେ କଟକ ସହର ଅଞ୍ଚଳରେ ସାଂସ୍କୃତିକ କାର୍ଯ୍ୟକ୍ରମ/ବିସର୍ଜନ ଶୋଭାଯାତ୍ରା ସମୟରେ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ ନିଆଯିବ। ସର୍ବୋଚ୍ଚ ନ୍ୟାୟାଳୟ ଏବଂ ନ୍ୟାୟାଳୟଙ୍କ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବା ଏବଂ ଅନୁମତିପ୍ରାପ୍ତ ଶବ୍ଦ ସୀମା ୭୫ ଡେସିବେଲରୁ ଅଧିକ ହେବ ନାହିଁ। ଚାନ୍ଦିନୀଚୌକ, ନିମଚୌଡି, ହାଇକୋର୍ଟ ଛକ, ହାଓଡ଼ା ମୋଟର ଛକରୁ କ୍ୟାଣ୍ଟନମେଣ୍ଟ ଛକ ଏବଂ ଏସସିବି ମେଡିକାଲ ଛକ ଭଳି ପ୍ରତିବନ୍ଧିତ ଅଞ୍ଚଳଗୁଡ଼ିକରେ କୌଣସି ଶବ୍ଦ/ସଙ୍ଗୀତ ବାଦ୍ୟଯନ୍ତ୍ର ବଜାଯିବ ନାହିଁ। ଉଲ୍ଲଙ୍ଘନ ହେଲେ ତେବେ ଏପରି ସମସ୍ତ ବାଦ୍ୟଯନ୍ତ୍ର ଜବତ କରାଯିବ ଏବଂ ଆଇନ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ।

## ମଧୁସ୍ମିତାଙ୍କୁ ସ୍ୱର୍ଣ୍ଣ ପଦକ



**କଟକ, ୬।୯ (ସମିସ):** କଟକ ଝିଅ ମଧୁସ୍ମିତା ସେନାପତି ମାଲେସିଆ ରାଜଧାନୀ କୁଆଲାଲମ୍ପୁରଠାରେ ଆୟୋଜିତ ୟୁୱାଇଏସ୍‌ଏଫ୍ ଏସିଆ ପାସିଫିକ୍ ୩. ର ଯୋଗା ସ୍ପୋର୍ଟସ ଚାମ୍ପିଅନସିପ-୨୦୨୫ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୩୦ରୁ ୩୫ ବୟସ ବର୍ଗରେ ସେ ଭାଗ ନେଇଥିବା ବେଳେ ୧୨ଟି ଦେଶର ପ୍ରତିଯୋଗୀମାନଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କଟକ ୪୨ ମୌଜା ଅଞ୍ଚଳର ମଧୁସ୍ମିତା ଜାତୀୟ ଓ ଅନ୍ତର୍ଜାତୀୟ ଯୋଗ ପ୍ରତିଯୋଗିତାରେ ଭାଗ ନେଇ ବେଶ୍ ସୁନାମ ଅର୍ଜନ କରିଛନ୍ତି।

# ନଦୀ ଟାପୁରୁ ଗୋରୁ ପଲ ଉଦ୍ଧାର



**କଟକ, ୬।୯ (ସମିସ):** କାଠଯୋଡ଼ି ନଇ ମଧରେ ଥିବା ଟାପୁକୁ ଚରିବାକୁ ଯାଇ ଏକ ଗୋରୁପଲ ଫସିଯାଇଥିଲେ। ରାତିସାରା ପାଣି ଘେରରେ ରହି କୂଳକୁ ଆସିବାକୁ ଉଦ୍ୟମ କରି ଫେଲ୍ ହୋଇଥିଲେ। ତେବେ ଆଜି ସକାଳେ ଅଗ୍ନିଶମ ଟିମ୍ ଖବର ପାଇ ଏକ ରେସ୍କ୍ୟୁ ଅପରେସନ୍ ଆରମ୍ଭ କରିଥିଲା। ପ୍ରାୟ ୩ ଘଣ୍ଟା ଏହି ଉଦ୍ଧାର କାର୍ଯ୍ୟ କରି ଗୋରୁ ପଲକୁ କୂଳକୁ ଆଣିବାରେ ସକ୍ଷମ ହୋଇଥିଲେ।

ସିଡିଏ ଓ ବିଡ଼ାନାସୀ ଅଞ୍ଚଳର କିଛି ଗାଈ, ବାଛୁରୀ ଓ ଷଣ୍ଢ ନେତାଜୀ ସେତୁ ପାଖରେ କାଠଯୋଡ଼ି ନଇ ଭିତରେ ପଶିଥିଲେ। ନଦୀ ଭିତରେ ଥିବା ଶୁଖିଲା ବାଲିର ଟାପୁରେ ଘାସ ହୋଇଥିବାରୁ ସେଠାକୁ ଚରିବାକୁ ଯାଇଥିଲେ। ନଇରେ ହଠାତ୍ ପାଣି ବଢ଼ିଯିବାରୁ ଗୋରୁ ପଲ କୂଳକୁ ଫେରିପାରିନଥିଲେ। ରାତି ତମାମ୍ ଗୋରୁ ପଲ ସେହି ଟାପୁରେ ରହିଥିଲେ। ହେଲେ ରାତିରେ ପାଣି ବଢ଼ିବାରୁ ବାଧ ହୋଇ ପାଣିରେ ପହଁରିବାକୁ ଥିଲେ। ସକାଳ ହେଲା ବେଳକୁ ପାଣିରେ ଗୋରୁ ପଲ ପହଁରୁଥିବା ସ୍ଥାନୀୟ ଲୋକ ଦେଖି ୧୧୨ରେ ଫୋନ୍ କରିଥିଲେ। ସୂଚନା ପାଇ ବକ୍ସିବଜାର, ବିଡ଼ାନାସୀ ଓ ବାରଙ୍ଗ ଅଗ୍ନିଶମ ଟିମ୍ ବୋଟ୍ ଯୋଗେ କାଠଯୋଡ଼ି ନଦୀରେ ପ୍ରବେଶ କରିଥିଲେ। ୪ଟି ଷଣ୍ଢ ଓ ୨୫ଟି ଗାଈ ଟାପୁରେ ରହିଥିଲେ। ୧୨ ଜଣ ଅଗ୍ନିଶମ କର୍ମଚାରୀ ଏହି ଅପରେସନ୍ କରି ଶେଷରେ ସଫଳ ହୋଇଥିଲେ।

## ଜୁଲୁସ୍-ଏ-ମହମ୍ମଦି ସଫଳତା ପାଇଁ କୃତଜ୍ଞତା

**କଟକ, ୬।୯ (ସମିସ):** ସହରରେ ମହାପୁରୁଷ ହଜରତ୍ ମହମ୍ମଦଙ୍କ ପବିତ୍ର ଜନ୍ମଦିବସ ଅବସରରେ ବାହାର କରାଯାଇ ଥିବା ଜୁଲୁସ -ଏ-ମହମ୍ମଦିର ସଫଳତା ପାଇଁ ଐତିହାସିକ ଜାମା ମସଜିଦ ପରିଚାଳନା କମିଟିର ସାଧାରଣ ସମ୍ପାଦକ ତଥା ଓଡ଼ିଶା ବୋର୍ଡ଼ ଅଫ ୱାକଫ୍ ପ୍ରାକ୍ତନ ଚେୟାରମେନ ସୈୟଦ୍ ଏକ୍ରାମ ହୁସେନ ସହରର ସମସ୍ତ ମସ୍‌ଜିଦ ପରିଚାଳନା କମିଟି ମହଲ୍ଲା କମିଟିର କର୍ମକର୍ତ୍ତାମାନଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିପରି କଟକ ସହରର ଭାଇଚାରା ନିଦର୍ଶନ ପ୍ରଦର୍ଶନ କରି ବହୁ ଅନୁଷ୍ଠାନ ସମ୍ବର୍ଦ୍ଧିତ କରିଥିବାରୁ ସମସ୍ତଙ୍କୁ ସାଧୁବାଦ ଜଣାଇଛନ୍ତି। ଅତ୍ୟନ୍ତ ଶାନ୍ତିଶୃଙ୍ଖଳା ସମୟାନୁବର୍ତ୍ତିତା ମଧ୍ୟରେ ଏହି ବିରାଟ ଶୋଭାଯାତ୍ରାକୁ ଅତ୍ୟନ୍ତ ବ୍ୟବସ୍ଥାପିତ ଭାବେ ସମାହିତ କରିଥିବା କମିଶନରେଟ ପୁଲିସର ଡିସିପି ଋଷୀକେଶ ଦ୍ୟାନଦେଓ ଖିଲାରୀଙ୍କ ସମେତ ସମସ୍ତ ଜୋନର ଏସିପି ସମସ୍ତ ଥାନାର ଅଧିକାରୀ ଓ ପୁଲିସ ପ୍ରଶାସନକୁ ମଧ୍ୟ ଶ୍ରୀ ହୁସେନ ଧନ୍ୟବାଦ ଅର୍ପଣ କରିଛନ୍ତି।

# ସ୍ୱୟଂସିଦ୍ଧା ପକ୍ଷରୁ କଟକ କ୍ଲବ୍‌ରେ ଟ୍ରେଜୋର୍-୨




**କଟକ, ୬।୯ (ସମିସ):** ସ୍ୱୟଂସିଦ୍ଧା ତରଫରୁ କଟକ କ୍ଲବ୍‌ଠାରେ ଟ୍ରେଜୋର୍-୨ ଉଦ୍‌ଘାଟିତ ହୋଇଯାଇଛି। ବିଶିଷ୍ଟ ସମାଜସେବୀ ଅନୁରାଧା ମହାନ୍ତି ଓ ପୂର୍ବତନ ବିଧାୟକ ଡ ପ୍ରଭାତ ରଞ୍ଜନ ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ରାଜ୍ୟର କେବଳ ମହିଳାମାନେ ନିଜ ଦ୍ୱାରା ପ୍ରସ୍ତୁତ ଶାଢ଼ି, ତେଲ, ପିଠା, କେକ୍ ଓ ଅନ୍ୟାନ୍ୟ ଘର କରଣା ସାମଗ୍ରୀର ଉତ୍ପାଦିତ ଦ୍ରବ୍ୟର ବିକ୍ରୟ କରୁଛନ୍ତି। ଏହି ପ୍ରଦର୍ଶନୀ ୭ ତାରିଖରେ ଉଦ୍‌ଯାପିତ ହେବ। ସ୍ୱୟଂସିଦ୍ଧା ଓ ଇନେର୍‌ହୁଇଲ୍ କ୍ଲବର ସଦସ୍ୟଙ୍କ ତରଫରୁ ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଛି ବୋଲି ମୀନା କୁମାରୀ ସାହୁ ସୂଚନା ଦେଇଛନ୍ତି। ଏହି ପ୍ରଦର୍ଶନୀରେ ଜନସାଧାରଣ ସାମିଲ୍ ହେବାକୁ ସେ ନିବେଦନ କରିଛନ୍ତି।

## ଅପହରଣ ଅଭିଯୋଗରେ ୨ ଅଟକ

**କଟକ, ୬।୯ (ସମିସ):** ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓଏମପି ଛକରେ ପ୍ରେମ ବ୍ୟାପାରକୁ ନେଇ ହାଇଡ୍ରାମା ଦେଖିବାକୁ ମିଳିଛି। ଜଣେ ଯୁବତୀଙ୍କୁ ଅପହରଣ କରି ନିଆଯାଉଥିବା ଅଭିଯୋଗ କରି ପରିବାର ଲୋକେ ଏକ କାରକୁ ଅଟକାଇ ଚାଳକଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି। ଘଟଣା ପରେ ୨ ଜଣ ଯୁବକଙ୍କୁ ଚାଉଳିଆଗଞ୍ଜ ଥାନା ପୁଲିସ ଜିମା ଦିଆଯାଇଥିବା ଜଣାପଡ଼ିଛି।

## ଏସ୍‌ସିବି ଦନ୍ତ ଚିକିତ୍ସାଳୟର ନୂଆ ଅଧ୍ୟକ୍ଷ

**କଟକ, ୬।୯ (ସମିସ):** ଏସ୍‌ସିବି ଦନ୍ତ ଚିକିତ୍ସାଳୟ ଓ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ପ୍ରଫେସର ଡାକ୍ତର ପ୍ରଭାସ କୁମାର ମହାନ୍ତି ନିଯୁକ୍ତ ହୋଇଛନ୍ତି। ପରିବାର ଓ ସ୍ୱାସ୍ଥ୍ୟ କଲ୍ୟାଣ ବିଭାଗ ପକ୍ଷରୁ ଗତ ୪ ତାରିଖ ଚିଠି ନମ୍ବର- ୨୫୮୨୫ରେ ଏନେଇ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ସୂଚନାଅନୁଯାୟୀ, ପ୍ରଫେସର ଡାକ୍ତର ମହାନ୍ତି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲର ଓରାଲ ଓ ମାକ୍ସିଲୋଫେସିଆଲ ସର୍ଜରୀ ବିଭାଗରେ କାର୍ଯ୍ୟରତ ରହିଥିଲେ। କିଛି ମାସ ପୂର୍ବେ ଏସ୍‌ସିବି ଦନ୍ତ ଚିକିତ୍ସାଳୟ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଜୟନ୍ତ ଦାସ ଅବସର ନେଇଥିଲେ। ଫଳରେ ଡା ମହାନ୍ତି ଏହି ପଦରେ ନିଯୁକ୍ତ ହୋଇଛନ୍ତି।

# ୧୫୪ ଗ୍ରାମ ବ୍ରାଉନସୁଗର ଜବତ, ୪ ଗିରଫ

**କଟକ, ୬।୯ (ସମିସ)**

ସହରରେ ୩ଟି ସ୍ଥାନରୁ ଆଜି ୧୫୪ ଗ୍ରାମର ମାରାତ୍ମକ ବ୍ରାଉନସୁଗର ଜବତ ହୋଇଛି। ୪ ଜଣ କୁଖ୍ୟାତ ନିଶା ବେପାରୀଙ୍କୁ ଗିରଫ କରାଯାଇଛି। ଜବତ ବ୍ରାଉନସୁଗର ମୂଲ୍ୟ ପ୍ରାୟ ୧୬ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ, ଆଜି ସକାଳ ସାଢ଼େ ୧୦ଟା ବେଳେ ଜିଲ୍ଲା ଅବକାରୀ ବିଭାଗକୁ ମିଳିଥିବା ଏକ ସୂଚନା ଅନୁସାରେ, କଟକ ଏକ୍ସସାଇଜ୍ ଷ୍ଟେସନ୍-୨ର ଅଧିକାରୀ ଅଜିତ କୁମାର ପାତ୍ର ଓ ତାଙ୍କ ଟିମ୍ ମର୍କତନଗର ଥାନା ଅନ୍ତର୍ଗତ ଡ୍ରାଇଭିଂ ଟ୍ରେନିଂ ସେଣ୍ଟର ପାଖରେ ଚଢ଼ଉ କରିଥିଲେ। ସେଠାରେ ବ୍ରାଉନ୍‌ସୁଗର ଧରି ଛିଡ଼ା ହୋଇଥିବା ନିକଟ ଇମାମ୍‌ପଡ଼ା ବସ୍ତିର ରାଜୁ ଜେନାକୁ ଅବକାରୀ ଟିମ୍ କାବୁ କରିନେଇଥିଲା। ତା'ପାଖରୁ ୬୫ ଗ୍ରାମ୍ ଓଜନର ବ୍ରାଉନସୁଗର ମିଳିଥିଲା।



ସେହିପରି ଆଜି ଭୋର୍ ସମୟରେ କଟକ ଜିଲ୍ଲା ଅବକାରୀ ମୋବାଇଲ୍ ୟୁନିଟ୍‌କୁ ଏକ ସୂଚନା ମିଳିଥିଲା ଯେ ମର୍କତନଗର ଥାନା ଅନ୍ତର୍ଗତ ସେକ୍ଟର-୬ର ଜୟପ୍ରକାଶ ନାରାୟଣ ପାର୍କ ପାଖରେ ବ୍ରାଉନସୁଗର କାରବାର ହେଉଛି। ସେଠାରେ ଏକ ଟିମ୍ ଚଢ଼ଉ କରି ସତୀଚୌରା ପାଖ ବସ୍ତିର ସବିର ସାହାକୁ କାବୁ କରିବା ସହିତ ତା' ନିକଟରୁ ୫୪ ଗ୍ରାମ୍ ଓଜର ବ୍ରାଉନସୁଗର ଜବତ କରାଯାଇଥିଲା। ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହିକ୍ରମରେ ମାଲ୍‌ଗୋଦାମ ଥାନା ପୁଲିସର ହସ୍ତଗତ ହୋଇଥିବା ଏକ ସୂଚନା ଆଧାରରେ ଯୋବ୍ରା ତତ୍ତ୍ୱବଟ ପାଖରେ ଏସ୍‌ଆଇ ପିଟି ଗଣେଶ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରିବାରୁ ୨ ନିଶା ମାଫିଆଙ୍କୁ ଗିରଫ କରାଯାଇଛି। ଏକ ୟାମାହା ବାଇକ୍‌ରେ ୩୬ ଗ୍ରାମ୍ ଓଜନର ବ୍ରାଉନସୁଗର ଧରି ଜଣେ ଗ୍ରାହକକୁ ବିକିବା ପାଇଁ ଛିଡ଼ା ହୋଇଥିବା ବେଳେ ପୁଲିସ ହାତରେ ଧରାପଡ଼ିଥିଲେ। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଜଗତସିଂହପୁର ନାଉଗାଁ କୋରୁଆ ଗାଁର ବୁଲା ଓରଫ ଭାଗିରଥୀ ନାୟକ ଓ ଗାରେଇ ଗାଁର ସୁଧାକର ମହାରଣା। ଅଭିଯୁକ୍ତ ବୁଲା ଜଣେ ପେସାଦାର ଅପରାଧୀ ହୋଇଥିବା ବେଳେ ତା' ନାଁରେ ନାଉଗାଁ, ନିଆଳି, ଗୋବିନ୍ଦପୁର ଓ ଗୁରୁଡ଼ିଝାଟିଆ ଥାନାରେ ୯ଟି ସଂଗୀନ ମାମଲା ରହିଛି।

## ଯୁବକଙ୍କ କଟା ଗୋଡ଼ ମିଳିବା ଘଟଣା

# ସିସି କ୍ୟାମେରାରୁ ସ୍ପଷ୍ଟ: ଆକ୍ରମଣ ନୁହେଁ; ଦୁର୍ଘଟଣା

**କଟକ, ୬।୯ (ସମିସ):** ଲିଙ୍କ୍‌ରୋଡ୍‌ରେ ଥିବା ବେସରକାରୀ ବସ୍ ମାଲିକ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଜଣେ ଯୁବକଙ୍କ ଗୋଡ଼ କଟା ଅବସ୍ଥାରେ ମିଳିବା ଘଟଣାରେ ପୁଲିସ ଆସି ଏକ ସିସିଟିଭି ଫୁଟେଜ୍ ଜାରି କରିଛି। ଯୁବକଙ୍କୁ କେହି ହାଣି ଏଭଳି ଗୋଡ଼ କାଟି ନଥିବା ପୁଲିସ କହିଛି। ଯୁବକ ଜଣକ ଖୁବ୍‌ଜୋର୍‌ରେ ବାଇକ୍ ଚଲାଇଯାଇ ରୋଡ୍ ଡିଭାଇଡର୍‌ରେ ପିଟି ହୋଇଯିବାରୁ ତାଙ୍କ ଗୋଡ଼ ଆଣ୍ଠୁ ପାଖରୁ ଛିଡ଼ିଥିବା ପୁଲିସ କହିଛି। ଏହି ଦୃଶ୍ୟ ସିସିଟିଭିରେ ଦେଖାଯାଉଥିବାରୁ ଘଟଣା ଏକପ୍ରକାର ସ୍ପଷ୍ଟ ହୋଇଥିବା ବାଦାମବାଡ଼ି ଥାନାଧିକାରୀ ଅଜୟ ରାଉଳ କହିଛନ୍ତି। ମାତ୍ର ଯୁବକଙ୍କୁ କେହି ହାଣି ଦେଇଥିବା କଥାକୁ ଏବେ ବି ପରିବାର ଲୋକ ଦୋହରାଉଛନ୍ତି। ଦୁର୍ଘଟଣା ହେବା ପୂର୍ବରୁ କେହି ଖଣ୍ଡା ଚୋଟ ପକାଇବାରୁ ସେ ଯାଇ ଡିଭାଇଡର୍‌ରେ ପିଟି ହୋଇଥିବା ଓ ଗୋଡ଼ ଛିଡ଼ି ପଡ଼ିଥିବା ପରିବାର ପକ୍ଷରୁ ଦାବି କରାଯାଇଛି। ଏମିତିକି କଟା ଗୋଡ଼କୁ ଯୋଡ଼ାଯାଇପାରି ନଥିବା ସୂଚନା ମିଳିଛି।

ଯୁବକଙ୍କ ଆଜି ପରିଚୟ ମିଳିଛି। ସେ ହେଉଛନ୍ତି ରାଜେଶ ପ୍ରଧାନ, ଘର ସଦର ଥାନା ଅନ୍ତର୍ଗତ ଡାହାଳିଆବାଗ ଗ୍ରାମରେ। ବାଦାମବାଡ଼ି ଛକରେ ଫୁଲ ଦୋକାନ କରିଛନ୍ତି। ତେବେ ଏହି ଘଟଣାକୁ ନେଇ ଆଜି ବାଦାମବାଡ଼ି ଥାନା ପୁଲିସ ନିକଟର କିଛି ସିସିଟିଭି ଯାଞ୍ଚ ପରେ ଏକ କ୍ୟାମେରା ଫୁଟେଜ୍‌ର ଗତକାଲିର ଘଟଣା କଏଦ ହୋଇଥିବା ଜଣାପଡ଼ିଲା। ରାଜେଶ ତାଙ୍କ ବାଇକ୍‌ରେ ଯାଇ ଡିଭାଇଡର୍‌ରେ ପିଟି ହେଉଥିବା ସିସିଟିଭିରେ ଦେଖାଯାଉଛି। ତେଣୁ ଏହା ଏକ ଦୁର୍ଘଟଣା ବୋଲି ପୁଲିସ କହିଛି। ମାତ୍ର ରାଜେଶଙ୍କ ପରିବାର ଲୋକ ଏବେ ବି ଏହି ଘଟଣାକୁ ଦୁର୍ବୃତ୍ତଙ୍କ ଆକ୍ରମଣ ଘଟଣା ବୋଲି କହୁଛନ୍ତି।

# ଜେଜେ



ଗଂଗାଧର ବିଶ୍ୱାଳ


ଜେଜେ ନାମକ ଅନ୍ତରଙ୍ଗ ସଂପର୍କର ମଣିଷ ସହିତ ପରିଚିତ ହେବା ଆଗରୁ ଜେଜେ ଚାଲିଯାଇଥିଲେ। ତେଣୁ ପ୍ରାପ୍ତବୟସ୍କ ହେବା ପରେପରେ ପିଲାଦିନର ମଧୁର ଆଳାପକୁ ମନେ ପକାଇବା ବିନା ମୋର ଆଉ କିଛି ଉପାୟ ନ ଥିଲା। ମୁଁ ଶୁଣିଚି, ଶେଷ ସମୟ ବେଳକୁ ଜେଜେଙ୍କର ପାଗଳାମି ଆରମ୍ଭ ହୋଇଯାଇଥିଲା । କାହାକୁ କ'ଣ କହୁଥିଲେ ଜାଣି ପାରୁନଥିଲେ। ଆମ ଘର ଲୋକମାନେ ଜେଜେଙ୍କ ଅଭଦ୍ରୋଚିତ କଥା ଶୁଣି କିଛି ମନେ କରୁନଥିଲେ। ବରଂ ତାଙ୍କ ମଥା ଠିକ୍ ନାହିଁ କହି ଅତି ସହଜ ଭାବରେ ଗ୍ରହଣ କରୁଥିଲେ ଓ ଜମାରୁ ଗୁରୁତ୍ୱ ଦେଉନଥିଲେ।

ମୋର ମନେପଡୁଚି, ଦିନେ ଦିନେ ଜେଜେଙ୍କୁ ଘର ଭିତରେ ଅଟକ ରଖାଯାଉଥିଲା । କେବଳ ଖାଇବା ସମୟ ହେଇଗଲେ ଖାଦ୍ୟ ନେଇ ଅତି ସତର୍କତାର ସହିତ ଥୋଇ ଦିଆଯାଉଥିଲା । ମୁଁ କବାଟ ଫାଙ୍କରେ ଅତି ସନ୍ତର୍ପଣରେ ଲକ୍ଷ୍ୟ କରୁଥିଲି ଯେ, ଜେଜେ ଖାଦ୍ୟ ତକ ଝାମ୍ପିନେଇ ଘର ଭିତରର ଏକ ନିଛାଟିଆ ଅନ୍ଧାର ଆଡ଼କୁ ଉଠିଯାଉଥିଲେ।

ସେତେବେଳେ ମୁଁ କେବଳ ନିରୀହ ପଶୁପକ୍ଷୀର ନିର୍ଦ୍ଦୟତାରେ ଭିଜିଯିବା ବିନା ମୋର କିଛି କରିବାର ଚିନ୍ତା ବି ନଥିଲା । ହୁଏତ ମୋ ମନ ଭିତରେ ଭାବନାର ଝଡ଼ ଉଠୁଥିଲା ଓ ଯେଉଁ ଜେଜେଙ୍କ ପାଇଁ ଏ ଘର, ଏ ସଂସାର ସେଇ ଜେଜେଙ୍କର ଭଲ ହେବା ପାଇଁ ଆକୁଳତାର ଲେଶମାତ୍ର ଦେଖାଯାଉନଥିଲା।

ଅବଶ୍ୟ ସେତେବେଳର ଘରୋଇ ଜଞ୍ଜାଳ, ପାରିବାରିକ ଝାମେଲା ଓ ଦାରିଦ୍ର୍ୟ ଯୋଗୁଁ ପେଟ ବିକଳରେ ଆଉ ସବୁ ନିଆରା ହେଇଯାଉଥିବାବେଳେ ବାପା କିମ୍ବା ମା' କେହି ଯେ ବିବ୍ରତ ନଥିଲେ ତାହା ନୁହେଁ, ମାତ୍ର ଅପାରଗତା ଏବଂ ଅକ୍ଷମତା ହିଁ ସମ୍ଭବତଃ ପ୍ରତିବନ୍ଧକର ଉଚ୍ଚ ପାଚେରି ହେଇ ଠିଆହେଇଥିଲା।

କେବଳ ଖାଇବା କଥା ବୁଝିବା ବ୍ୟତୀତ ତାଙ୍କ ଗାଧୁଆ, ନିତ୍ୟକର୍ମ, ଶୋଇବା ଓ କୁନିକୁନି ନାତି ନାତୁଣୀଙ୍କ ସହିତ ମିଶିବା, ସକାଳ ସଞ୍ଜରେ ବୁଲିଯିବାର ଆନନ୍ଦକୁ କେହି ଚିନ୍ତା ବି କରୁନଥିଲେ। ହୁଏତ ଜେଜେ ବି ଆବଶ୍ୟକ ମନେ କରୁନଥିଲେ ଏସବୁ।



ମୋର ମନେପଡୁଚି ଜେଜେ ଭଲ ଥିବାବେଳେ ବାରଣ୍ଡାରେ ବସୁଥିଲେ। ବାରଣ୍ଡା ଶେଷରେ ତିଆରି ହେଉଥିବା ମାଟିଲିପା ଶକ୍ତ ପାଚେରି ଭଳି ଉଚ୍ଚସ୍ଥାନଟିରେ ଜେଜେ ବସି ରହୁଥିଲେ । ତାଙ୍କର ତେଲିଆ ଜଙ୍ଘର ନିବିଡ଼ ଆକର୍ଷଣରେ କାନ୍ଥଡ଼ାଟିର ଦେହ ବି ତେଲିଆ ହେଇଯାଇଥିଲା ଓ ସେଠାରେ କେହି ବସିବାକୁ ରାଜି ହେଉନଥିଲେ ।

ବାରଣ୍ଡାର ଦକ୍ଷିଣ ପଟରେ ଗୋଟେ ଝରକା ଥିଲା । ସେଇଟା ସବୁବେଳେ ଖୋଲା ରହୁଥିଲେ ବି ତାଳପତର ତିଆରି ପରଦାରେ ଢାଙ୍କି ରହୁଥିଲା। ପାଖରେ ଗୋଟେ କାଠ ଚେୟାର୍ ପଡୁଥିଲା। ତହିଁରେ ଜେଜେ ବସୁଥିଲେ ଓ କେବେକେବେ ଆମ ଘରେ ରହୁଥିବା ଜଣେ ପାରିବାରିକ ସଭ୍ୟ ଟିପୁ (କୁକୁର) ଏବଂ ଆଉ ଜଣେ ଶଙ୍କି (ବିଲେଇ) ଜେଜେଙ୍କର ଖୁବ୍ ଆପଣାର ହେଇଯାଇଥିଲେ ।

ଯେଉଁ ସମୟରେ ଜେଜେଙ୍କର ଅନ୍ୟମନସ୍କତା ଓ ପାଗଳାମିର ରାଜୁତି ଦେଖାଗଲା, ସେ ସମୟରେ ଆମ ଘରର କେହି ହେଲେ ବି ଜେଜେ ଅଛନ୍ତି, ତାଙ୍କ କଥା ବୁଝିବା ଦରକାର ବୋଲି ଆଦୌ ଜଣାପଡୁନଥିଲା ।

ସମୟ ସମୟରେ ମୁଁ ଖାଇବାବେଳେ ଟିପୁ ଓ ଶଙ୍କି ଆସି ମୋ ପାଖରେ ଘଷିରଞ୍ଜି ହେଉଥିଲେ। ଅଥଚ କୁକୁର ଓ ବିଲେଇ ପ୍ରତି ଅନ୍ତରଙ୍ଗତାର ଅଭାବ ଦେଖାଦେବାରୁ ପାଖ ପଶେଇ ନଦେବାର ଯଥେଷ୍ଟ ଏଲର୍ଜି ଦେଖାଗଲା। ମୁଁ ଯେବେ ସେମାନଙ୍କୁ ମାରି ଗୋଡ଼େଇଲି ସେମାନେ ଆଶ୍ରୟ ଭିକ୍ଷା ପାଇଁ ଜେଜେଙ୍କ ରୁଦ୍ଧ କୋଠରି ଭିତରକୁ ପଶିଯାଉଥିଲେ।

କୁକୁର ଓ ବିଲେଇର ଅବାଧ ପ୍ରବେଶ ଦେଖି ମୁଁ ବିସ୍ମିତ ହେଇ ଯାଉଥିଲି । କାରଣ ଜେଜେଙ୍କ ପାଖକୁ ଯିବାକୁ କେହି ଆମେ ସାହସ କରୁନଥିବାବେଳେ ସେ ଦୁଇ ଜଣଙ୍କ ଯିବା ଆସିବା କଥା ଚିନ୍ତାକଲେ ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗିବ। ସତ କହିବାକୁ ଗଲେ, ଜେଜେଙ୍କ କାର୍ଯ୍ୟକଳାପ ଦେଖିବା ପାଇଁ ଓ ଖାଦ୍ୟ ଦେବାପାଇଁ ଟିଣ କବାଟରେ ଗୋଟେ ଫାଙ୍କ ତିଆରି ହେଇଥିଲା ।

କିଛି ସମୟ ପରେ ଟିପୁ ଓ ଶଙ୍କି ଫେରିଆସି ବାହାର ବାରଣ୍ଡାରେ ବସି ରହୁଥିଲେ । ମୁଁ ଯେତେବେଳେ ବାହାରକୁ ଯାଉଥିଲି ଦେଖୁଥିଲି କୁକୁର ଓ ବିଲେଇ ଜନ୍ମରୁ ଘୋଡ଼ା-ମଇଁଷି କିମ୍ବା ସାପ-ନେଉଳର ସଂପର୍କରେ ପରିଚିତ ଥିବାବେଳେ ଟିପୁ ଓ ଶଙ୍କି ବ୍ୟତିକ୍ରମ କାହିଁକି ?

କେବେ ଜେଜେଙ୍କର ଦେହାନ୍ତ ହେଲା ମନେ ନାହିଁ । କିନ୍ତୁ ଘରର ଏକମାତ୍ର ନାତି ଭାବରେ ମୁଁ ତାଙ୍କ ଶବ ସହିତ ମଶାଣିକୁ ଯାଇଥିଲି। ମୋ ବାପା ଜେଜେଙ୍କୁ ମୁଖାଗ୍ନି ଦେଇଥିଲେ। ଗାଁ ରାସ୍ତା ଶେଷ ବରଗଛ ପାଖ ଫେରନ୍ତା ରାସ୍ତାରେ ଦେଖିଥିଲି, ଟିପୁ ଓ ଶଙ୍କି ଏକାଠି ବସି ଶୋକ ପାଳନ କରୁଥିଲେ।

ଏହାପରେ ଆମ ଘରେ ମୁଁ ଆଉ କେବେ ଟିପୁ ଓ ଶଙ୍କିକୁ ଦେଖିବାକୁ ପାଇନି କିମ୍ବା ଏପର୍ଯ୍ୟନ୍ତ ପୋଷା କୁକୁର କି ପୋଷା ବିଲେଇ ଆମ ଘରେ ରହିଥିବାର ପ୍ରମାଣ ବି ନାହିଁ।


ଅବଶ୍ୟ ପ୍ରତିବର୍ଷ ଜେଜେଙ୍କ ଶ୍ରାଦ୍ଧ ବାର୍ଷିକୀରେ ମୋ ବାପା ବେଶ୍ ତତ୍ପର ଜଣାଯାଉଛନ୍ତି। ସେଇଦିନରେ ମୁଁ ଟିପୁ ଓ ଶଙ୍କି କଥା ମନେପକାଉଛି।

'ଆମ ଘର'
ନିଉ କଲୋନି, ନେଳିଆବାଗ
ଶ୍ରୀକଣ୍ଠପୁର
ବାଲେଶ୍ୱର-୭୫୬୦୦୧
ମୋ: ୯୪୩୭୧୨୯୨୬୫

# ପୁସ୍ତକ ପରିଚୟ

## ଜୀବନର ମୋଜାଇକ୍

ଡକ୍ଟର ମୌସୁମୀ ପରିଡ଼ା





ଶୌର୍ଯ୍ୟ ପ୍ରକାଶନ
ଓଡ଼ିଆ ବଜାର,
କଟକ-୭୫୩୦୦୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୮୦ ଟଙ୍କା

ନିକଟ ଅତୀତରେ ପ୍ରକାଶ ପାଇଛି କଥାକାର ଡକ୍ଟର ମୌସୁମୀ ପରିଡ଼ାଙ୍କ 'ଜୀବନର ମୋଜାଇକ୍' ପୁସ୍ତକ। ଏହି ପୁସ୍ତକରେ 'କୃଷ୍ଣଗର୍ତ୍ତ' ଓ 'ଦୁଶ୍ଚରିତ୍ରା' ଶୀର୍ଷକ ଦୁଇଟି ଉପନ୍ୟାସ ସଂକଳିତ ହୋଇଛି। ପ୍ରେମ ମଣିଷ ମନରେ ବୁଣି ଦିଏ ରଙ୍ଗିନ ସ୍ୱପ୍ନ। ତେବେ ସବୁ ସ୍ୱପ୍ନ ସତ ହୁଏନା। ସବୁ ପ୍ରେମ ସଫଳ ହୁଏନା। ହୃଦୟର ଅନେକ କଥା ମନ ଭିତରେ ଚାପି ହୋଇ ରହିଯାଏ। ଏଭଳି ପ୍ରେମ ଓ ନାମହୀନ ସଂପର୍କକୁ ନେଇ ଗତିଶୀଳ ହୋଇଛି 'କୃଷ୍ଣଗର୍ତ୍ତ' ଉପନ୍ୟାସର କାହାଣୀ। ଶୁଭ ଓ ମୁକ୍ତାଙ୍କ ମନର ଭାବନା, ହୃଦୟର ଅନାବିଳ ପ୍ରେମ, ପରସ୍ପର ପ୍ରତି ବିଶ୍ୱାସ ଓ ଭଲ ପାଇବା ରହିଯାଇଛି ନିଜ ନିଜ ଭିତରେ। ସମୟ ଚକ୍ରରେ ଉଭୟେ ପାଲଟି ଯାଇଛନ୍ତି ଦୁଇଟି ଭିନ୍ନ ପଥର ଯାତ୍ରୀ। ଜୀବନ, ପ୍ରେମ, ମାନବୀୟ ସଂପର୍କର କମନୀୟ ଭାବ ପ୍ରସ୍ଫୁଟିତ ଫୁଟି ଉଠିଛି 'କୃଷ୍ଣଗର୍ତ୍ତ' ଉପନ୍ୟାସରେ। ସେହିପରି 'ଦୁଶ୍ଚରିତ୍ରା' ଉପନ୍ୟାସରେ ମାନବୀୟ ଆବେଗ, ଆତ୍ମୀୟତା, ପ୍ରେମକୁ ନେଇ ଏହାର କାହାଣୀ ଗତିଶୀଳ। ଉପନ୍ୟାସଟିକୁ ସରଳ ଓ ସୁଖପାଠ୍ୟ କରିବା ପାଇଁ ନଅଟି ଭାଗରେ ବିଭକ୍ତ କରାଯାଇଛି। ପରିସ୍ଥିତିରେ ପଡ଼ି ଜଣେ ନାରୀ ସମାଜ ପାଇଁ କିଭଳି ଦୁଶ୍ଚରିତ୍ରା ପାଲଟି ଯାଇଛି, ତାହା ଏହି ଉପନ୍ୟାସରେ ପ୍ରସ୍ଫୁଟିତ ହୋଇଉଠିଛି। ଶିବାନୀ, ଅମର, ବିମଳେନ୍ଦୁ, ଭବାନୀ, ଅଞ୍ଜନା ଦେବୀ, ମୈତ୍ରୀ ଅପା, କ୍ରାନ୍ତି ଭାଇ ପ୍ରଭୃତି ଚରିତ୍ର ଉପନ୍ୟାସର କାହାଣୀକୁ ରୋମାଞ୍ଚିତ କରିଛନ୍ତି। 'କୃଷ୍ଣଗର୍ତ୍ତ' ଓ 'ଦୁଶ୍ଚରିତ୍ରା' ଉପନ୍ୟାସର କାହାଣୀ ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବ ବୋଲି ଆଶା କରାଯାଏ।

## ସଂକ୍ଷିପ୍ତ ଶ୍ରୀମଦ୍‌ଭାଗବତ

ପୂର୍ଣ୍ଣଚନ୍ଦ୍ର ପଧାନ




ତରାବତୀ ପଧାନ
ଭୈନାତୋରା
ଅମ୍ବାଭୋନା, ବରଗଡ଼
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୩୫୦ ଟଙ୍କା

ଅତିବଡ଼ୀ ଜଗନ୍ନାଥ ଦାସଙ୍କ ବିରଚିତ 'ଶ୍ରୀମଦ୍‌ଭାଗବତ' ଓଡ଼ିଆ ଜାତିର ଏକ ଅମୂଲ୍ୟ ସଂପଦ। ପ୍ରତିଟି ଓଡ଼ିଆ ଘରେ ଏହାକୁ ଶ୍ରଦ୍ଧା ଓ ଭକ୍ତିର ସହିତ ପୂଜା କରାଯାଏ। ଓଡ଼ିଆ ଭାଗବତକୁ ଅନୁସରଣ କରି ପୂର୍ଣ୍ଣଚନ୍ଦ୍ର ପଧାନ ରଚନା କରିଛନ୍ତି 'ସଂକ୍ଷିପ୍ତ ଶ୍ରୀମଦ୍‌ଭାଗବତ'। ଭାଗବତକୁ ସଂକ୍ଷିପ୍ତରେ ରଚନା କରିବା ପ୍ରୟାସ ନିଶ୍ଚିତ ପ୍ରଶଂସନୀୟ। ନିଜସ୍ୱ ଭାବ ଓ ଆଧ୍ୟାତ୍ମିକ ଚିନ୍ତନ ଦ୍ୱାରା ସେ ପ୍ରଥମ ସ୍କନ୍ଧରୁ ଦ୍ୱାଦଶ ସ୍କନ୍ଧ ପର୍ଯ୍ୟନ୍ତ ରଚନା କରିଛନ୍ତି। ପ୍ରତିଟି ସ୍କନ୍ଧରେ କେତୋଟି ଅଧ୍ୟାୟ ରହିଛି। ପୁରାଣ ଓ ଇତିହାସ ପ୍ରତି ତାଙ୍କର ଗଭୀର ପ୍ରବେଶର ଉଦାହରଣ ହେଉଛି 'ସଂକ୍ଷିପ୍ତ ଶ୍ରୀମଦ୍‌ଭାଗବତ'। ଖୁବ୍ ପରିଶ୍ରମ କରି ସେ ଭାଗବତର ସଂକ୍ଷିପ୍ତ ରୂପ ରଚନା କରିଛନ୍ତି। ଅତି କମ୍ ସମୟ ମଧ୍ୟରେ ପାଠକମାନେ ସଂପୂର୍ଣ୍ଣ ଭାଗବତ ଉପରେ ସମ୍ୟକ୍ ଧାରଣା ପାଇ ପାରିବେ। ପ୍ରତିଟି ଅଧ୍ୟାୟର ଶେଷରେ ଉପଦେଶାତ୍ମକ ପଦଟିଏ ରହିଛି। ଯାହା ସମାଜକୁ ଦିଗ୍‌ଦର୍ଶନ ଦେବା ସହିତ ଜନମାନସକୁ ସତ୍‌ପଥରେ ପରିଚାଳିତ ହେବା ପାଇଁ ସହାୟକ ହେବ। ସରଳ ଓ ବୋଧଗମ୍ୟ ଭାଷା, ନିରାଡ଼ମ୍ବର ଉପସ୍ଥାପନା ଶୈଳୀ, ଛଳ ଛଳ ଭାବ ପୁସ୍ତକଟିକୁ ସୁଖପାଠ୍ୟ କରିଛି। ଚଉଦ ଅକ୍ଷର ବିଶିଷ୍ଟ ପଦ ସଂଯୋଜନା କରି ଲେଖକ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିଛନ୍ତି। ଆଧ୍ୟାତ୍ମିକ ଭାବରେ ରସସିକ୍ତ ଏହି ପୁସ୍ତକର ପ୍ରତିଟି ସ୍କନ୍ଧ। 'ସଂକ୍ଷିପ୍ତ ଶ୍ରୀମଦ୍‌ଭାଗବତ' ପାଠକମାନଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା କରାଯାଏ।

# ହେନା



ବନଜ ଦେବୀ

ମୁହଁ ସଞ୍ଜର ଶେଷ ପହରଟି ଲେଉଟି ଗଲେ
ନୀରବତାର କୋମଳ ଆଉଁଷାଟି,
ଘୂରି ଆସିଲେ ଗାଁ' ଚାରିଆଡ଼
ନିଦ ଅଳସ ରାତିର ସ୍ୱପ୍ନ ଉପରକୁ
କିଏ ସେ ସୁଗନ୍ଧର ସୌଦାଗର
ଫିଙ୍ଗିଦିଏ ସୁବାସିତ ଏକ ସୂକ୍ଷ୍ମଜାଲ।

ଚାରିଆଡ଼ ଚହଟୁଥାଏ ଜହ୍ନ ଆଲୁଅରେ,
ମାନିନୀ ନଈଟା ନିଦ ଜରଜର ଅଳସରେ
ନିଛାଟିଆ ନଈ ପଠାରେ
ବଉଳ ଗଛର ଛାଇ ତଳେ
ବୁଦି ବୁଦି ବାଉଁଶ ବଣ ଓ ସରୁ ପାଦଚଲା ରାସ୍ତାରେ
ମର୍ମରିତ ପବନର ଟୁକୁରା ଅଂଶରେ
ପେଣ୍ଠା ପେଣ୍ଠା ସୁଗନ୍ଧର ସମ୍ମୋହନ
ଯାଦୁକରୀ ମାୟାବୀ ସ୍ପର୍ଶରେ
ସବୁଜ ଘେରାଉ ସେଇ ବସ୍ତିଟାକୁ
କରେ ସ୍ୱପ୍ନାଚ୍ଛନ୍ନ।

ଘର ବାହୁଡ଼ା ବାଟୋଇଟି ଅଟକିଯାଏ କ୍ଷଣେ ଦଣ୍ଡେ,
ଉଡ଼ିଯାଉଥିବା ରାତିଚର ପକ୍ଷୀଟି
ଭୁଆଁ ବୁଲିଯାଏ
ଝରକା ପାଖେ ନୂଆ ବୋହୂଟିର ପ୍ରତୀକ୍ଷା, ବି
ପୁଲକି ଉଠେ ତୁହା ତୁହା
ଅସମର୍ଥ କବିଟିର ଶବ୍ଦ ପୁଟୁଳି ବତୁରିଯାଏ ସେ ପ୍ଲାବନରେ
ମନ୍ଦିର ବେଢ଼ାର ଚମ୍ପା ଗଛଟି ମଥା ନତ୍ କରିଦିଏ ନୀରବରେ

ହେ ଅପୂର୍ବ ସୁଗନ୍ଧର ଯାଦୁକର
ତୁ ପରିହାସ କରୁ ଦେବତାର ଅସ୍ୱୀକାର
ମାଳା କରି ଦେଇ ସୁଗନ୍ଧର କାରବାର,

ହେ, ବାମ୍ନା, ଯାଦୁକର
ତୋ ମାୟାର ସ୍ୱପ୍ନ ଜାଲରେ
ବନ୍ଧା ପଡ଼େ ବିଶ୍ୱ ଚରାଚର
ତୋର ପ୍ରଥମ ସ୍ପର୍ଶ ସ୍ପନ୍ଦନ
ଦ୍ୱିତୀୟ ସଂଚାଳନ
ଅବଲୀଳା କ୍ରମେ ପ୍ଲାବନ ଓ ନିଶ୍ଚେତନ
ତୁ ଅନାସକ୍ତ ପ୍ରେମର ଚେତନ।

ଶିବଛାୟା
ରଥ ରୋଡ୍, ଭୁବନେଶ୍ୱର-୨



# ଦେଖିପାରିନି ଏଯାଏଁ ସମୁଦ୍ର



ପ୍ରେମାନନ୍ଦ ଖଣ୍ଡୁଆଳ

ଭଲଭାବରେ ଦେଖିପାରିନି
ଏଯାଏଁ ସମୁଦ୍ର
ଲହଡ଼ିକୁ ଗଣି ପାରିନି ଆଙ୍ଗୁଳି ରେଖାରେ
ହାତ ବୁଲେଇ ସମତଳ କରିପାରିନି
କୁବା କୁବା ପିଠି,
ବୁଝି ପାରିନି ତା ଶବ୍ଦ
ବୁଝେଇ ପାରିନି କିଛି ଗୋଟେ ତାକୁ।

ଦେଖେଇ ପାରିନି
ତା'ର ଖେଳ, ତା'ର ବୟସ୍କ ଚପଳ
ତା'ର ରାଗ, ତା'ର ଧାବମାନ ବେଗ
ପବନର ଡେଣା ଲାଗିଲେ
କେମିତି ଦାନ୍ତ, ନଖ ଖଞ୍ଜି ହୋଇଯାଏ
ଧାଡ଼ି ଧାଡ଼ି ଲହଡ଼ିରେ,
ମୁଣ୍ଡ ଝାମ୍ପୁରା କରି
ପାଲଟିଯାଏ ବାୟାଣୀ
ଚାକୁଲୁ ଚାକୁଲୁ ଖାଇଯାଏ
ମାଇଲ ମାଇଲ ମାଟି
ଚାଳ, ଚୁଲି, ଜମି, ଜଙ୍ଗଲ
ଅସଂଖ୍ୟ ମଣିଷଙ୍କ ଆଖିରୁ ନିଦ
ପେଟରୁ ଭୋକ
ଛାତିରୁ ବିବେକ
ସୁଖେଇ ଦିଏ ଲୁହ, ଲହୁ
ପକ୍ଷୀଙ୍କ କଣ୍ଠରୁ ଗୀତ
ଗଛଙ୍କ ସବୁଜ, ଫୁଲରୁ ରଙ୍ଗ, ମହୁ।

ମୋ ନପାରିଲା ପଣରେ
ମୁଁ ଘାରି ହେଉଛି ଅହରହ
ହାତମୁଠାରୁ ଖସିଯାଇଥିବା ସମୟକୁ

ଟାଣିଆଣି ଦେଖେଇ ଦେବାକୁ ଚାହୁଁଥିଲି
କେମିତି ସମୁଦ୍ର ଧାସରେ
ଦରସିଝା ହୁଏ ଜୀବନ
କେମିତି ପାଦକୁ ଲାଗେ ଥରିଲେ ବସୁଧା
କେମିତି ଅଧାଗଢ଼ା ରହିଯାଏ ସପ୍ନ
ପ୍ରଖର ଦୌଡ଼େ ନିଃଶ୍ୱାସ
କେତେ କଷ୍ଟ ଲାଗେ ସଜାଡ଼ିବା
ବିଶ୍ୱାସ ଟିକକ,
କେମିତି ଲୁହରେ ଫୁଟାଯାଏ
ହସର ପ୍ରତିବିମ୍ବ
ଖୁସିର କଦମ୍ବ।

ଭଲଭାବରେ ଦେଖିପାରିନି
ଏଯାଏଁ ସମୁଦ୍ର
ଆକାଶରେ ଦେଖିପାରିନି
ଇନ୍ଦ୍ରଧନୁର ଛବି
ଛାତିରେ ଆଙ୍କିପାରିନି
ସମୟ ଓ ସମୁଦ୍ରର ଯୁଗଳ ମିଳନ
ପଢ଼ି ପାରିନି ମନ ବର୍ଣ୍ଣବୋଧ
ଗାଇ ପାରିନି ତଥାପି
ଜୀବନ୍ତ ଜୀବନ ବେଦ।

ବାର୍ହାପୁର, ରାଜନଗର, କେନ୍ଦ୍ରାପଡ଼ା
ମୋ: ୯୩୩୭୩୧୩୬୭୫

# "ଲେଖାଲେଖି ମୋ' ଅନ୍ତରକୁ ନିର୍ମଳ ଓ ପରିଶୁଦ୍ଧ କରିବା ପାଇଁ ଏକ ସାଧନା"

ମୁଁ କାହିଁକି ଲେଖେ



ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଥରେ ବିଶ୍ୱକବି ରବୀନ୍ଦ୍ରନାଥ କହିଥିଲେ- "ଲେଖକ ତା'ର ପରିବାରରୁ ପ୍ରଥମେ ସାରସ୍ୱତ ସାଧନାର ମନ୍ତ୍ର ଶିଖିଥାଏ ।" ନିଜ ଲେଖାଲେଖି ସମ୍ପର୍କରେ ଭାବିଲା ବେଳେ ଏଇକଥା ହିଁ ସ୍ୱତଃ ମୋ ହୃଦୟରେ ଧ୍ୱନିତ ହେଉଥାଏ ସର୍ବଦା । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପରିବାରରେ ମୋର ଜନ୍ମ । ଅନେକ ବ୍ୟକ୍ତି ମୋତେ ବେଳେ ବେଳେ ପଚାରନ୍ତି, ଆପଣ କ'ଣ କବିଙ୍କୁ ଦେଖିଥିଲେ ? ମୁଁ ତାଙ୍କୁ କ'ଣ ଉତ୍ତର ଦେବି ଭାବିପାରେ ନାହିଁ । କାରଣ ବାଲ୍ୟକାଳରୁ ତାଙ୍କର ସୂକ୍ଷ୍ମ ଉପସ୍ଥିତି ଯେପରି ଅନୁଭବ କରି ଆସିଛି ଅତି ନିବିଡ଼ ଭାବରେ ତାଙ୍କୁ ଦେଖିନାହିଁ ପରି ଲାଗେ ନାହିଁ କେବେ । ତାଙ୍କ ଫଟୋଚିତ୍ର ବା ପ୍ରତିମୂର୍ତ୍ତି ମୋତେ କେବେ ନିଷ୍ପ୍ରାଣ ମନେ ହୋଇନାହିଁ । ପୁଣି ମୋର ପୂଜ୍ୟ ପିତାମହ କବିପୁତ୍ର ଭଗବାନ ମେହେରଙ୍କଠାରୁ ଆରମ୍ଭ କରି ପରିବାରର ପ୍ରତ୍ୟେକଙ୍କ ଭିତରେ ଦେଖିଛି କବି ଆତ୍ମାର ଅନନ୍ୟ ଝଲକ । ପରିବାରରେ ସଯତ୍ନରେ ସଂରକ୍ଷିତ ବ୍ୟାସକବି ଫକୀରମୋହନ, କବିବର ରାଧାନାଥଙ୍କଠାରୁ ଆରମ୍ଭ କରି ପ୍ରତିଟି କବିଙ୍କ ଚିଠିପତ୍ର, ସେ ସମୟର ଓଡ଼ିଆ ଓ ବଂଗଳା ପୁସ୍ତକ ତଥା ପତ୍ରପତ୍ରିକା ମୋ' ଭିତରେ ସୃଷ୍ଟି କରିଆସିଛନ୍ତି ଦିବ୍ୟ କଂପନ। ମନେପଡୁଛି ଛୋଟବେଳେ ପ୍ରତିଦିନ ରାତିରେ ପିତାମହଙ୍କ ସହ ଶୋଇବା ବେଳେ ରାମାୟଣର ମହନୀୟ ଚିରିତ୍ରସବୁ ସହ ମୋ' ଅନ୍ତସର୍ତ୍ତାକୁ କିପରି ସେ ଯୋଡ଼ି ଦେଉଥିଲେ । ସେହିପରି ବଡ଼ମା ଧନମତି ମେହେର ମହାଭାରତର ଚରିତ୍ରମାନଙ୍କ ସହ ଏକାତ୍ମ କରି ଦେଇଥିଲେ ମୋତେ । ଆଉ ମୋର ବାପା କବି ପୌତ୍ର କିଶୋର ଚନ୍ଦ୍ର ମେହେର ଭାରତୀୟ ସାହିତ୍ୟର ମହାନ ସ୍ରଷ୍ଟା ଓ ସୃଷ୍ଟି ସହ ସଂଯୁକ୍ତ କରି ଦେଉଥିଲେ ମୋ ହୃଦୟକୁ ନିବିଡ଼ ଆନ୍ତରିକତାରେ ।

ମୁଁ ବୁଦ୍ଧିମାନ କି ବିଚକ୍ଷଣ ଛାତ୍ର ତ ନଥିଲି ଆଦୌ । ତେବେ କିଏ ସ୍ନେହ ଛଳଛଳ ଦୃଷ୍ଟିରେ ମୋତେ ଟିକିଏ ଚାହିଁଦେଲେ, ଭଲ ଲେଖାଟିଏ ପଢ଼ିଦେଲେ, ଭଲ ଗୀତଟିଏ ଶୁଣିଦେଲେ କି ଭଲ ସିନେମାଟିଏ ଦେଖିଦେଲେ, ଛୋଟ ବାଛୁରୀର କଅଁଳ ଆଖିକୁ ଦେଖିଦେଲେ ଉଦ୍‌ବେଗଳିତ ହୋଇଉଠୁଥିଲା ହୃଦୟତନ୍ତ୍ରୀ। ମୋର ସକଳ ଅଯୋଗ୍ୟତା, ଅପାରଗତା ଓ ଅକ୍ଷମତା ସତ୍ତ୍ୱେ ଲେଖକଟିଏ ହେବାର ଭାବୋଚ୍ଛ୍ୱାସକୁ ମୁଁ ରୁଦ୍ଧ କରି ପାରିନଥିଲି । ହାଇସ୍କୁଲରେ ପଢ଼ିବା ବେଳେ ମୋର ବଡ଼ବାପା ପୂର୍ଣ୍ଣଚନ୍ଦ୍ର ମେହେର ବଂଗଳା ଅକ୍ଷର ସହ ମୋତେ ପରିଚିତ କରାଇ ଦେଇଥିଲେ । ସେତେବେଳେ ସ୍ୱାମୀ ବିବେକାନନ୍ଦଙ୍କ ଏକ ବଂଗଳା ଲେଖାକୁ ମୁଁ ଓଡ଼ିଆରେ ଅନୁବାଦ କରି ସ୍କୁଲ୍ ମାଗାଜିନ୍‌ରେ ଦେଇଥିଲି । ସେ ବର୍ଷ ମେଗାଜିନ୍ ନ ବାହାରିବାରୁ ମୋ ଲେଖା ବି ଅପ୍ରକାଶିତ ହୋଇ ରହିଗଲା ଚିରଦିନ ପାଇଁ । ପରେ କଲେଜ ଜୀବନରେ ଗଳ୍ପ ଲେଖା ଆରମ୍ଭ କରିଥିଲି ଆଉ ପରେ ପରେ ପ୍ରବନ୍ଧ ଆଉ ସମାଲୋଚନା । ସେଇ ୧୯୭୮-୭୯ ମସିହାରୁ ଏ ଯାବତ୍ ଅନ୍ତଃସ୍ଥଳର ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ମୋର ସୀମିତ ଶକ୍ତି ଅନୁସାରେ କିଛି ନା କିଛି ଲେଖି ଚାଲିଛି । ବାଲ୍ୟକାଳରୁ ଏ ପର୍ଯ୍ୟନ୍ତ ଘର ଓ ବାହାରେ ବହୁ ମଣିଷଙ୍କ ଶ୍ରଦ୍ଧାରେ ମୁଁ ଆପ୍ଲୁତ । ପୁଣି କେତେ ତିକ୍ତ ଅନୁଭୂତିରେ ଭାରାକ୍ରାନ୍ତ ଓ ବେଦନାକ୍ତ । ତେବେ ମଣିଷ ଜୀବନ ପ୍ରତି ନିଜକୁ ଯେତିକି ଉନ୍ମୁଖ କରି ରଖିଛି ସେତିକି ଗଭୀର ଭାବରେ ଧୀରେ ଧୀରେ ଅନୁଭବ କରି ଆସିଛି ଯେ ମଣିଷର ଈର୍ଷା, ଦ୍ୱେଷ, କ୍ରୋଧ, ଘୃଣା-ଏସବୁ ତା'ର ଖୋଳପା ମାତ୍ର । ଏହାର ଅଭ୍ୟନ୍ତରରେ ଯେଉଁ ନିଦା ମଣିଷଟିଏ ଲୁଚି ରହିଥାଏ ସେ ହେଉଛି ସୁନ୍ଦରତମଙ୍କ ଦ୍ୟୁତିରେ ଚିର ଭାସ୍ୱର । ଗଙ୍ଗାଧର ସାହିତ୍ୟଠାରୁ ଆରମ୍ଭ କରି ମନୋଜ ଦାସଙ୍କ ସାହିତ୍ୟକୃତି ପର୍ଯ୍ୟନ୍ତ ସବୁଠି ମଣିଷ ଆତ୍ମାର ସ୍ନିଗ୍ଧତା ମୋତେ ଅଭିଭୂତ କରିଛି । ମୁଁ ଗଳ୍ପ, ମୌଳିକ ପ୍ରବନ୍ଧ, ସମାଲୋଚନାତ୍ମକ ପ୍ରବନ୍ଧ, ଗବେଷଣାତ୍ମକ ନିବନ୍ଧ, ଜୀବନୀ, ନାଟକ ଯାହା ବି ଯେତେବେଳେ ଲେଖିଛି ସବୁଥିରେ ମାନବିକତାର ଅନୁଭବରେ ମହିମ୍ନ ମଣିଷଟିକୁ ଆବିଷ୍କାର କରିବା ପାଇଁ ଅତି ଆନ୍ତରିକ ଭାବରେ ଚାହିଁଛି ।

ଅନେକ ବର୍ଷ ତଳେ ବଂଗଳା ସାହିତ୍ୟର ସୁପ୍ରସିଦ୍ଧ କଥାଶିଳ୍ପୀ ବିମଳ ମିତ୍ରଙ୍କ 'ଘାଟ୍‌ବାବୁ' ଗଳ୍ପଟି ମୋ ଭିତରେ ସୃଷ୍ଟି କରିଥିଲା ଅନନ୍ୟ ଶିହରଣ। ଲେଖକ ହେବାର ଆକାଂକ୍ଷା ରଖିଥିବା ପିଲାଟିକୁ ଚିଠିରେ ଦର୍ଶାଇଥିଲେ ଯେ, କେବଳ ବିଖ୍ୟାତ ଲେଖକ ହେବାର ବାସନା ରଖିବା ଜୀବନର ପ୍ରକୃତ ଆଭିମୁଖ୍ୟ ନୁହେଁ । ନିଜର ପରିପାର୍ଶ୍ୱର ମଣିଷମାନଙ୍କୁ ଆଉ ପୃଥିବୀକୁ ନିଃସ୍ୱାର୍ଥପର ଭାବରେ ଭଲ ପାଇବା ହିଁ ଆମର ସର୍ବପ୍ରଥମ ଓ ସର୍ବପ୍ରଧାନ କର୍ତ୍ତବ୍ୟ।

କିଶୋର କାଳରୁ ସବୁବେଳେ ଏକ ସୁନ୍ଦରତମ ପୃଥିବୀର ସ୍ୱପ୍ନରେ ମୁଁ ଅଧୀର ହୋଇଛି । ନିଜ ପରିବାର, ପରିପାର୍ଶ୍ୱ, ନିଜ ଶିକ୍ଷାନୁଷ୍ଠାନ, ନିଜ ଅଞ୍ଚଳଠାରୁ ଆରମ୍ଭ କରି ସର୍ବତ୍ର, ଶ୍ରଦ୍ଧା ଭାବର ଏକ ନିର୍ଝର ହୋଇ ସମସ୍ତଙ୍କ ହୃଦୟକୁ ସୂକ୍ଷ୍ମ କୋମଳ ଭାବାବେଗରେ ସ୍ପନ୍ଦିତ କରିଦେବା ପାଇଁ ବ୍ୟାକୁଳ ହୋଇ ଉଠିଛି। ବୃକ୍ଷଲତା, ପାହାଡ଼ପର୍ବତ, ପରିଚିତ ଅପରିଚିତ ସବୁ ମଣିଷ ସହ ଏକାତ୍ମ ହୋଇଯିବାର ଅନୁଭବରେ ତଲ୍ଲୀନ ହୋଇଉଠିଛି ମୋ ହୃଦୟ । ରାତି ରାତି ଧରି ଦୁଇ ଆଖିରୁ ଅନବରତ ବୋହିଛି କୃତଜ୍ଞତାର ଅଶ୍ରୁଧାର । ପୁନଶ୍ଚ ପ୍ରତିଟି ଲୋମକୂପରେ ଏ କି କମ୍ପନ! ଏ କି ସଙ୍ଗୀତ!! ଏ କି ବିଗଳନ !!! ପ୍ରେମର ବର୍ଷାରେ ସାରା ପୃଥିବୀକୁ ଭିଜାଇ ଦେବାର ଏ କି ଉଦ୍‌ବେଳନ। ଏହି ବିରଳ ଅନୁଭୂତି ହିଁ ହାତରେ କଲମ ଧରିବାର ଶକ୍ତି ଦେଇଛି ମୋତେ । ତେବେ ସମୟ କ୍ରମେ ମୁଁ ସଚେତନ ହୋଇ ଉଠିଛି-ଆହା। ମୋର ଏ ଜୀବନ ଏ ସାରା ପୃଥିବୀରେ କେତେ କ୍ଷୁଦ୍ରାତିକ୍ଷୁଦ୍ର, କେଡ଼େ ନଗଣ୍ୟ, କେତେ ସାଧାରଣ ଓ କେତେ ପ୍ରଭାବହୀନ। ଏ ସବୁ ସତ୍ତ୍ୱେ ଏ ଜୀବନକୁ ଏକାନ୍ତ ତାତ୍ପର୍ଯ୍ୟହୀନ ବୋଲି ମୁଁ ଭାବି ପାରିନାହିଁ। ଅନ୍ତତଃ ଆପଣାକୁ ଏକ ଅତିକ୍ଷୁଦ୍ର ଶିଶିରବିନ୍ଦୁ ବୋଲି ମନେକରି ମୁଁ ଆଶ୍ୱସ୍ତ ହୋଇଛି। ମୋର ଆଉ ଏହାଠାରୁ ବେଶି ଭୂମିକା ନାହିଁ । ଶୀତଳ ସକାଳରେ କେଉଁ ସବୁଜ ପତ୍ର, କେଉଁ ସୁନ୍ଦର ଫୁଲର ମସୃଣ ପାଖୁଡ଼ା ଅବା କେଉଁ ଘାସ ଲଟା ଉପରେ ପଡ଼ିଥିବା ଛୋଟିଆ, ଅତି ଛୋଟିଆ ଶିଶିର ବିନ୍ଦୁଟିଏ ମୁଁ । କେତୋଟି ମୁହୂର୍ତ୍ତର ଏ ଜୀବନ ମୋର । ଏ ବିଶାଳ ଜଗତରେ କେଉଁ ନିସ୍ତବ୍ଧ ଗହନ ଅରଣ୍ୟରେ ଅପରିଚିତ, ଅଜ୍ଞାତ କାକର ବିନ୍ଦୁଟିଏ ହୋଇ ଖସି ପଡ଼ିବା ଓ ପୁଣି ସମସ୍ତଙ୍କ ଅଜାଣତରେ ନିମିଷକେ ଏ ବିଚିତ୍ର ରହସ୍ୟମୟ ବିଶ୍ୱର ଅନନ୍ତ ରହସ୍ୟରେ ସଂପୂର୍ଣ୍ଣ ନିରବ ଭାବରେ ମିଳେଇ ଯିବା ହିଁ ମୋର ନିୟତି । ତେବେ ଏପରି କ୍ଷୁଦ୍ର ଶିଶିର ବିନ୍ଦୁର ହୃଦୟରେ ମଧ୍ୟ ବିଶ୍ୱ ବିଧାତା କେତେ ସ୍ୱପ୍ନ ଭରି ନ ଦିଅନ୍ତି ! ସେ ସବୁ ସ୍ୱପ୍ନକୁ ଅସ୍ୱୀକାର କରିହେବ ବା କିପରି ! ସ୍ୱପ୍ନ ସବୁ ସାକାର ମଧ୍ୟ ହେବାର ସମ୍ଭାବନା ନାହିଁ। କେବଳ ଏତିକି ପ୍ରାର୍ଥନା ସବୁ ଉତ୍ତପ୍ତତା ଉପରେ ଶୀତଳ କାକର ବିନ୍ଦୁଟିଏ ହୋଇ ମୁଁ ଖସି ପଡୁଥାଏ । ଏ ପୃଥିବୀର ଦୁଃଖ ଓ ଯନ୍ତ୍ରଣା ଲାଘବ କରିବାର ସାମର୍ଥ୍ୟ ଯଦିଓ ଶିଶିର ବିନ୍ଦୁଟିଏର ନଥାଏ ତଥାପି ବେଦନା ଜର୍ଜରିତ କାହାର ଜୀବନରେ କୋମଳ ସ୍ପର୍ଶ ଟିକିଏ ଦେବା ପାଇଁ ଓହ୍ଲାଇ ଆସୁଥାଏ ମୁଁ । ସଂସାରକୁ ଆବିଳ କରି ଦେଉଥିବା ଅପଶକ୍ତିମାନଙ୍କୁ ଅପସାରଣ କରିବାର କ୍ଷମତା ଯଦିଓ ମୋର ନାହିଁ ତଥାପି ସରଳତାର ନିଷ୍କପଟତାର ଉଜ୍ଜ୍ୱଳ ବିନ୍ଦୁଟିଏ ହୋଇ ଝଟକି ଉଠିବାପାଇଁ ମୁଁ ନିରନ୍ତର ପ୍ରାର୍ଥନାରତ । ମୋ ଲେଖା ମୋ ନିଜ ଅନ୍ତରକୁ ନିର୍ମଳ ଓ ପରିଶୁଦ୍ଧ କରିବା ଲାଗି ଏକ ସାଧନା । ଯେତେ ଅଳ୍ପ ସଂଖ୍ୟକ ହୁଅନ୍ତୁ ପଛକେ ମୋ ପ୍ରିୟ ପାଠକଙ୍କ ଅନ୍ତର ସହ ସଂଯୁକ୍ତ ହୋଇଯିବା ପାଇଁ ମୋ ଲାଗି ଏହା ଏକ ଆନ୍ତରିକ ଧ୍ୟାନ । ଅତିକ୍ଷୁଦ୍ର ଶିଶିର ବିନ୍ଦୁଟିଏ ପରି ମୋ ଲେଖା ଯଦି କାହା ଅନ୍ତରକୁ ସାମାନ୍ୟ ବି ଶାନ୍ତି ଓ ଶୀତଳତା ପ୍ରଦାନ କରି ପାରିଲା, ଅନ୍ତରାତ୍ମାର ମହତ୍ ସ୍ପନ୍ଦନ ସହ ସଂଯୁକ୍ତ ହୋଇଯିବା ପାଇଁ ସାମାନ୍ୟ ବି ଶିହରଣ ସୃଷ୍ଟି କଲା, ସେତିକିରେ ମୁଁ ଆଶ୍ୱସ୍ତ ଓ ଆନନ୍ଦିତ ।

ପରିଦର୍ଶକ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀ ବିହାର, ଭୁବନେଶ୍ୱର
ମୋ: ୯୯୩୭୩୬୫୬୯୮

# ପାହାଡ଼ ଉପରୁ ନରକଙ୍କାଳ ଉଦ୍ଧାର

**କୁଆଁମରା,୬।୯(ସମିସ):** ଦୁଇ ମାସ ତଳେ ନିଖୋଜ ହୋଇଥିବା ଜଣେ ବ୍ୟକ୍ତିଙ୍କ ନରକଙ୍କାଳକୁ ଶନିବାର ଖୁଣ୍ଟା ପୁଲିସ ଏକ ପାହାଡରୁ ଜବତ କରିଛି। ଖୁଣ୍ଟା ଥାନା ଅନ୍ତର୍ଗତ ମାହାଲିବସା ଗ୍ରାମର ଟେମ୍ପା ମାଙ୍କଡିଆ (୫୨) ଜୁଲାଇ ୧ ତାରିଖରେ ଘରୁ କୁଆଡେ ପଳାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା; ହେଲେ ୨ମାସ ହେଲା କୌଣସି ପାଇନଥିଲା। ଶନିବାର ତାଙ୍କ ପୁଅ ନରେନ୍ଦ୍ର ଅଗ୍ନିକୁଆଁରୀ ଜଙ୍ଗଲକୁ କାଠ କାଟିବାକୁ ଯାଇଥିବାବେଳେ ପାହାଡ ଉପରକୁ ଉଠିଥିଲେ। ପରେ ଏକ ବରଗଛରେ ରଶି ଝୁଲୁଥିବା ଦେଖି ନିକଟକୁ ଯାଇଥିଲେ। ତଳେ ମଣିଷ କଙ୍କାଳ ପଡିଥିବା ଦେଖିବାକୁ ପାଇଥିଲେ। ସେଠାରେ ସେ ବାପାଙ୍କ ଲୁଗାପଟାରୁ ଚିହ୍ନିଥିଲେ। ପରେ ସାଇଣ୍ଟିଫିକ ଟିମ୍ ତଦନ୍ତ ଆରମ୍ଭ କରିଛି।

# ଭିଜିଲାନ୍ସ ଜାଲରେ ପୁଲିସ ଏସ୍ଆଇ

## ଇଟା କାରଖାନା ମାଲିକଙ୍କଠାରୁ ୨୦ହଜାର ଟଙ୍କା ନେଇ ଧରାପଡିଲେ

**କଟକ, ୬।୯(ସମିସ):** ଜଣେ ପୁଲିସ ଅଧିକାରୀ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସମ୍ପୃକ୍ତ ପୁଲିସ ଅଧିକାରୀଜଣଙ୍କ ହେଉଛନ୍ତି, କଟକ ଜିଲ୍ଲା ବାଙ୍କୀ ସୁବର୍ଣ୍ଣପୁର ଆଉଟପୋଷ୍ଟର ଏସ୍ଆଇ (ସବ୍-ଇନ୍ସପେକ୍ଟର) ପ୍ରସନ୍ନ କୁମାର ମାହାଲି। ବୀମା କମ୍ପାନୀଠାରୁ ଅର୍ଥ ଦାବି ପାଇଁ ଜଣେ ଇଟା କାରଖାନା ମାଲିକ ଏତଲାର ସାର୍ଟିଫାଏଡ୍ କପି ପାଇଁ ସମ୍ପୃକ୍ତ ପୁଲିସ ଏସ୍ଆଇଙ୍କୁ ନିବେଦନ କରିଆସୁଥିଲେ। ହେଲେ ଏହାକୁ ଦେଉନଥିଲେ ଓ ଏଥିପାଇଁ ୨୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ପରେ ଇଟା କାରଖାନା ମାଲିକଙ୍କଠାରୁ ୨୦ ହଜାର



ସୁବର୍ଣ୍ଣପୁର ଫାଣ୍ଡି ପରିସରସ୍ଥ ବାସଭବନ ଓ ପାଟକୁରା ଥାନା ବେହୁଲା ଗ୍ରାମର ପୈତୃକ ଘର ଓ ଅନ୍ୟାନ୍ୟ ସ୍ଥାନରେ ଚଢ଼ଉ

ଟଙ୍କା ଲାଞ୍ଚ ନେଉଥିବା ସମୟରେ ଶ୍ରୀ ମାହାଲିଙ୍କୁ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ଗିରଫ କରିଛି। କିଛି ଅଜଣା ଦୁର୍ବୃତ୍ତ ସମ୍ପୃକ୍ତ ବ୍ୟକ୍ତି ଅଭିଯୋଗକାରୀଙ୍କ ଇଟା କାରଖାନାକୁ ପୋଡ଼ି ଦେଇଥିଲେ। ଏନେଇ ଇଟା କାରଖାନା ମାଲିକ ପୂର୍ବରୁ ଏକ ଏତଲା ପ୍ରଦାନ କରିଥିଲେ। ତେବେ ବୀମା କମ୍ପାନୀଠାରୁ ଅର୍ଥ ପାଇବା ପାଇଁ ପଞ୍ଜିକୃତ ମାମଲା ସହିତ ଜଡ଼ିତ ଏତଲାର ପ୍ରମାଣିକୃତ କପି ସମ୍ପୃକ୍ତ ଏସ୍ଆଇଙ୍କୁ ମାଗିଥିଲେ। ଏସ୍ଆଇ ଶ୍ରୀ ମାହାଲି ତାଙ୍କ ନିକଟରୁ ୨୦ ହଜାର ଟଙ୍କା ଦାବି କରିଥିଲେ। ପରେ ଅଭିଯୋଗକାରୀ ଜଣକ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ।

ଏହାପରେ, ଯୋଜନା ମୁତାବକ ଭିଜିଲାନ୍ସର ଏକ ଟିମ ଆଜି ଶ୍ରୀ ମାହାଲିଙ୍କୁ କମ୍ପାନୀରୁ ୨୦,୦୦୦ ଟଙ୍କା ନେଉଥିବା ବେଳେ ଗିରଫ କରି ଉକ୍ତ ଲାଞ୍ଚ ଟଙ୍କା ଜବତ କରିଛି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ପ୍ରସଙ୍ଗରେ ଭିଜିଲାନ୍ସ ପକ୍ଷରୁ ଶ୍ରୀ ମାହାଲିଙ୍କ ସୁବର୍ଣ୍ଣପୁର ପୁଲିସ ଆଉଟପୋଷ୍ଟ ପରିସର ବାସଭବନ ଓ କେନ୍ଦ୍ରାପଡା ପାଟକୁରା ଥାନା ବେହୁଲା ଗ୍ରାମର ପୈତୃକ ଘର ଅନ୍ୟାନ୍ୟ ସ୍ଥାନରେ ଚଢଉ କରାଯାଇଛି। କଟକ ଭିଜିଲାନ୍ସ ଡିଭିଜନ ପକ୍ଷରୁ ଏକ ମାମଲା ରୁଜୁ ସହ ଅଧିକ ତଦନ୍ତ ଜାରି ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ୧୨ ଘଣ୍ଟାରେ...

ହ୍ୱାଇଟ୍ ହାଉସରେ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ କହିଲେ, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଁ ଭଲ ମିତ୍ର ହୋଇରହିବୁ। ମୋଦୀ ହେଉଛନ୍ତି ଜଣେ ମହାନ ପ୍ରଧାନମନ୍ତ୍ରୀ। କିନ୍ତୁ ଏବେ ସେ ଯାହା କରୁଛନ୍ତି ତାହା ମୋତେ ପସନ୍ଦ ଲାଗୁନାହିଁ। ଏହାସତ୍ତ୍ୱେ ଭାରତ-ଆମେରିକା ସମ୍ପର୍କ ବହୁତ ସ୍ୱତନ୍ତ୍ର। ଚିନ୍ତା କରିବାର କୌଣସି କାରଣ ନାହିଁ।' ଟ୍ରମ୍ପଙ୍କ ଏଭଳି ମତ ପରିବର୍ତ୍ତନକୁ ସ୍ୱାଗତ କରିଛନ୍ତି ପ୍ରଧାନମମନ୍ତ୍ରୀ ମୋଦୀ। ଭାରତ ଉପରେ ଟ୍ରମ୍ପଙ୍କ ଶୁଳ୍କ ଘୋଷଣା ପରେ ନିରବ ରହିଥିବା ମୋଦୀ ଆଜି ଟ୍ରମ୍ପଙ୍କ ଟିପ୍ପଣୀକୁ ନିଜ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଭାବନା ଏବଂ ଆମ ସମ୍ବନ୍ଧକୁ ନେଇ ଥିବା ତାଙ୍କ ବିଚାରକୁ ପ୍ରଶଂସା ଓ ସମର୍ଥନ କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଭାରତ-ଆମେରିକା ମଧ୍ୟରେ ଏକ ସକରାତ୍ମକ ଏବଂ ଦୂରଦୃଷ୍ଟିସମ୍ପନ୍ନ ରଣନୈତିକ ସହଯୋଗ ରହିଛି ବୋଲି ମୋଦୀ କହିଛନ୍ତି।

ଏହା ପୂର୍ବରୁ ଶୁକ୍ରବାର ସକାଳେ ଟ୍ରମ୍ପ ଭାରତକୁ ଧମକ ଦେଇଥିଲେ। ସେ କହିଥିଲେ ଯେ 'ଭାରତ ଏବଂ ରୁଷକୁ ଆମେ ଚୀନ୍ ହାତରେ ହରାଇ ଦେଲା ଭଳି ଲାଗୁଛି। ଉଭୟ ଦେଶର ଭବିଷ୍ୟତ ଭଲ ହେବ ବୋଲି ଆଶା।।' ତେବେ ଚୀନକୁ ଏକ ଅନ୍ଧାର ରାଷ୍ଟ୍ର କହିବାକୁ ପଛାଇନଥିଲେ। ଅନ୍ୟପକ୍ଷରେ ଭାରତ ସହ କୌଣସି ବାଣିଜ୍ୟ ଆଲୋଚନା ହେବନାହିଁ ବୋଲି ପୂର୍ବରୁ ଟ୍ରମ୍ପ କହିଥିଲେ। କେବଳ ଏତିକି ନୁହେଁ. ଭାରତ ଉପରେ ଆହୁରି ଶୁଳ୍କ ବସାଇବାକୁ ମଧ୍ୟ ଧମକ ଦେଇଥିଲେ। କିନ୍ତୁ ସେ ଗତକାଲି ସନ୍ଧ୍ୟାରେ ଭାରତ ଏବଂ ଅନ୍ୟ ଦେଶଙ୍କ ସହ ବାଣିଜ୍ୟ ଆଲୋଚନା ଆଗେଇ ଚାଲିଛି ବୋଲି ସୂଚନା ଦେଇଥିଲେ। ଭାରତ ରୁଷ ତୈଳ କିଣିବା ନୈରାଶ୍ୟଜନକ। ଏଥିପାଇଁ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗା ଯାଇଛି ବୋଲି କହିଥିଲେ। ତେବେ ଭାରତ, ରୁଷ ଓ ଚୀନ ଏକାଠି ହେଉଥିବା ଦେଖି ଟ୍ରମ୍ପ ନିଜର ଭୁଲ ବୁଝିବା ଆରମ୍ଭ କରିଛନ୍ତି ବୋଲି କୁହାଯାଉଛି। ଭାରତ ସହ ତିକ୍ତତା ନେଇ ଆମେରିକାରେ ମଧ୍ୟ ଟ୍ରମ୍ପ ତୀବ୍ର ସମାଲୋଚନାର ଶିକାର ହୋଇଛନ୍ତି। ତେବେ ଟ୍ରମ୍ପ ଏଭଳି ଜଣେ ରାଷ୍ଟ୍ରପତି ଯାହାକୁ ନେଇ କିଛି ଭବିଷ୍ୟବାଣୀ କରାଯାଇପାରିବ ନାହିଁ ଅନେକ କୁଟନୀତି ବିଶେଷଜ୍ଞ ମତ ଦେଇଛନ୍ତି।

## ବ୍ରିକ୍ସ ଆଭାସୀ ବୈଠକରେ ପ୍ରତିନିଧିତ୍ୱ କରିବେ ଜୟଶଙ୍କର

**ନୂଆଦିଲ୍ଲୀ:** ସୋମବାର ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଡା ସିଲଭା ବ୍ରିକ୍ସ ନେତାମାନଙ୍କର ଆଭାସୀ ବୈଠକ ଡାକିଛନ୍ତି। କିନ୍ତୁ ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବେ ନାହିଁ। ମୋଦୀଙ୍କ ସ୍ଥାନରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏହି ବୈଠକରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଛି। ଆମେରିକା ବିଭିନ୍ନ ଦେଶରେ ଲାଗୁ କରିଥିବା ଉଚ୍ଚ ଟାରିଫ୍ ଓ ବହୁପକ୍ଷୀୟ ସହଯୋଗ ବୃଦ୍ଧି ନେଇ ଏହି ବୈଠକରେ ଆଲୋଚନା ହେବ ବୋଲି ଆଶା କରାଯାଉଛି। ତେବେ ଆମେରିକା ବିରୋଧରେ କୌଣସି ମଞ୍ଚ ପ୍ରସ୍ତୁତ କରିବା ଏହି ବୈଠକ ଉଦ୍ଦେଶ୍ୟ ନୁହେଁ ବୋଲି ବ୍ରାଜିଲ ରାଷ୍ଟ୍ରପତି ଲୁଲା ସ୍ପଷ୍ଟ କରିଛନ୍ତି। ୨୦୨୬ରେ ବ୍ରିକ୍ସ ସମ୍ମିଳନୀରେ ଅଧ୍ୟକ୍ଷତା ପୂର୍ବରୁ ଭାରତ ସାବଧାନତା ଅବଲମ୍ବନ କରୁଥିବାରୁ ମୋଦୀ ଏହି ଆଭାସୀ ବୈଠକରେ ଯୋଗ ଦେବେ ନାହିଁ ବୋଲି ଅନୁମାନ କରାଯାଇଛି। ପୂର୍ବରୁ ଆମେରିକା ଲାଗୁ କରିଥିବା ୫୦% ଟାରିଫ୍ ଉଠାଇବା ପାଇଁ ଭାରତକୁ ବ୍ରିକ୍ସ ଛାଡିବାକୁ କହିଛି। ଆମେରିକା ଶିଳ୍ପ ମନ୍ତ୍ରୀ ହାୱାର୍ଡ ଲୁଟନିକ୍ ଭାରତ ଉପରେ ଟାରିଫ ଉଠାଇବା ପାଇଁ ୩ଟି ସର୍ତ୍ତ ରଖିଛନ୍ତି। ଉଲ୍ଲେଖଥାଉ କି, ୨୦୨୬ରେ ଭାରତ ବ୍ରିକ୍ସ ସମ୍ମିଳନୀର ୧୮ତମ ସଂସ୍କରଣରେ ଆୟୋଜନ କରିବା ସହ ଅଧ୍ୟକ୍ଷତା କରିବ।

## ଶୁଳ୍କ କମାଇବାକୁ...

ସବୁଠାରୁ ବଡ଼ ଗ୍ରାହକକୁ ସମର୍ଥନ କରୁ କିମ୍ବା ୫୦ ପ୍ରତିଶତ ଶୁଳ୍କ ଦେଉ। ତେବେ ଭାରତ ଖୁବଶୀଘ୍ର ଆମେରିକା ସହ ଦ୍ୱିପାକ୍ଷିକ ବାଣିଜ୍ୟ ଆଲାଚନାରେ ସାମିଲ ହେବ ବୋଲି ଆମେରିକା ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଆମେରିକା ସର୍ବଦା ଆଲୋଚନା ପାଇଁ ପ୍ରସ୍ତୁତ ଅଛି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟକୁ ନେଇ ବିବାଦ ରହିଛି ସତ, କିନ୍ତୁ ଖୁବଶୀଘ୍ର ଭାରତ କ୍ଷମା ମାଗି ଟ୍ରମ୍ପଙ୍କ ସହ ଆଲୋଚନା ପାଇଁ ଟେବୁଲକୁ ଆସିବ ବୋଲି ଲୁଟ୍‌ନିକ କହିଛନ୍ତି। ମାସେ ଦୁଇ ମାସ ଭିତରେ ଏଭଳି ହେବ। ଟ୍ରମ୍ପଙ୍କ ସହ ନୂଆ ଚୁକ୍ତି କରିବା ପାଇଁ ଭାରତ ପ୍ରୟାସ କରିବ। ଏହି ଚୁକ୍ତି ମଧ୍ୟ ଟ୍ରମ୍ପଙ୍କ ସର୍ତ୍ତରେ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଚୂଡ଼ାନ୍ତ ରୂପ ଦେବେ ବୋଲି ଲୁଟନିକ କହିଛନ୍ତି।

## ଆପୋସ ସମାଧାନ...

ନେତୃତ୍ୱ ଏ ସମ୍ପର୍କରେ ଆଲୋଚନା କରି ସମାଧନର ବାଟ କାଢ଼ିଲେ ସମସ୍ୟାର ଅନ୍ତ ହେବ। ଅତୀତରେ କୃଷ୍ଣା, କାବେରୀ, ରାବି, ବ୍ୟାସ ନଦୀ ଜଳ ବିବାଦରେ ଟ୍ରିବ୍ୟୁନାଲରେ ସୁଫଳ ମିଳିନାହିଁ। ଯଦି ବିବାଦ ସମାଧାନ ନ ହୁଏ ତାହେଲେ ଓଡ଼ିଶାର ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ଜଳ କମିଶନଙ୍କ ସ୍ୱୀକୃତି ମିଳିବ ନାହିଁ । ତେଣୁ ଉଭୟ ରାଜ୍ୟର ସ୍ୱାର୍ଥକୁ ସୁରକ୍ଷିତ ରଖାଯାଇ କିପରି ବିବାଦର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ହୋଇପାରିବ, ସେନେଇ ଆଲୋଚନା ଅଗ୍ରଗତି ହେଉଛି। କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ଯଦି ଉଭୟ ରାଜ୍ୟ ଯଦି ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରନ୍ତି, ତାହେଲେ ଏହା ଇତିହାସରେ ପ୍ରଥମ ଘଟଣା ହେବ ବୋଲି ଶ୍ରୀ ଆଚାର୍ଯ୍ୟ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଚଳିତ ମାସରେ ପ୍ରତି ସପ୍ତାହରେ ବୈଷୟିକ ଟିମ ବୈଠକ କରିବ। ଉଭୟ ରାଜ୍ୟ ମଧ୍ୟରେ ଥିବା ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯିବ। ଉଭୟ ରାଜ୍ୟ ମଧ୍ୟରେ ପ୍ରାୟ ୪୬ଟି ପ୍ରସଙ୍ଗ ରହିଥିବା ସେମାନେ ଟ୍ରିବ୍ୟୁନାଲଙ୍କୁ ଜଣାଇଛନ୍ତି। ତେବେ ସେଥିମଧ୍ୟରୁ ୪୦ଟି ପ୍ରସଙ୍ଗ ସେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷେ ଆପୋସ ବୁଝାମଣାକୁ ଜଳ ବିଶେଷଜ୍ଞ ଏବଂ ମହାନଦୀ ସହ ଜଡ଼ିତ ସାମାଜିକ ସଂଗଠନ ଗୁଡ଼ିକ ସ୍ୱାଗତ କରିଛନ୍ତି। ତେବେ ଛତିଶଗଡ଼ ସହ କୌଣସି ନିର୍ଦ୍ଦିଷ୍ଟ ଆଲୋଚନା ପୂର୍ବରୁ ରାଜ୍ୟ ସରକାର ଜଳ ବିଶେଷଜ୍ଞ, ନଦୀ ସହ ଜଡ଼ିତ ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା କରିବା ଜରୁରୀ ବୋଲି ସେମାନେ ମତପ୍ରକାଶ କରିଛନ୍ତି।

## ଆଇଟି ବିଶେଷଜ୍ଞ...

ଏହି ରାକେଟ୍ ସହ ଏକ ଅନ୍ତର୍ଜାତୀୟ ଗୋଷ୍ଠୀ ଜଡିତ ଥିବା ପୁଲିସ ଆଶାଙ୍କା କରୁଛି। ଡ୍ରଗ୍ସ ତିଆରି କରିବାକୁ ବ୍ୟବହାର କରାଯିବାକୁ ଥିବା ୩୫,୦୦୦ ଲିଟର ରାସାୟନିକ ପଦାର୍ଥକୁ ମଧ୍ୟ ଜବତ କରାଯାଇଛି। ତଦନ୍ତ ପରେ ଅଧିକ ସୂଚନା ମିଳିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ବିଭାଗ ମଧ୍ୟରେ...

ସମସ୍ତ ପ୍ରମୁଖ ସହର ତଥା ସମସ୍ତ ଜିଲ୍ଲାର ରାସ୍ତାଘାଟର ସ୍ଥିତି ସମୀକ୍ଷା କରିଥିଲେ। ରାସ୍ତାର ସ୍ଥାୟୀତ୍ୱ, ମରାମତି ସହ ରାସ୍ତା ବ୍ୟବହାର କରୁଥିବା ସଂସ୍ଥା ଓ ବିଭାଗଗୁଡ଼ିକ ପାଇଁ ଆଗାମୀ ଦିନରେ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ ନେଇ ମନ୍ତ୍ରୀ ସୂଚନା ଦେବା ସହିତ ସମ୍ପୃକ୍ତ ଇଞ୍ଜିନିୟରମାନେ ଦୁଇଦିନ ମଧ୍ୟରେ ଅଞ୍ଚଳ ଗସ୍ତ କରି ରାସ୍ତାର ସ୍ଥିତି ବିଷୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ ବିନା ଅନୁମତିରେ ରାସ୍ତା ଖୋଳାକୁ ନେଇ ଆଲୋଚନା କରିଥିଲେ। ବିଏମ୍‌ସି, ଇଡ୍‌କୋ, ଓପିଟିସିଏଲ୍, ୱାଟ୍‌କୋ ଆଦିର ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ରାସ୍ତା, ଡ୍ରେନ୍ ଆଦି ଖରାପ ହେଉଥିବା ସମୀକ୍ଷାରୁ ଜଣାପଡ଼ିଥିଲା। ତେଣୁ ରାସ୍ତାର ମରାମତି, ସ୍ଥାୟୀତ୍ୱ ଏବଂ କ୍ଷତିଭରଣା ପାଇଁ କ'ଣ କରାଯାଇପାରିବ, ସେନେଇ ଆଲୋଚନା କରାଯାଇଥିଲା। ବୈଠକରେ ବିଧାୟକ ବାବୁ ସିଂ, ନବକିଶୋର ମଲ୍ଲିକ, ସୌଭିକ୍ ବିଶ୍ୱାଳ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସିଏମ୍‌ସି ମେୟର ସୁବାସ ସିଂ, ବିଏମ୍‌ସି କମିସନର ଚଞ୍ଚଳ ରାଣା, ସିଏମ୍‌ସି କମିସନର କିରନ୍‌ଦୀପ୍ କୌର ସହୋତା, ନଗର ଉନ୍ନୟନ ବିଭାଗ ମ୍ୟୁନିସିପାଲ ପ୍ରଶାସନର ନିର୍ଦ୍ଦେଶକ ଅରବିନ୍ଦ ଡାକୁଆ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


ନୂଆଁଖାଇ ଶୁଭେଚ୍ଛା ବାର୍ତ୍ତା

ପଶ୍ଚିମ ଓଡ଼ିଶାର ବିଶେଷ ଗଣପର୍ବ ନୂଆଁଖାଇ ଉପଲକ୍ଷେ ଜିଲ୍ଲାର ସମସ୍ତ ଅଭିଭାବକ, ଅଭିଭାବିକା, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା, ବୁଦ୍ଧିଜୀବି, ଶିକ୍ଷାବିତ୍, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମରତ ବିଭାଗୀୟ ଅଧିକାରୀବୃନ୍ଦ ଓ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଉଛି । ଚଳିତ ବର୍ଷ ୨୦୨୫-୨୬ ଓଡ଼ିଶାରେ ପିଏମ ଶ୍ରୀ ଯୋଜନା ବା ପ୍ରଧାନମନ୍ତ୍ରୀ ସ୍କୁଲ ଫର ରାଇଜିଂ ଇଣ୍ଡିଆ ଯୋଜନା କାର୍ଯ୍ୟକାରୀ ଅବସରରେ ପିଲାମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କର ବୈଜ୍ଞାନିକ ମନୋଭାବକୁ ବଢାଇବା ପାଇଁ ଏବଂ କଳା, ସାହିତ୍ୟ ବିଜ୍ଞାନରେ ସୃଜନଶୀଳତା ବଢାଇବା ସହ ସବୁ ଦୃଷ୍ଟିରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବଢାଇବା ଦିଗରେ ପିଏମଶ୍ରୀ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଆମ ସୁବର୍ଣ୍ଣପୁର ଜିଲ୍ଲାପାଇଁ ପର୍ଯ୍ୟାୟକ୍ରମେ ୮ କୋଟି (ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ) ସରକାରୀ ବିଦ୍ୟାଳୟମାନଙ୍କରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଓ ଏଥିପାଇଁ ସରକାର ପର୍ଯ୍ୟାପ୍ତ ମାତ୍ରାରେ ପାଣ୍ଠି ଯୋଗାଇ ଦେଉଛନ୍ତି । ପିଏମଶ୍ରୀ ସ୍କୁଲ ଗୁଡିକ ଉତ୍ସାହଜନକ ପରିବେଶରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସର୍ବବ୍ୟାପୀ ଓ ସର୍ବାଙ୍ଗୀଣ ଶିକ୍ଷା ପ୍ରଦାନ କରିବ। ଏହି ସ୍କୁଲ ଗୁଡିକ କେବଳ ଜ୍ଞାନର ବିକାଶ ଉପରେ ଗୁରୁତ୍ୱ ଦେବ ନାହିଁ ବରଂ ଏକବିଂଶ ଶତାବ୍ଦୀର ପ୍ରମୁଖ ଦକ୍ଷତା ସହିତ ସାମଗ୍ରିକ ବିକାଶ ବୃଦ୍ଧି କରିବା ଦିଗରେ ସହାୟକ ହେବ। ପିଏମଶ୍ରୀ ସ୍କୁଲରେ ସମସ୍ତ ଛାତ୍ରଛାତ୍ରୀଙ୍କ ଯତ୍ନ ନିଆଯିବା ସହ ସେମାନଙ୍କ ପାଠପଢା ପାଇଁ ଉତ୍ତମ ଭିତ୍ତିଭୂମି ଏବଂ ଉପଯୁକ୍ତ ସମ୍ବଳ ସହିତ ଅନେକ ଅଭିଜ୍ଞତା ଆଧାରିତ ଶିକ୍ଷା ପ୍ରଦାନ କରାଯିବ । ଜିଲ୍ଲାର ପ୍ରତ୍ୟେକ ପିଲା ଏହି ଯୋଜନାଦ୍ୱାରା ଉପକୃତ ହୋଇ ଉଜ୍ଜ୍ୱଳମୟ ଭବିଷ୍ୟତ ଗଠନ କରିବାରେ ମା ସୁରେଶ୍ୱରୀ ସହାୟକ ହୁଅନ୍ତୁ ।

ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜିକା
ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର

ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର



**OFFICE OF THE NOTIFIED AREA COUNCIL KASHINGAAR, GAJAPATI** C-1015

Ph. & FAx No.: 06815-284215, email: kasingarn.hud@nic.in
Notice No.: 1009 / NAC , Date: 03.09.2025
'e' - Procurement Notice
Bid Identification No. KNGR/NAC/02/2025-26

| | | |
|---|---|---|
| 1 | Nature of the work | Preparation of Comprehensive Drainage Master Plan and DPR for Storm Water Drainage System of Kashinagar NAC in the District of Gajapati, Odisha. |
| 2 | Date and time of availability of bid documents in the portal | From 06.09.2025 at 10.00 A.M. to 17.09.2025 at 5.00 P.M. |
| 3 | Last date / Time for receipt of bids in the portal | 17.09.2025 at 5.00 P.M. |
| 4 | Submission of Documents (Bid Processing Fee, EMD, Annexure, other documents etc.) by Register Post or Speed Post | On or before 20.09.2025 by 5.00 P.M. |
| 5 | Date and time of opening of bid | 22.09.2025 at 11.00 A.M. |
| 6 | Name and address of the officer Inviting Bid | Executive Officer, Kashinagar NAC. |

Further details can be seen from the e-procurement portal "https://tendersorissa.gov.in"

Executive Officer
N.A.C. Kashinagar, Gajapati
OIPR-13116/11/0017/2526



A-588 E-mail : eemisundargarh@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SUNDARGARH.**
**'e' Procurement Notice**
**Bid Reference No. SE MID SNG 04/2025-26**

Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works: - | Civil Construction work. |
| 2 | No of Works: - | 05 (Five) Nos. |
| 3 | Estimated cost: - | Varies from Rs. 5.03 lakh to Rs. 5.48 lakh (Approximately) |
| 4 | Period of completion | 02 (Two) Calendar months |
| 5 | Date and Time of availability of bid documents in the portal: - | From dt.09.09.2025 at 10.00 AM to dt.18.09.2025 up to 5.30 PM. |
| 6 | Last date / time of receipt of bids in the portal: - | Dt.18.09.2025 up to 5.30 PM |
| 7 | Date of opening of Bid: - | Dt.19.09.2025 at 11.00 AM onwards |
| 8 | Name and address of the OIT: - | Superintending Engineer, Minor Irrigation Division, Sundargarh. |

** Further details can be seen from the e-Procurement market place http://tendersodisha.gov.in

Superintending Engineer
M.I. Division, Sundargarh
OIPR-32124/11/0032/2526



O-689 E-Mail ID - rwd.padampur@yahoo.co.in Ph.No. 9437255440

**Government of Odisha "e" Procurement Notice**
**Bid Identification No: Online- 07-OF 2025-26**

| | | |
|---|---|---|
| 1. | Name of the work | : Building works (As per Annexure-'A') |
| 2. | Amount put to Bid Excluding GST | : As per Annexure-'A' |
| 3. | Class of contractor | : "D" "C" & "B" Class |
| 5. | Date & Time of availability of bid document in the portal | : From Dt. 08.09.2025 at 10.00 A.M. |
| 6. | Last date & Time for receipt of bids in the portal | : Dt. 17.09.2025up to 05:00 P.M. |
| 7. | Last date of seeking clarification | : Dt. 16.09.2025 up to 5.00 P.M |
| 8. | Date & Time of technical bid opening | : Dt. 18.09.2025 at 11.00 A.M . |
| 9. | Date & Time of technical bid opening for Double Cover bids | : To be intimated later on |
| 10. | Name and address of the Officer Inviting Bid | : Executive Engineer, R.W.Division, Padampur, At/Po-Padampur, Dist-Bargarh,Pin- 768036 |

(1) Other details can be seen from DTCN available in website www.tendersodisha.gov.in
(2) Corrigendum if any shall only be published in the above website

Sd/-
Executive Engineer,
Rural Works Division, Padampur
OIPR-25069/11/0034/2526



O-696 Email id: eerw_blgr@yahoo.co.in

**GOVERNEMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: BOLANGIR**
**e-Procurement Notice**
**IFB IDENTIFICATION NO. EEBLGR-Online-05/2025-26**

| | | | |
|---|---|---|---|
| 1. | Name of work | : | Building Works |
| 2. | Total no of works | : | 40 (Forty) nos |
| 3. | Approximate Estimated Cost | : | Rs 1.68 Lakh to Rs. 10.08 Lakh |
| 4. | Time for completion | : | 2 (Two) calendar months |
| 5. | Mode of Submission of tender | : | Tender should be submitted online in www.tendersodisha.gov.in |
| 6. | Other details are as follow | | As per TCN No. EEBLGR-Online-05/2025-26 |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W. Division, Bolangir | EEBLGR-online-05/2025-26 | 10.09.2025 at 11.00 A.M | 23.09.2025 upto 5.00PM | 22.09.2025 upto 1.00PM | 24.09.2025 at 11.00A.M |

• Further details can be seen from the website www.tendersodisha.gov.in
• Any Corrigendum/Addendum will be displayed in the above e tender website only.

Executive Engineer
R.W. Division, Bolangir
OIPR-25068/11/0027/2526



**AFFIDAVIT**

I, Shubhasmita Jena, D/o- Bira Kishor Jena, resident of At-Baidyarajpur, Saipura-III, Jajpur, Dist- Jajpur, PIN- 755007, Odisha declared by this affidavit No-719, dtd- 05/09/2025 that now onwards I shall be known as **SUBHASMITA JENA** for all future purposes.

**AFFIDAVIT**

By virtue of an affidavit sworn before The Executive, Magistrate, Baripada, Mayurbhanj, dated 01-03-2025. I, SARAJINI SOREN, W/o-Lt. Biswanath Soren, AT-Jamsola, PO-Chaksuliapada, PS-Suliapada, Dist- Mayurbhanj, declare that my actual & correct name is SARAJINI SOREN as per my aadhar & Bank pass book. But in the pension payment order vide No.5/043539/90 (ARMY) of my deceased husband my name has been wrongly mentioned as SAROJANI DEVI. SARAJINI SOREN and SAROJANI DEVI are one & same parson, i.e. my self. Henceforth I shall be known as SARAJINI SOREN for all purposes.
**SARAJINI SOREN**

**LOST**

I, **Lingaraj Mishra,** aged about 72 years, S/o Late Raghunatha Mishra, resident of At- Biraramachandrapur Part-4, PO-Biraramachandrapur, PS- Satyabadi, Dist- Puri, PIN- 752014, Odisha declare that on dtd. 01/08/2025, while I was coming from Sakhigopal bazar to my resident at Biraramachandrapur in a Auto Rickshaw, I have lost my original interim deed (Link Document) sale deed No. 11541400619, date- 29/10/2014 and Khata-219, Plot No-896, Area-A0.12dcml, Mouza- Biramchandrapur in name of Gopal Chandra Mishra along with other documents which was kept in my hand bag somewhere said bag has been misplaced / lost anywhere. Therefore, notice is hereby given to general public that, if anybody has got any right, title interest over the property on the missing document or on the above property they have to claim before the LICHFL, at: IPICOL House within 15 days from the date of publication and after that the documents will lose its legal force and LICHFL will not be responsible for any claim what-so-ever on the property after 15 days.
**LICHFL Branch, BBSR**
**N.C. Pattnaik, Advocate**
**Mob: 9853311189**

**AFFIDAVIT**

By virtue of an affidavit sworn before executive magistrate, Titilagarh, dated 02-09-2025 I, Nimai Herna, Address- At/Po-Luthurbandh, Titilagarh, Balangir, 767033 declare that I have changed my name from Lime Herna to Nimai Herna. Henceforth, I shall be known as Nimai Herna for all purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-06/09/2025. I, **Ajaya Padhi** (Applicant name), S/O- Duryodhan Padhi, Permanent resident of At-Kursud, P.O. Kursud, P.S. Sindhekela, Dist- Balangir, (Odisha), PIN- 767035, now residing at the same place affirm that I have changed my minor daughter's name from **Manisa Padhi** (old name) to **Archita Padhi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Archita Padhi** (new name).
**Ajaya Padhi**

**AFFIDAVIT**

I, Rubina Begum, aged about 33 years, W/o- Mohammed Hussain, resident of Kalimandir Pada, Po- Bhawanipatna, Ps- Town, Bhawanipatna, Dist- Kalahandi, Odisha, PIN- 766001 declare by this affidavit No- 1811, dtd. 06.09.2025, that now onwards I shall be known as **RUBINA BANO** for all future purposes.

**AFFIDAVIT**

I, Dasarath Lal Gupta, S/o- Chhedi Lal Gupta, resident of Gandhi Nagar, Jatani, Dist- Khordha, PIN- 752050, Odisha declared by this affidavit No- 171, dtd- 25/07/2025 that now onwards I shall be known as **DASRATH LAL GUPTA** for all future purposes.

**PUBLIC NOTICE**

We are pleased to announce that "Koustuv Institute of Professional Studies" (KIPS) will be changing its name to "College of Engineering Bhubaneswar (COEB), effective from the session 2025-26.
If anyone has any questions or objections, please do not hesitate to reach out to us within 30 days from the date of publication of this Notice through E-Mail. We appreciate your understanding and continued support.
Contact Information: Koustuv Institute of Professional Studies (KIPS) Mail ID- **kips@koustuvgroup.ac.in** Regional Director of Education (RDE), Govt. of Odisha, E-mail: **rdebbsr@rediffmail.com**

**AFFIDAVIT**

By virtue of an affidavit sworn before Executive Magistrate, Niali, dated- 29/08/2025. I, **Mita Nayak**, D/O- Bishnu Charan Nayak, Address: At-Alakunda, Po-Tampalo, Ps-Charichhak, Dist- Puri, Odisha, PIN- 752110 declare that I have changed my name from **Mitali Nayak** to **Mita Nayak**. Henceforth, I shall be known as **Mita Nayak** for all purposes.
**(Mita Nayak)**

**AFFIDAVIT**

I, Digambara Malik, S/o- Muralidhar Malik, resident of At/Po- Barunia, Ps- Badachana, Dist-Jajpur, PIN- 754082, Odisha declared by this affidavit No-725, dtd- 06/09/2025 that now onwards I shall be known as **DIGAMBAR MALIK** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Lalmati Dhakad**, aged about 73 years, W/o.: Lalasin Dhakad resident of Village: Rauliguda, PO.: Gangala, P.S./Dist.: Malkangiri, Odisha, declare by this Affidavit No.: 8940, Dated: 06.09.2025 that I have changed my name from Balamati Dhakad to **Lalmati Dhakad**. Henceforth I shall be known as **Lalmati Dhakad** for all future purposes.

**AFFIDAVIT**

By virtue of an affidavit No. 5302, sworn before the Executive Magistrate, Champua, dated- 04/09/2025, I **Mohammad Akhlak,** resident of At- Word No.5, Champua, P.o/P.s- Champua, Dist- Keonjhar, Odisha, Pin- 758041 declare that I have changed my minor daughter name from **ANSARA AKHLAK** (old name) to **ANSARAH AKHLAQUE** (new name). Henceforth she shall be known as **ANSARAH AKHLAQUE** for all future purposes.
**Mohammad Akhlak**

**AFFIDAVIT**

I, Farzana Pervin, D/o- Sk Masiuddin, resident of Purusottampur, Khairabad, Jafarpur, Po- Aranga Purusottampur, Dist- Jajpur, PIN- 755007, Odisha declared by this affidavit No- 721, dtd- 05/09/2025 that now onwards I shall be known as **FARZANA PARWEEN** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Sohela on dated 04.09.2025, I Sri Nakula Samini, S/o- Ganda Samini resident of Vill.- Tandol, Ps.- Sohela, Dist.- Bargarh, Odisha state that in my son's Aadhar Card his name has been wrongly mentioned as **NIPU SAMNI** where as in his school certificate the name has been mentioned as **MIKU SAMINI**. His actual name is **MIKU SAMINI** and DOB is **20.09.2010**.

**AFFIDAVIT**

By virtue of an affidavit No. 5303, sworn before the Executive Magistrate, Champua, dated- 04/09/2025, I **Mohammad Akhlak,** resident of At- Word No.5, Champua, P.o/P.s- Champua, Dist- Keonjhar, Odisha, Pin- 758041 declare that I have changed my minor daughter name from **ROKAIYA AKHLAK** (old name) to **RUQAIYA AKHLAQUE** (new name). Henceforth she shall be known as **RUQAIYA AKHLAQUE** for all future purposes.
**Mohammad Akhlak**

**AFFIDAVIT**

By virtue of an affidavit sworn before Executive Magistrate, Banpur vide no-3378, dated-3/9/2025 I, Gouranga Maharana, S/o- Jalandhar Maharana, of Address At/Po- Badasireipur, Ps- Banpur, Khordha, Odisha, Pin-752031, declare that I have changed my name from **Gourang Moharana**, S/o- Makadam Moharana to **Gouranga Maharana**, S/o- Jalandhara Maharana. Henceforth, I shall be known as **Gouranga Maharana**, S/o- Jalandhara Maharana for all purposes.

**AFFIDAVIT**

I, Nasad Ali Khan, S/O- Asaf Ali Khan, Presently residing At - Mohana, PO, Mohana, PS - Salipur, Dist -Cuttack, Pin - 754201, Odisha, declare by this affidavit No - 132, dated - 05.09.2025, that now onwards I shall be known as **NAUSHAD ALI KHAN** for all future purposes.

**AFFIDAVIT**

I, Murali Malik, S/o- Gandharba Malik, resident of At/Po- Barunia, Ps- Badachana, Dist- Jajpur, PIN- 754082, Odisha declared by this affidavit No- 726, dtd- 06/09/2025 that now onwards I shall be known as **MURALIDHAR MALIK** for all future purposes.

**AFFIDAVIT**

I, Hanifa, aged about 31 years, W/o- Mohammed Sabir, resident of At- Ward No-2, Khariar, Dist- Nuapada, Odisha, PIN- 766107 declare by this affidavit No. 1810, dtd- 06/09/2025, that now onwards I shall be known as **HANIFA BANU** for all future purposes.

# ପଦ୍ମନାଭପୁର ଜଳବନ୍ଦୀ



**ବଡ଼ମ୍ବା,୬।୯(ସମିସ):** ବଡ଼ମ୍ବା ବ୍ଲକ୍ ଅଧୀନ ଗୋପପୁର ପଞ୍ଚାୟତର ପଦ୍ମନାଭପୁର ଗ୍ରାମ ଆଜି ମାତ୍ର କିଛି ସମୟ ବର୍ଷାରେ ଜଳବନ୍ଦୀ ହୋଇପଡିଥିଲା। ଗ୍ରାମରେ ଜଳ ନିଷ୍କାସନ ପାଇଁ ଡ୍ରେନ୍ ବ୍ୟବସ୍ଥା ନଥିବାରୁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ଗ୍ରାମବାସୀ। ପ୍ରଶାସନକୁ ବାରମ୍ବାର ଅଭିଯୋଗ କଲେ ପ୍ରଶାସନ କର୍ଣ୍ଣପାତ କରୁନାହିଁ ବୋଲି ଅଭିଯୋଗ କରିଛନ୍ତି ଲୋକେ।

# ସାଲେପୁର କଂଗ୍ରେସ ପକ୍ଷରୁ ସୃଜନ ଅଭିଯାନ

**ସାଲେପୁର,୬।୯(ସମିସ):** ସାଲେପୁର ମଧୁମଣ୍ଡପଠାରେ କଂଗ୍ରେସ ଦଳ ପକ୍ଷରୁ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ମଧୁମଣ୍ଡପଠାରେ କଟକ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ପ୍ରଦୀପ୍ତ କୁମାର ଦାସଙ୍କ ସଭାପତିତ୍ୱରେ ସାଂଗଠନିକ ବୈଠକ ଅନୁଷ୍ଠିତ ହେବା ସହ କର୍ମୀ ଓ ନେତାମାନେ ନିଜ ନିଜର ପସନ୍ଦର କଂଗ୍ରେସ କର୍ମୀଙ୍କୁ ଜିଲ୍ଲା ସଭାପତି ଭାବେ ମନୋନୀତ କରିବାପାଇଁ ନିଜ ନିଜର ମତ ସାବ୍ୟସ୍ତ କରିଥିଲେ। ଜିଲ୍ଲା ସଭାପତି ହେବାକୁ ହେଲେ ପ୍ରଥମେ ସେ ୫ବର୍ଷରୁ ଉର୍ଦ୍ଧ୍ୱ କଂଗ୍ରେସ କାର୍ଯ୍ୟକର୍ତ୍ତା ହୋଇଥିବେ। ତାଙ୍କ ନାମରେ କୌଣସି ସଂଗୀନ ଅପରାଧିକ ମାମଲା ନଥିବ। ଯୁବକମାନଙ୍କୁ ଅଧିକ ଅଗ୍ରାଧିକାର ଦିଆଯିବ। ୫୦ରୁ ୫୫ବର୍ଷର ବ୍ୟକ୍ତିଙ୍କୁ ଅଧିକ ଗୁରୁତ୍ୱ ଦିଆଯିବ। ଏଥିରେ ଏଆଇସିସିର ପର୍ଯ୍ୟବେକ୍ଷକ ଡ ଏସ୍‌ଏ ସଂପଦ କୁମାର ଯୋଗଦେଇଥିବାବେଳେ ସାଲେପୁର ଅଞ୍ଚଳର କଂଗ୍ରେସ ନେତା ଆକ୍ୟୁବ୍ ଖାଁ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରବିନ୍ଦ୍ର ନାଥ କର, ବରିଷ୍ଠ କଂଗ୍ରେସ ନେତା ସୁରେନ୍ଦ୍ରନାଥ ସିଂହ, ଯୁବନେତା ହରିବନ୍ଧୁ ଶତପଥୀ, ବିସ୍ମୟ ରଂଜନ ଭୂୟାଁ, ଅଜିତ୍ କୁମାର ପଣ୍ଡା, ସେକ୍ ପୀର ବକ୍ସ, ସରୋଜ କୁମାର କରଙ୍କ ସମେତ ବହୁ ନେତା ଓ କର୍ମୀମାନେ ନିଜ ନିଜର ମତ ଉପସ୍ଥାପନ କରିଥିଲେ।

# ଦେଶୀ ମଦ ଜବତ, ଦୁଇ ଗିରଫ



**ତ୍ରିଶୁଳିଆ,୬।୯(ସମିସ):** ବାରଙ୍ଗ ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦେଶୀ ମଦ ଜବତ କରିବା ସହ ଦୁଇ ଜଣ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶନିବାର ବାରଙ୍ଗ ଥାନା ଅଧୀନସ୍ଥ ଗୋଡିସାହି ଫାଣ୍ଡି ଅନ୍ତର୍ଗତ ଭାଲୁଙ୍କା ଗ୍ରାମରେ ଚଢ଼ଉ କରିଥିଲା ପୁଲିସ। ଏହି ସମୟରେ ଗ୍ରାମର ରାମ ସିଂ (୪୬) ଓ ସୁକଦେବ ସିଂ (୪୩) ବେଆଇନ ଦେଶୀ ମଦ କାରବାର କରୁଥିବା ବେଳେ ଉଭୟଙ୍କ ନିକଟରୁ ୬୬ ଲିଟର ବେଆଇନ ଦେଶୀ ମଦ ଜବତ କରିଥିଲା ପୁଲିସ। ଏ ସଂକ୍ରାନ୍ତରେ ପୁଲିସ ଏକ ମାମଲା ରୁଜୁ କରି ଉଭୟଙ୍କୁ ବିଚାର ବିଭାଗୀୟ ଅଦାଲତକୁ ପଠାଇଛି।

# କଂଗ୍ରେସ ପର୍ଯ୍ୟବେକ୍ଷକଙ୍କୁ ସମ୍ବର୍ଦ୍ଧନା

**କନ୍ଦରପୁର, ୬।୯(ସମିସ):** ଅଖିଳ ଭାରତ କଂଗ୍ରେସ ପକ୍ଷରୁ ସାରା ରାଜ୍ୟରେ ସଙ୍ଗଠନ ସୃଜନ ଅଭିଯାନ ଜରିଆରେ ଜିଲ୍ଲା ସଭାପତି ଚୟନ ପାଇଁ ମତାମତ ଗ୍ରହଣର ଆଜି ଶେଷ ଦିନ ଥିଲା। ଏହି ଅବସରରେ କଟକ ସର୍କିଟ ହାଉସରେ କଟକ ସଦର କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତ ଓ କଟକ ନଗର(ଜିଲ୍ଲା) କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା ଅଖିଳ ଭାରତ କଂଗ୍ରେସ ପକ୍ଷରୁ ନିଯୁକ୍ତ ସଂଗଠନ ସୃଜନ ଅଭିଯାନର ପର୍ଯ୍ୟବେକ୍ଷକ ସଲିମ୍ ଅହମ୍ମଦଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# ସାଲେପୁର ସାରସ୍ୱତ ସମାରୋହ ସମିତିର ୨୪ତମ ସ୍ୱନକ୍ଷତ୍ର ଦିବସ



## ରାଜ୍ୟସ୍ତରୀୟ କବି ସମ୍ମିଳନୀ

**ସାଲେପୁର,୬।୯(ସମିସ):** ଓଡ଼ିଶାର ଅସ୍ମିତା ପ୍ରତ୍ୟେକ ଓଡ଼ିଆର ଜୀବନର ଏହା ଲକ୍ଷ୍ୟ ବୋଲି ସାଲେପୁର ସାରସ୍ୱତ ସମାରୋହ ସମିତିର ୨୪ତମ ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକାଡେମୀର ସଂପାଦକ ବିଶିଷ୍ଟ ସାହିତ୍ୟିକ ଚନ୍ଦ୍ରଶେଖର ହୋତା ଏହା କହିଛନ୍ତି। ଶ୍ରୀ ହୋତା କହିଲେ ଯେ ଓଡ଼ିଆର ଅସ୍ମିତା ଏହି ସାଲେପୁର, ମାହାଙ୍ଗା ମାଟିରେ ରହିଛି। ଉତ୍କଳ ଗୌରବ ମଧୁସୂଦନ ଦାସ, କର୍ମବୀର ଗୌରୀଶଙ୍କର, ଆଦି ନାଟ୍ୟକାର ଜଗନ୍ମୋହନ ଲାଲା, ଗଣକବି ବୈଷ୍ଣବ ପାଣି, ଉତ୍କଳ ସାହିତ୍ୟର ପ୍ରତିଷ୍ଠାତା ବାଗ୍ମୀ ବିଶ୍ୱନାଥ କର, ଉତ୍କଳ ପୁତ୍ରର ପ୍ରତିଷ୍ଠାତା ସଂପାଦକ ପ୍ୟାରୀମୋହନ ଆଚାର୍ଯ୍ୟ, କଥାସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ସମେତ ବହୁ ସାହିତ୍ୟିକଙ୍କୁ ଏହି ମାଟି ଜନ୍ମ ଦେଇ ଆମ ଅସ୍ମିତାକୁ ଗୌରବାନ୍ୱିତ କରିଛି। ଗାନ୍ଧିକ ଡ ଗିରୀଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ରୂପେ ରମାଦେବୀ ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ ସଂଘମିତ୍ରା ଭଞ୍ଜ, ଅତିଥି ରୂପେ ବିଶିଷ୍ଟ କଥାକାର ଡ ଅରବିନ୍ଦ ରାୟ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିଥିଲେ। ସମିତିର କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ଦାଶ ସ୍ୱାଗତ ଭାଷଣ ଓ ସାଧାରଣ ସଂପାଦିକା ଡ ତରୁଲତା ଦେବୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକା ତଥା ଅବସରପ୍ରାପ୍ତ ପ୍ରଫେସର ଡଃ ସଂଘମିତ୍ରା ମିଶ୍ରଙ୍କୁ ରାଜ୍ୟସ୍ତରୀୟ ସାରସ୍ୱତ ସାହିତ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସାରସ୍ୱତ ସମାରୋହ ସମିତିର ମୁଖପତ୍ର ଶାଶ୍ୱତୀ ଏବଂ ସାରସ୍ୱତ ସମାରୋହ ସମିତିର କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ଦାଶଙ୍କ ଦ୍ୱାରା ଲିଖିତ ଅପରେସନ୍ ସିନ୍ଦୂର'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସାରସ୍ୱତ ସମାରୋହ ସମିତି ପକ୍ଷରୁ ସାରସ୍ୱତ ସାହିତ୍ୟ ସମ୍ମାନ ୨୦୨୫ରେ ସାହିତ୍ୟିକ ବିଷ୍ଣୁଚରଣ ମିଶ୍ର, ଅଧ୍ୟାପିକା ଜ୍ୟୋତିର୍ମୟୀ, କବି ରାଜୀବ ଷଡ଼ଙ୍ଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଡାକ୍ତର ରୁକ୍ମଣୀ ଦେବୀ ସ୍ମାରକୀ ସାରସ୍ୱତ ସମ୍ମାନ ୨୦୨୫ କବୟିତ୍ରୀ ପ୍ରଶାସକ ନିରୁପମା ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିବାବେଳେ ଜାହ୍ନବୀ ଦେବୀ ସ୍ମୃତି କଳା ସମ୍ମାନ ୨୦୨୫ରେ ନାଟ୍ୟକାର ଭାବଗ୍ରାହୀ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂର୍ଯ୍ୟାଦେବୀ ସ୍ମୃତି ପୁରସ୍କାର ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରଥମ ପର୍ଯ୍ୟାୟ ରାଜ୍ୟସ୍ତରୀୟ କବିତା ପାଠୋତ୍ସବକୁ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ ଉଦ୍‌ଘାଟନ କରିଥିଲେ। କବି ସଦାଶିବ ଦାଶ ମୁଖ୍ୟଅତିଥି ରୂପେ ଯୋଗଦେଇଥିବା ବେଳେ ଅଧ୍ୟାପିକା ମମତା ପଣ୍ଡା, ଡ ଆର୍ଯ୍ୟପୁତ୍ରୀ ସ୍ଥିତପ୍ରଜ୍ଞା, ଡ ପ୍ରଫୁଲ୍ଲ କୁମାର ସାହୁ କବିତାକୁ ସଂଯୋଜନା କରିଥିବାବେଳେ ଚିତ୍ରୋତ୍ପଳା ପବ୍ଲିକେସନ୍ ପକ୍ଷରୁ ପୁସ୍ତକ ମେଳା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡ ଲକ୍ଷ୍ମଣ କୁମାର ଦାଶ, ସୁସ୍ମିତା ପଣ୍ଡା, ଦେବେନ୍ଦ୍ର ନାୟକ, ମାନସ କୁମାର ଦାଶ, ବିଶ୍ୱରଂଜନ ସାହୁ, ଅନୁଷ୍ଠାନର ଉପସଭାପତି ବିଷ୍ଣୁଚରଣ ମିଶ୍ର, ଦିପ୍ତିମୟୀ ରାଉତରାୟ, ପ୍ରବୀରଚନ୍ଦ୍ର ଦାସ, କବି ପ୍ରସନ୍ନ ମିଶ୍ର, ସମ୍ବିତ୍ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଓ ସାହିତ୍ୟିକମାନେ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ। ୬୦ରୁ ଅଧିକ ସାହିତ୍ୟିକ ଓ ଲେଖକ କବିତା ପାଠୋତ୍ସବରେ ଭାଗ ନେଇଥିଲେ।

# କୃତୀ ବିଦ୍ୟାର୍ଥୀଙ୍କୁ ଚନ୍ଦ୍ରମାଧବ ସ୍ମୃତି ପୁରସ୍କାର



**ନିଶ୍ଚିନ୍ତକୋଇଲି,୬।୯(ସମିସ):** ପବିତ୍ର ଗୁରୁଦିବସ ଅବସରରେ ବରାହିପୁର ଉନ୍ନୀତ ମଇ (ଉପ୍ରା) ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀଙ୍କୁ ଚନ୍ଦ୍ରମାଧବ ସ୍ମୃତି ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ଦିବଂଗତ ଛାତ୍ର ଚନ୍ଦ୍ରମାଧବ ଏହି ବିଦ୍ୟାଳୟରେ ଅଧ୍ୟୟନ ସମୟରେ ଅକାଳ ବିୟୋଗ ଘଟିଥିଲା। ତାଙ୍କର ସ୍ମୃତି ରକ୍ଷା ପାଇଁ ପରିବାର ପକ୍ଷରୁ ପ୍ରତ୍ୟେକ ବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଉଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବଦତ୍ତ ଦାଶଙ୍କ ସଭାପତିତ୍ୱ ଓ ଶିକ୍ଷକ ପର୍ଶୁରାମ ଓଝାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ମଥୁରାନନ୍ଦ ସାମଲ ଯୋଗ ଦେଇଥିଲେ। ଚଳିତ ବର୍ଷ ଦୀପା ସାମଲ, ଶୁଭଶ୍ରୀ ରାଉତ, ଲକ୍ଷ୍ମୀପ୍ରିୟା ରାଉତ, କୁମାରୀ ପୁନମ, ଶୁଭସ୍ମିତା ଜେନା, ବର୍ଷା ପ୍ରିୟଦର୍ଶିନୀ ସେଠୀ ଓ ସ୍ମୃତି ସ୍ମିତାରାଣୀ ସେଠୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷକ ସଂଘର ବାର୍ଷିକ ଉତ୍ସବ



**ନରସିଂହପୁର,୬।୯(ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘର ନବମ ବାର୍ଷିକ ଉତ୍ସବ ସ୍ଥାନୀୟ ତୈଳିକ ବୈଶ୍ୟ ସମାଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅବସରପ୍ରାପ୍ତ ଶିକ୍ଷକ ସଂଘର ସଭାପତି ସଚ୍ଚିଦାନନ୍ଦ ଦାଶ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ବିଜୟ କୁମାର ଦଳବେହେରା, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଳୟାନନ୍ଦ ଶତପଥୀ, ସମ୍ମାନିତ ଅତିଥି ଭାବେ ମଣ୍ଡଳ ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟ କୁମାର ଭୂୟାଁ ଯୋଗଦାନ କରିଥିଲେ। ଏହି ଅବସରରେ ଅବସର ଶିକ୍ଷବିତ ବଳଭଦ୍ର କଟକିଆ, ଶତ୍ରୁଘ୍ନ ନାୟକ, ମଥୁରାନାଥ ଦାସଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ କାଳୀଚରଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଶାଶ୍ୱତ ସାହୁଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



**ନରସିଂହପୁର,୬।୯(ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ଅଢେଇଗୁଣ୍ଡିସ୍ଥିତ ନରସିଂହ ସାନ୍ତରା ନୋଡାଲା ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ ଶାଶ୍ୱତ କୁମାର ସାହୁ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତରେ ପୁରସ୍କୃତ ହୋଇଛନ୍ତି। କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଶ୍ରୀ ସାହୁଙ୍କୁ ପ୍ରଦାନ କରିଛନ୍ତି। ଏହା ତାଙ୍କୁ ଅଧିକ ସମର୍ପିତ ହୋଇ କାର୍ଯ୍ୟ କରିବା ପାଇଁ ପ୍ରେରଣା ଯୋଗାଇବା ବୋଲି ଶ୍ରୀ ସାହୁ କହିଛନ୍ତି। ସେହିପରି ଏହି ବ୍ଲକରୁ ଅନ୍ୟ ଦୁଇଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ପୁରସ୍କୃତ ହୋଇଛନ୍ତି।

# ଗରିବ ସାହାବ୍ ପୀରଙ୍କ ପୀଠରେ ମହମ୍ମଦ ଜୟନ୍ତୀ



**ନିଶ୍ଚିନ୍ତକୋଇଲି,୬।୯(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କଟିକଟା ପଞ୍ଚାୟତ ପଶ୍ଚିମଖଣ୍ଡ ଭୋଳଠାରେ ଥିବା ଗରିବ ସାହାବ୍ ପୀରଙ୍କ ପୀଠରେ ଇସଲାମ୍ ଧର୍ମର ପ୍ରତିଷ୍ଠାତା ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଛି। ପାରସାହିଲୋ, ମଧୁବନ ଆଦି ସ୍ଥାନରୁ ଇସଲାମ୍ ଧର୍ମାବଲମ୍ବୀମାନେ ଶୋଭାଯାତ୍ରାରେ ଅସୁରେଶ୍ୱର ମସଜିଦ୍‌ରେ ପହଞ୍ଚିଥିଲେ। ମୌଲାନା ଫାୟାଜ, ମୌଲାନା ଗୁଲାମ୍ ରବାନୀ, ଅଫିଜ୍ ଆସିଫ୍, ଜାକିରୁଦ୍ଦିନ୍ ଖାଁ, ମିର୍ଜା ସମିମ୍ ବେଗ୍, ସେକ୍ ଆନୁଆରୁଦ୍ଦିନ୍ ପ୍ରମୁଖ ପୀର ବାବାଙ୍କ ସମାଧି ପୀଠରେ ଚାଦର ପକାଇ ସମାଜର ସୁଖଶାନ୍ତି କାମନା କରିଥିଲେ। ସେକ୍ ସାବିର, ସୁଦତ୍ ଅଲ୍ଲୀ, ସେକ୍ ରଫିକ୍, ସେକ୍ ଲିୟାକୁଦ୍ଦିନ, ସେକ୍ କମା, ସେକ୍ ନାସିରୁଦ୍ଦିନ୍, ସେକ୍ ସମସୁଦ୍ଦିନ୍, କଣ୍ଡୋ ଖାଁ, ହନିଫ୍ ଖାଁ, ସେକ ହବୋ, ସେକ୍ ମାନିରୁଦ୍ଦିନ୍, ସେକ ବାହାରୁଦ୍ଦିନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରଧାନଶିକ୍ଷକଙ୍କୁ ଗୁରୁଗୌରବ ସମ୍ମାନ



**ନିଶ୍ଚିନ୍ତକୋଇଲି,୬।୯(ସମିସ):** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ଜନାର୍ଦ୍ଦନପୁର କ୍ଲଷ୍ଟର ଗୋପୀନାଥପୁରଠାରେ ଥିବା ଜୟନ୍ତୀ ଦେବୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ପୂର୍ବତନ ସିଆରସିସି ନୃସିଂହଚରଣ ମହାପାତ୍ରଙ୍କୁ ପବିତ୍ର ଗୁରୁଦିବସ ଅବସରରେ ଗୁରୁ ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ମାହାଙ୍ଗା-ନିଶ୍ଚିନ୍ତକୋଇଲି ଗୁରୁପୂଜନ ସମିତି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗ ଦେଇ ଶ୍ରୀ ମହାପାତ୍ରଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ର, ମୋନାଲିସା ସରକାର, ଉପାଧ୍ୟକ୍ଷ ନୃସିଂହ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଜଳକ୍ରୀଡ଼ାରେ ସ୍ୱର୍ଣ୍ଣ ବିଜେତା ରଶ୍ମିତାଙ୍କୁ ସମ୍ବର୍ଦ୍ଧନା



**ଚୌଦ୍ୱାର, ୬।୯(ସମିସ):** କାଶ୍ମୀରଠାରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟସ୍‌ରେ ଜାତୀୟସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଚୌଦ୍ୱାର ନବଗ୍ରହ ସାହିର ରଶ୍ମିତା ସାହୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ରଶ୍ମିତା ଚୌଦ୍ୱାର ସହିତ କଟକ ଜିଲ୍ଲା ଓ ସମଗ୍ର ଓଡ଼ିଶା ପାଇଁ ଗୌରବ ଆଣିଥିବାରୁ ବିଜେପି ନେତା ନୟନ କିଶୋର ମହାନ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ଜଗତପୁରସ୍ଥିତ ସାଇ ହଷ୍ଟେଲକୁ ଯାଇ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ରଶ୍ମିତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମହେନ୍ଦ୍ର ମହାନ୍ତି, ରାଜ୍ୟ ପରିଷଦ ସଦସ୍ୟ ଚିରଂଜୀବୀ ଖଣ୍ଡାୟତ, ଚୌଦ୍ୱାର ମଣ୍ଡଳ ସଭାପତି ମମତା ବେହେରା, ପ୍ରସାର ଜ୍ୟୋତି କୁମାର, ଜିଲ୍ଲା ସଭାପତି ବୈରାଗୀ ଚରଣ ପ୍ରଧାନ, ସନ୍ତୋଷ କୁମାର ସାହୁ, ଅଜିତ୍ ସୁବୁଦ୍ଧିରାୟ, ଚିନ୍ମୟ ବେହେରା, ସନ୍ତୋଷ କୁମାର ବେହେରା, ପ୍ରଶାନ୍ତ ବିଶ୍ୱାଳ, ସରିତା ଶୁକ୍ଳ, ପ୍ରଦୀପ ଦାସ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ନିଶ୍ଚିନ୍ତକୋଇଲି,୬।୯(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ରାମକୃଷ୍ଣପୁର-ଓସ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟର ତିନି ଶିକ୍ଷକ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରି ପୁରସ୍କୃତ ହୋଇଥିବାରୁ ସେମାନଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନଶିକ୍ଷକ ନିମାଇଁଚରଣ ସାହୁ ମାହାଙ୍ଗା ନିର୍ବାଚନମଣ୍ଡଳସ୍ତରୀୟ ଗୁରୁ ଗୌରବ ସମ୍ମାନ ପାଇଥିବା ବେଳେ ଶିକ୍ଷୟିତ୍ରୀ ରୋମାଲିନ୍ ନାୟକ ରାଜ୍ୟ ସ୍ତରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଓ ଶିକ୍ଷୟିତ୍ରୀ ତନୁଶ୍ରୀ ନାୟକ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ଏହି ବିଦ୍ୟାଳୟକୁ ଗୌରବାନ୍ୱିତ କରିଥିବାରୁ ତାଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଶିକ୍ଷକ ମନୋଜ କୁମାର ଓଝାଙ୍କ ପୌରହିତ୍ୟରେ ଏଥିରେ ପରିଚାଳନା କମିଟି ସଭ୍ୟ ରମେଶଚନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ ମନୋରଂଜନ ସ୍ୱାଇଁ, ଶରତଚନ୍ଦ୍ର ନାୟକ, ଉତ୍ତମଚନ୍ଦ୍ର ମଲିକ, ବିଦ୍ୟାଧର ବାରିକ, ସୁବାସଚନ୍ଦ୍ର ଓଝା, ଚିତ୍ତରଂଜନ ଦଳାଇ, ରଶ୍ମିରେଖା ଦାଶ, ସୋନୁରାଣୀ ସାହୁ, ଶୁଭସ୍ମିତା ନାୟକ, କଳ୍ପନା ମହାନ୍ତି, ନିରଞ୍ଜନ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ।

# ଗଡ଼ଜାତ ପରିକ୍ରମା ତରଫରୁ ୧୧ତମ ଗୁରୁ ଦିବସ



**ଆଠଗଡ଼, ୬।୯(ସମିସ):** ଆଠଗଡ଼ର ସାମାଜିକ ଓ ସାଂସ୍କୃତିକ ସଂଗଠନ ଗଡଜାତ ପରିକ୍ରମା ତରଫରୁ ୧୧ତମ ଗୁରୁ ଦିବସ ଅବସରରେ ପୂଜ୍ୟପୂଜା ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱନାଥ ବିଦ୍ୟାପୀଠରେ ଅନୁଷ୍ଠିତ ଏହି ପୂଜ୍ୟପୂଜା ସମାରୋହରେ ଗଡଜାତ ପରିକ୍ରମା ସଭାପତି ପ୍ରାଣକୃଷ୍ଣ ଦାଶଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସ, ମୁଖ୍ୟବକ୍ତା ଭାବେ ଭାଷା ଆନ୍ଦୋଳନ ଆବାହକ ପବିତ୍ର ମହାରଥା, ସମ୍ମାନିତ ଅତିଥି ଭାବେ ବିଶ୍ୱନାଥ ବିଦ୍ୟାପୀଠ ପ୍ରଧାନ ଶିକ୍ଷୟତ୍ରୀ କୁସୁମାଞ୍ଜଳି ପ୍ରଧାନ ଯୋଗଦେଇଥିଲେ। ପ୍ରାରମ୍ଭରେ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ ଗଡଜାତ ପରିକ୍ରମା ଉପସଭାପତି ସୁରେଶଚନ୍ଦ୍ର ପରିଡା। କାର୍ଯ୍ୟକ୍ରମ ପରିଚାଳନା ଏବଂ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ ସମ୍ପାଦକ ଲଲାଟେନ୍ଦୁ ସେନାପତି। ଏହି ପୂଜ୍ୟପୂଜା ସମାରୋହରେ ଗୁରୁ ଦିଗମ୍ବର ନାୟକ, ପ୍ରମୋଦ ଜେନା, ଚିତ୍ତରଞ୍ଜନ ଦାଶ, ହରିହର ପ୍ରଧାନ, ବଳରାମ ଦାଶ, ଅପର୍ତ୍ତି ସେଠି, ବସନ୍ତ ପ୍ରତିହାରୀ, ସତ୍ୟବାଦୀ ମହାନ୍ତି, କାମଦେବ ମହାପାତ୍ର, ପର୍ଶୁରାମ ସାହୁ, ଅଭିରାମ ମଲିକ, ଦିବାକର ମଲିକ, ବସନ୍ତ ରାଉତ ଶରତ ପରିଡା, ରବିନାରାୟଣ ମହାନ୍ତି, ସୁବୋଧ ପଟ୍ଟନାୟକ, ବିଷ୍ଣୁପ୍ରିୟା ପଟ୍ଟନାୟକ, ବାଳକୃଷ୍ଣ କର, ସତ୍ୟବାଦୀ ସାହୁ ଏବଂ ରତ୍ନମଞ୍ଜରୀ ମହାନ୍ତି ପ୍ରମୁଖ ୨୧ ଜଣ ଗୁରୁ ଓ ଗୁରୁମାଙ୍କୁ ସମ୍ମାନିତ କରାଯାଇଥିଲା। ଧନ୍ୟବାଦ ପ୍ରଦାନ କରିଥିଲେ ଅଶୋକ କୁମାର ଦାଶ। କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ନଚିକେତା ପରମାଣିକ, ଦୀପାଳି ଦାଶ, ରୂପପଦ୍ମା ପଣ୍ଡା, ବିଚିତ୍ରାନନ୍ଦ ସେଠି, ତ୍ରିଲୋଚନ ବେହେରା, ଗଣେଶ ରାଉତ ଏବଂ ସୁବାସ ରାଉତ।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୭୫ • ପାଉଣ୍ଡ ୧୧୯.୨୫
- ୟୁରୋ ୧୦୩.୬୮ • ୟେନ୍ ୦.୫୯

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୮,୬୫୦ (ନୂଆଦିଲ୍ଲୀ)
- ରୁପା : ୧,୨୯,୨୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୦,୭୧୦.୦୦
- ନିଫ୍ଟି ୨୪,୭୪୧.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ୱେବସାଇଟ୍ କହିବ ଜିଏସ୍‌ଟି ସଂସ୍କାରରେ ସଞ୍ଚୟ କେତେ

ନୂଆଦିଲ୍ଲୀ, ୬।୯ (ଏଜେନ୍ସି)




- ସମର୍ଥନ ପାଇଁ ରାଜ୍ୟମାନଙ୍କୁ ଧନ୍ୟବାଦ ଦେଲେ ଅର୍ଥମନ୍ତ୍ରୀ
- ଜିଏସ୍‌ଟି କ୍ଷତିର ଭରଣା ପାଇଁ ପ୍ରତିଶ୍ରୁତି
- ରୁଷଠୁ ତୈଳ କ୍ରୟ ଜାରି ରହିବ

କେନ୍ଦ୍ର ସରକାର ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି)ରେ ସଂସ୍କାର କରିଛନ୍ତି। ତେବେ ଏହି ସଂସ୍କାର ଦ୍ୱାରା ଲୋକଙ୍କୁ ଲାଭ ମିଳିବ ବୋଲି କୁହାଯାଉଛି। ମାତ୍ର କେଉଁ ସାମଗ୍ରୀରେ କେତେ ଲାଭ ମିଳିବ ତାହାକୁ ନେଇ ଲୋକଙ୍କ ମଧ୍ୟରେ ସଂଶୟ ଜାରି ରହିଛି। ପ୍ରକୃତରେ ଏହି ଜିଏସ୍‌ଟି ସଂସ୍କାରର ଲାଭ ମିଳିବ ନା ଖାଲି ଘୋଷଣାରେ କମ୍ପାନୀ ତାହାର ଲାଭ ଉଠାଇବେ ବୋଲି ପ୍ରଶ୍ନ ଉଠିଛି। ଏପରି ସ୍ଥଳେ କେଉଁ ସାମଗ୍ରୀରେ କେତେ ଆଶ୍ୱସ୍ତି ମିଳିବ ତାହା ଲୋକଙ୍କୁ ଜଣାଇବା ପାଇଁ ସରକାର ଏକ ୱେବସାଇଟ 'savingwitgst.in' ଆଣିଛନ୍ତି। ଏହା ମାଧ୍ୟମରେ ଜିଏସ୍‌ଟିର ନୂଆ ସ୍ଲାବ ଲାଗୁ ହେବା ପୂର୍ବରୁ ଉତ୍ପାଦର ମୂଲ୍ୟ କେତେ ଥିଲା ଏବଂ ପରେ କେତେ ହେବ ତାହାର ତୁଳନା କରିପାରିବେ। ସରକାରୀ ପ୍ଲାଟଫର୍ମ 'ମାଇଁଗଭ୍' ଏହି ୱେବ୍‌ସାଇଟ ଆରମ୍ଭ କରିଛି। ଏଥିରେ ଅନେକ ବର୍ଗ ରହିଛି। ଏଗୁଡିକ ମଧ୍ୟରେ ଖାଦ୍ୟ ସାମଗ୍ରୀ, ଜଳଖିଆ ସାମଗ୍ରୀ, ଘରୋଇ ସାମଗ୍ରୀ, ଘରୋଇ ଇଲେକ୍‌ଟ୍ରୋନିକ୍ସ, ରୋଷେଇ ସାମଗ୍ରୀ, ମନୋରଞ୍ଜନ ଏବଂ ଜୀବନଶୈଳୀ ସମ୍ବନ୍ଧିତ ବସ୍ତୁ ସାମିଲ ରହିଛି। ଏହି ୱେବସାଇଟରେ ତୁଳନା କରି ସାମଗ୍ରୀ ଦ୍ୱାରା କେତେ ଟଙ୍କା ସଞ୍ଚୟ ହେଉଛି ତାହା ଲୋକେ ଜାଣିପାରିବେ। ଏଥିପାଇଁ 'ମାଇଁଗଭ୍‌ଇଣ୍ଡିଆ' ପକ୍ଷରୁ ସାମାଜିକ ଗଣମାଧ୍ୟମରେ 'କ୍ୟୁଆର କୋଡ ସ୍କାନର' ମଧ୍ୟ ଜାରି କରାଯାଇଛି।

ମୂଲ୍ୟ ତୁଳନା କରିବା ପାଇଁ ଗ୍ରାହକଙ୍କୁ ପ୍ରଥମେ ଉପରୋକ୍ତ ପୋର୍ଟାଲକୁ ଯିବାକୁ ହେବ। କାର୍ଟରେ ସେମାନଙ୍କ ପସନ୍ଦର ଜିନିଷଗୁଡ଼ିକୁ ଯୋଡିବାକୁ ପଡିବ। ଏହା ପରେ କାର୍ଟରେ 'ମୂଳ ମୂଲ୍ୟ', 'ଭାଟ୍ ଅଧୀନରେ ବିକ୍ରୟ ମୂଲ୍ୟ' ଏବଂ 'ପରବର୍ତ୍ତୀ-ଜେନ୍ ଜିଏସ୍‌ଟି ଅଧୀନରେ ବିକ୍ରୟ ମୂଲ୍ୟ' ବର୍ଗରେ ତିନୋଟି ଭିନ୍ନ ହାର ଦେଖାଯିବ। ଗ୍ରାହକମାନେ ଏକ ନିର୍ଦ୍ଦିଷ୍ଟ ବର୍ଗ ସହିତ ଯେକୌଣସି ଜିନିଷ ବାଛିବାର ବିକଳ୍ପ ପାଇବେ। ଏହି ବର୍ଗରେ ଖାଦ୍ୟ, ଜଳଖିଆ, ଘରୋଇ ଆଦି ବିକଳ୍ପ ଦିଆଯାଇଛି। ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାର ପୂର୍ବରୁ ଥିବା ଜିଏସ୍‌ଟି ସ୍ଲାବକୁ ବଦଳାଇ ୫ ପ୍ରତିଶତ ଏବଂ ୧୮ ପ୍ରତିଶତରେ ସୀମିତ ରଖିଛନ୍ତି। ସେହିପରି ବିଳାସପୂର୍ଣ୍ଣ ସାମଗ୍ରୀ ଏବଂ ତମ୍ବାଖୁ ଜାତୀୟ ଉତ୍ପାଦ ଲାଗି ୪୦ ପ୍ରତିଶତର ସ୍ଲାବ ଅଣାଯାଇଛି। ଅନ୍ୟପକ୍ଷରେ ଜିଏସ୍‌ଟିରେ ସଂସ୍କାର ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରାଜ୍ୟ ସରକାରମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ ଏଥିପାଇଁ ରାଜ୍ୟର ଅର୍ଥମନ୍ତ୍ରୀମାନଙ୍କୁ ଚିଠି ଲେଖିଛନ୍ତି। ଏଥିରେ କହିଛନ୍ତି ଯେ ଜିଏସ୍‌ଟି ହାର ହ୍ରାସ ମାଧ୍ୟମରେ ସାଧାରଣ ନାଗରିକଙ୍କୁ ଆଶ୍ୱସ୍ତି ଦେବା ପାଇଁ ସବୁ ରାଜ୍ୟ ଏକାଠି ହୋଇଛନ୍ତି। ଏଥିପାଇଁ ସେ କୃତଜ୍ଞତା ପ୍ରକାଶ କରିଛନ୍ତି। ରାଜସ୍ୱ କ୍ଷତିର ଭରଣା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହା ସହିତ ସଂସ୍କାରକୁ ସମାଲୋଚନା କରୁଥିବା ବିରୋଧୀଙ୍କୁ ସେ ସମାଲୋଚନା କରିଛନ୍ତି। ବିରୋଧୀଙ୍କ ପାଖରେ ସଠିକ୍ ସୂଚନା ନାହିଁ । ଏହି ନିଷ୍ପତ୍ତି କେବଳ କେନ୍ଦ୍ର ନୁହେଁ, ସବୁ ରାଜ୍ୟଙ୍କର ଥିବା ସେ ସୂଚନା ଦେଇଛନ୍ତି। ଏହା ସହିତ ଭାରତ ଆଗକୁ ମଧ୍ୟ ରୁଷଠୁ ତୈଳ କ୍ରୟ ଜାରି ରଖିବ ବୋଲି ସେ ସୂଚନା ଦେଇଛନ୍ତି।

**ସାଇପ୍ରସ୍‌ରେ ରହି ଅନ୍‌ଲାଇନରେ ଠକିନେଲେ**

# କୋଚି ବେପାରୀଙ୍କଠୁ ୨୫ କୋଟି ଲୁଟ୍

କୋଚି, ୬।୯ (ଏଜେନ୍ସି): କୋଚିର ଜଣେ ବ୍ୟବସାୟୀ ଅନ୍‌ଲାଇନ ଠକେଇର ଶିକାର ହୋଇଛନ୍ତି। ଅଧିକ ନିବେଶର ଲୋଭ ଦେଖାଇ ଠକ ତାଙ୍କଠୁ ୨୪.୭୬ କୋଟି ଟଙ୍କା ହଡ଼ପ କରିନେଇଛନ୍ତି। ଗତ ୧ ତାରିଖରେ କୋଚି ସାଇବର ପୁଲିସ ଏ ନେଇ ମାମଲା ରୁଜୁ କରିଛି। ପ୍ରାରମ୍ଭିକ ତଦନ୍ତରୁ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ସାଇବର ଠକ୍ ସାଇପ୍ରସରେ ରହି ଏଭଳି ଠକେଇ କରିଥିବା ଜଣାପଡ଼ିଛି। ସାଇପ୍ରସ୍‌ର ଏକ କଲ୍ ସେଣ୍ଟରର ଭୂମିକା ସନ୍ଦେହ ଘେରରେ ରହିଛି। ପୁଲିସ ସୂଚନା ଅନୁଯାୟୀ ୨୦୨୩ ମାର୍ଚ୍ଚରୁ ଏହି ବ୍ୟବସାୟୀଙ୍କ ଅର୍ଥକୁ ଅନ୍ୟ ବ୍ୟାଙ୍କ ଖାତାକୁ ଟ୍ରାନ୍ସଫର କରାଯାଇଥିଲା। ଏହାର ତଦନ୍ତ ଜାରି ରହିଛି। ଅଭିଯୋଗକାରୀ ବ୍ୟବସାୟୀ ନିମେଶ କହିଛନ୍ତି ଯେ ଅନ୍‌ଲାଇନ ଟ୍ରେଡିଂ ପ୍ଲାଟଫର୍ମ କ୍ୟାପିଟଲିକ୍ସ ମାଧ୍ୟମରେ ଏହି ଠକେଇ ହୋଇଛି। ଏହା ଆମେରିକାରେ ପଞ୍ଜିକୃତ ଏକ ଅନ୍‌ଲାଇନ ଷ୍ଟକ ଟ୍ରେଡିଂ ପ୍ଲାଟଫର୍ମ ପରିଚାଳନା କରୁଛି।

ସର୍ବପ୍ରଥମେ ମାଲାୟଲାମ କହୁଥିବା ଜଣେ ବ୍ୟକ୍ତି ଏହି ବ୍ୟବସାୟୀଙ୍କୁ ଯୋଗାଯୋଗ କରିଥିଲା। ଷ୍ଟକ୍ ଟ୍ରେଡିଂ ଉପରେ ଆଲୋଚନା କରି ନିବେଶର ଲାଭ ବିଷୟରେ ତାଙ୍କୁ ବୁଝାଇ ଥିଲା। ପରେ ସେ ଏଥିରେ ନିବେଶ କରିଥିଲେ। କିନ୍ତୁ ଗତ ମାସରେ ନିମେଶ ନିଜ ନିବେଶ ଟଙ୍କା ଏବଂ ଲାଭ ଉଠାଇବାକୁ ପ୍ରୟାସ କରିବାରୁ ଏ ବିଷୟରେ ଜଣା ପଡ଼ିଥିଲା। ସେ ଟଙ୍କା ନ ଉଠାଇ ପାରିବାରୁ ପୁଲିସକୁ ସୂଚନା ଦେଇଥିଲେ। ଏହି ମାମଲାର ତଦନ୍ତ ପାଇଁ ଏକ ଏସ୍‌ଆଇଟି ଗଠନ କରାଯାଇଛି। ଏହି ଠକେଇରେ କ୍ୟାପିଟଲିକ୍ସର ନାମ ବ୍ୟବହାର କରାଯାଇଛି କି ଏହି କମ୍ପାନୀ ମାଧ୍ୟମରେ ଠକେଇ କରାଯାଉଛି ତାହା ଜଣାପଡ଼ିନାହିଁ।

## ରୁଷଠୁ ଅଣ୍ଡା କିଣୁଛି ଆମେରିକା

ମସ୍କୋ, ୬।୯ (ଏଜେନ୍ସି): ରୁଷଠାରୁ ଅଶୋଧିତ ତୈଳ କିଣିବାକୁ ନେଇ ଭାରତ ଉପରେ ଶୁଳ୍କ ଲଗାଉଥିବା ଆମେରିକା ନିଜେ ଦୋମୁହାଁ ନୀତି ଅବଲମ୍ବନ କରୁଛି। ଏହି ଦେଶ ନିଜେ ରୁଷ୍ ସହ ବାଣିଜ୍ୟ କାରବାର ଜାରି ରଖିଥିବାବେଳେ ଚୁଛାଟାରେ ଅନ୍ୟ ଦେଶ ଉପରେ ରାଗ ସୁଝାଉଛି। ଶୁଳ୍କ ଆଳରେ ଧମକ ଦେଇଚାଲିଛି। ଦୀର୍ଘ ୩୨ ବର୍ଷ ପରେ ଆମେରିକା ପ୍ରଥମ ଥର ପାଇଁ ରୁଷରୁ ଅଣ୍ଡା ଆମଦାନୀ କରିଛି। ରୁଷର ସରକାରୀ ସମାଚାର ଏଜେନ୍ସି 'ଆରଆଇଏ ନୋଭୋସ୍ତି' ପକ୍ଷରୁ ଏହି ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ ୧୯୯୨ ପରେ ଚଳିତ ବର୍ଷ ଜୁଲାଇରେ ୪ ଲକ୍ଷ ୫୫ ହଜାର ଡଲାରର ଅଣ୍ଡା କ୍ରୟ କରିଛି। ଅଣ୍ଡା ସଙ୍କଟ ଦେଖା ଦେବା ପରେ ଏହି ପଦକ୍ଷେପ ନେବାକୁ ଆମେରିକା ବାଧ୍ୟ ହୋଇଛି। ଚଳିତ ବର୍ଷର ପ୍ରାରମ୍ଭରେ ଆଭିଏନ ଫ୍ଲୁ ବ୍ୟାପି ଯାଇଥିଲା। ଏଥିଯୋଗୁଁ ଦେଶର କୁକୁଡା ଏବଂ ଅଣ୍ଡା ଯୋଗାଣ ପ୍ରଭାବିତ ହୋଇଥିଲା। ଫଳରେ ଦେଶରେ ଅଣ୍ଡା ଦର ବଢ଼ି ଯାଇଥିଲା। ରୁଷ୍ ଅଣ୍ଡା ଆସିବା ପରେ ଦର ସାମାନ୍ୟ ହ୍ରାସ ପାଇଥିଲା। ତେବେ ଜୁଲାଇରେ ଅଣ୍ଡା ଦର ପୂର୍ବ ବର୍ଷ ଅପେକ୍ଷା ୧୬.୪ ପ୍ରତିଶତ ଅଧିକ ଥିଲା।

**• ଜିଏସ୍‌ଟି ହ୍ରାସର ତତ୍କାଳ ଲାଭ ଦେଲା ମହିନ୍ଦ୍ରା**

# ୧.୫୬ ଲକ୍ଷ ଟଙ୍କା ଯାଏ କମିଲା ଗାଡ଼ି ମୂଲ୍ୟ

ଭୁବନେଶ୍ୱର, ୬।୯(ସମିସ): କେନ୍ଦ୍ର ସରକାରଙ୍କ ଜିଏସ୍‌ଟି ହ୍ରାସକୁ ତତ୍କାଳ କାର୍ଯ୍ୟକାରୀ କରିଛି ଅଟୋମୋବାଇଲ କମ୍ପାନୀ ମହିନ୍ଦ୍ରା । ଏ ନେଇ ଶନିବାର ଘୋଷଣା କରାଯାଇଛି। ସୂଚନା ଅନୁସାରେ ପୂର୍ବରୁ ବଲେରୋ(ନିଓ), ଏକ୍ସୟୁଭି ୩ଏକ୍ସଓ, ଥର୍ (୨ଡ଼ବ୍ଲୁଡ଼ି), ୩ ଏକ୍ସଓ (ପେଟ୍ରୋଲ) ଆଦି ଗାଡ଼ିରେ ୩୧% ଓ ୨୯% ଜିଏସ୍‌ଟି ଆଦାୟ ହେଉଥିବାବେଳେ ଏବେ ଏହା ୧୮%କୁ ହ୍ରାସ ପାଇଛି । ଫଳରେ ବଲେରୋ/ନିଓ ୧.୨୭ ଲକ୍ଷ, ଏକ୍ସୟୁଭି ୩ଏକ୍ସଓ (ପେଟ୍ରୋଲ)ରେ ୧.୪ ଲକ୍ଷ, ଏକ୍ସୟୁଭି ୩ଏକ୍ସଓ (ଡ଼ିଜେଲରେ) ୧.୫୬ ଲକ୍ଷ ଏବଂ ଥର୍ (୨ଡବ୍ଲ୍ୟୁଡ଼ି ଡ଼ିଜେଲ) ମୂଲ୍ୟ ୧.୩୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହ୍ରାସ ପାଇଛି। ପୂର୍ବରୁ ୪୮% ଜିଏସ୍‌ଟି ନିଆଯାଉଥିବା ଗାଡ଼ିଗୁଡ଼ିକରେ ଜିଏସ୍‌ଟି ୪୦%କୁ ହ୍ରାସ ପାଇବା ଫଳରେ ଏକ୍ସୟୁଭି ୭୦୦ ଗାଡ଼ି ୧.୪୩ ଲକ୍ଷ ଟଙ୍କା, ଥର୍ (ରକ୍ସ) ୧.୩୩ ଲକ୍ଷ ଟଙ୍କା, ସ୍କର୍ପିଓ ଏନ୍ ୧.୪୫ ଲକ୍ଷ ଟଙ୍କା, ଥର (୪ଡ଼ବ୍ଲ୍ୟୁଡ଼ି ଡ଼ିଜେଲ)୧.୦୧ ଲକ୍ଷ ଟଙ୍କା ଯାଏ ହ୍ରାସ ପାଇବ ବୋଲି ସୂଚନା ମିଳିଛି । ତେବେ ଏହି ଲାଭ ନିର୍ଦ୍ଦିଷ୍ଟ ଓ ମନୋନୀତ ମଡ଼େଲ ଓ ଗାଡ଼ିର ଭାରିଆଣ୍ଟ ଉପରେ ନିର୍ଭର କରେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।




# 'କଂସା ଶିଳ୍ପ ଐତିହ୍ୟ' ଉପରେ ଗବେଷଣାତ୍ମକ ପୁସ୍ତକ ଉନ୍ମୋଚିତ

**ରାଜ୍ୟର ପ୍ରମୁଖ କଂସା କାରିଗର ସମ୍ମାନିତ**

ଭୁବନେଶ୍ୱର, ୬।୯ (ଏଜେନ୍ସି)



ଏମଜିଏମ୍ ଫାଉଣ୍ଡେସନ୍ ଏବଂ ଭୁବନେଶ୍ୱର ଏକ୍ସପେରିମେଣ୍ଟାଲ୍ ଆର୍ଟ ଆଣ୍ଡ ଡିଜାଇନ୍ ଷ୍ଟୁଡିଓ (ବିଇଏଡ଼ିଏସ୍) ପକ୍ଷରୁ ପ୍ରସ୍ତୁତ 'କଂସା: ପରମ୍ପରା ଗଠନ, ଭବିଷ୍ୟତ ରୂପରେଖ' ନାମକ ଏକ ଗବେଷଣାତ୍ମକ ପୁସ୍ତକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକ ଓଡ଼ିଶାର ସମୃଦ୍ଧ କଂସା ଶିଳ୍ପ ଐତିହ୍ୟକୁ ପ୍ରଦର୍ଶିତ କରୁଛି । ଏହି ପୁସ୍ତକ ଓଡ଼ିଶା କ୍ରାଫ୍ଟ ଓଡିସି (ଓସିଓ) ଫେଲୋସିପ୍ କାର୍ଯ୍ୟକ୍ରମ ୨୦୨୪ -୨୫ ଦ୍ୱାରା ପରିଚାଳିତ ଗଭୀର ଗବେଷଣାକୁ ପ୍ରତିପାଦିତ କରିଛି। ପୁସ୍ତକ ଉନ୍ମୋଚନ ଉତ୍ସବରେ ଧରିତ୍ରୀର ସମ୍ପାଦକ ତଥାଗତ ସତପଥୀ, ଏମଜିଏମର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ଉପସ୍ଥିତ ରହି କଂସା ଧାତୁର ସଂରକ୍ଷଣ ଦିଗରେ ଏଭଳି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିବା ସହିତ ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରମୁଖ କାରିଗରଙ୍କୁ ସମ୍ମାନିତ କରିଥିଲେ। ଇଂରାଜୀ ଓ ଓଡ଼ିଆ ଉଭୟ ଭାଷାରେ ଉପଲବ୍ଧ ଏହି ପୁସ୍ତକରେ ଓଡ଼ିଶାର ୧୮ଟି ଗ୍ରାମର କଂସା (କାଉଁଡ଼ି ଧାତୁ) ଶିଳ୍ପର ଜୀବନ୍ତ ପରମ୍ପରାକୁ ବର୍ଣ୍ଣନା କରୁଛି। ପାଞ୍ଚ ମାସର ବ୍ୟାପକ ଅନୁସନ୍ଧାନ ଉପରେ ଏହି ପୁସ୍ତକ ଆଧାରିତ ।

ଫେଲୋ ବିଲାଶ ସର୍ଦ୍ଦାର ଓ ସତ୍ୟଭାମା ମାଝୀ, ଆର୍କାଇଭିଷ୍ଟ ଫେଲୋ କୀର୍ତ୍ତି କୁମାରୀ, ଶିବଦାସ୍ ସେନ୍ ଗୁପ୍ତଙ୍କ ବିଶେଷଜ୍ଞ କ୍ୟୁରେସନ ଅଧୀନରେ ଏହି ଗବେଷଣା କରାଯାଇଛି। 'ଏହି ପ୍ରକାଶନ ଉତ୍ସର୍ଗୀକୃତ ପ୍ରୟାସରୁ ଉତ୍ପନ୍ନ ଓ କେବଳ ଏକ ପୁସ୍ତକଠାରୁ ଅଧିକ କିଛି ପ୍ରତିନିଧିତ୍ୱ କରୁଛି-ଏହା ଏକ ସାଂସ୍କୃତିକ ନିଶ୍ଚିତତା, ହସ୍ତଶିଳ୍ପର ଚିରସ୍ଥାୟୀ ପ୍ରାସଙ୍ଗିକତା ଉପରେ ଏକ ସୂକ୍ଷ୍ମ ପ୍ରତିଫଳନ' ବିଶିଷ୍ଟ କଳାକାର ଓ କ୍ୟୁରେଟର ବୋଷ କୃଷ୍ଣମାଚାରୀ ଏହାକୁ ରଚନା କରିଛନ୍ତି। ଏହି ନଥି ପଞ୍ଜିକରଣରେ ପାରମ୍ପରିକ କୌଶଳ, ଦେଶଜ ଶବ୍ଦକୋଷ, ସାଂସ୍କୃତିକ ମହତ୍ତ୍ୱ, ଅନୁଗୁଳ, ବରଗଡ଼, କଟକ, ଢେଙ୍କାନାଳ, ଯାଜପୁର, ଖୋର୍ଦ୍ଧା, ନୟାଗଡ଼, ଓ ଗଞ୍ଜାମ ସମେତ ବିଭିନ୍ନ ଜିଲ୍ଲାର କାରିଗର ସମ୍ପ୍ରଦାୟଗୁଡ଼ିକର ସମସାମୟିକ ଆହ୍ୱାନଗୁଡ଼ିକୁ ଅନ୍ତର୍ଭୁକ୍ତ କରିଛି ।

ଏମ୍ ଜି ଏମ୍ ଫାଉଣ୍ଡେସନ୍, ଏମ୍ ଜି ଏମ୍ ଗ୍ରୁପ ଓଡ଼ିଶାର ସାମାଜିକ ରୂପାନ୍ତରଣ ବିଭାଗ, ସ୍ୱାସ୍ଥ୍ୟସେବା, ଶିକ୍ଷା, କଳା, କ୍ରୀଡା, ଓ ଗ୍ରାମୀଣ ବିକାଶରେ ବ୍ୟାପକ ପଦକ୍ଷେପ ମାଧ୍ୟମରେ ସମାବେଶୀ ବୃଦ୍ଧି ଓ ସମ୍ପ୍ରଦାୟ ଉନ୍ନତି ପ୍ରୋତ୍ସାହନ କରୁଛି। ଭୁବନେଶ୍ୱର ଏକ୍ସପେରିମେଣ୍ଟାଲ୍ ଆର୍ଟ ଆଣ୍ଡ ଡିଜାଇନ୍ ଷ୍ଟୁଡିଓ (ବିଇଏଡ଼ିଏସ୍) ଓଡ଼ିଆ ଶିଳ୍ପ ଓ କାହାଣୀ ଉପରେ ଧ୍ୟାନ ଦେଇ ଅନନ୍ୟ କଳାକାର ରେସିଡେନ୍ସି କାର୍ଯ୍ୟକ୍ରମ ଆୟୋଜନ କରୁଥିବା ସମୟରେ ନୃଗୋଷ୍ଠୀ-ପ୍ରେରିତ, ପରିବେଶ-ଅନୁକୂଳ ଉତ୍ପାଦ ସୃଷ୍ଟି କରୁଛି।

**ପରିବହନ ବିଭାଗ ପକ୍ଷରୁ ଗାଡିରେ ଓଭର୍‌ଲୋଡିଂ ଓ ଫିଟ୍‌ନେସ ଯାଞ୍ଚ**

# ୪୦୧ ଗାଡ଼ିର ଫିଟ୍‌ନେସ୍ ପ୍ରମାଣପତ୍ର ରଦ୍ଦ

କଟକ, ୬।୯(ସମିସ): ସଡ଼କ ଦୁର୍ଘଟଣା ହ୍ରାସ କରିବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ସଚେତନତା ସହ ଏନ୍‌ଫୋର୍ସମେଣ୍ଟକୁ ପ୍ରାଧାନ୍ୟ ଦେଇଛି। ଏଥିପାଇଁ ପ୍ରତି ସପ୍ତାହରେ ବିଭିନ୍ନ ବିଷୟରେ ରାଜ୍ୟ ପରିବହନ ପ୍ରାଧିକରଣ ନେତୃତ୍ୱରେ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ କରାଯାଉଛି। ରାଜ୍ୟବ୍ୟାପୀ ଆରଟିଓ ଟିମ୍ ଦ୍ୱାରା ଓଭରଲୋଡିଂ ଏବଂ ଫିଟନେସ୍ ଯାଞ୍ଚକୁ ଗୁରୁତ୍ୱ ଦିଆଯାଇଥିଲା। ଗତ ୩ ଦିନରେ ରାଜ୍ୟରେ ଓଭରଲୋଡିଂ ପାଇଁ ୨୭୫ଟି ଗାଡ଼ି ବିରୋଧରେ ଚାଲାଣ କଟିଥିବା ବେଳେ ଗାଡ଼ିର ଫିଟନେସ୍ ଠିକ୍ ନଥିବା ଯୋଗୁଁ ୫୩୬ ଗାଡ଼ି ବିରୋଧରେ ଚାଲାଣ କଟିଛି। ସମୁଦାୟ ୨,୫୩୨ଟି ଚାଲାଣ କଟିଛି। ସେହିଭଳି ୪୦୧ଟି ଗାଡ଼ିର ଫିଟନେସ ପ୍ରମାଣ ପତ୍ର ରଦ୍ଦ କରାଯାଇ ୫୬ଲକ୍ଷ ୩୭ ହଜାର ୬୩୨ ଟଙ୍କା ଜରିମାନା ବାବଦରେ ଆଦାୟ କରାଯାଇଛି।

### ୫୬ଲକ୍ଷ ଟଙ୍କା ଜରିମାନା ଆଦାୟ

ଓଭରଲୋଡିଂ ବାବଦରେ କଟକ ଆରଟିଓଙ୍କ ଦ୍ୱାରା ୧୪, ସମ୍ବଲପୁରରେ ୨୫, କେନ୍ଦୁଝର ଆରଟିଓରେ ୧୪, ଅନୁଗୋଳରେ ୧୫, ଗଞ୍ଜାମ ଆରଟିଓରେ ୧୪, କଳାହାଣ୍ଡି ଆରଟିଓରେ ୧୩ଟି ଗାଡ଼ି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚାଲାଣ କଟାଯାଇଛି। ସେହିପରି, ଫିଟନେସ୍ ଯାଞ୍ଚରେ କଟକ ଆରଟିଓ ଅଧୀନରେ ୫୦, ଭୁବନେଶ୍ୱର-୧ ଆରଟିଓରେ ୬୮, ଯାଜପୁରରେ ୨୯, ସୋନପୁରରେ ୨୬, ଭଞ୍ଜନଗରରେ ୩୯ଟି, ଖୋର୍ଦ୍ଧା ଏଆରଟିଓଙ୍କ ଦ୍ୱାରା ସଡ଼କରେ ଚାଲିବାକୁ ଉପଯୁକ୍ତ ନଥିବ ୩୫ଟି ଗାଡ଼ିର ଚାଲାଣ କଟାଯାଇଛି। ଜଗତସିଂହପୁର ଆର୍‌ଟିଓରେ ୬୦ଟି ଫିଟନେସ୍ ପ୍ରମାଣପତ୍ର ରଦ୍ଦ ହୋଇଥିବା ବେଳେ ସୋନପୁରରେ ୨୬ଟି, କେନ୍ଦୁଝରରେ ୧୭ଟି, ଅନୁଗୋଳରେ ୧୮ଟି, କୋରାପୁଟରେ ୧୪ଟି ଗାଡ଼ି ଫିଟନେସ୍ ପ୍ରମାଣପତ୍ର ରଦ୍ଦ ହୋଇଛି। ଅନୁଗୋଳ ଆର୍‌ଟିଓରେ ସର୍ବାଧିକ ୯,୯୮,୫୨୦ ଟଙ୍କା ଆଦାୟ କରାଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି ଯେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଆଗକୁ ଆହୁରି କଡ଼ାକଡ଼ି କରାଯିବ।

# ନଭେମ୍ବର ୧୦ରୁ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ

ଭୁବନେଶ୍ୱର, ୬।୯ (ସମିସ): ଆସନ୍ତା ନଭେମ୍ବର ୧୦ ଓ ୧୧ରେ ଦୁଇଦିନ ଧରି ଓଡ଼ିଶାରେ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମାବେଶରେ ୪୦୦ରୁ ଅଧିକ ଚାଷୀ, ଏମଏସ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନର ଅଧକ୍ଷା ଡ. ସୌମ୍ୟା ସ୍ୱାମୀନାଥନ, ୟୁନାଇଟେଡ ନେସନ୍ସର ଫୁଡ୍ ଆଣ୍ଡ ଏଗ୍ରିକଲଚର ଅର୍ଗାନାଇଜେସନରୁ ବୈଜ୍ଞାନିକ, ୱାର୍ଲଡ୍ ଫୁଡ଼ ପ୍ରୋଗ୍ରାମ, ଆଇସିଏଆର, ଆ ଇ ସି ଏ ଆ ର - ସି ଆ ଇ ଡ ବ୍ଲୁ ଏ ର ବୈଜ୍ଞାନିକଙ୍କ ସମେତ ଦେଶବିଦେଶରୁ ବହୁ ଖ୍ୟାତନାମା ବୈଜ୍ଞାନିକ ତଥା ଅଧିକାରୀ ଯୋଗଦେବେ। ମାଣ୍ଡିଆ ଦିବସ-୨୦୨୫ ଅବସରରେ ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକରେ ଏହି ସୂଚନା ଦିଆଯାଇଛି।

ପ୍ରତିବର୍ଷ ନଭେମ୍ବର ମାସ ୧୦ ତାରିଖକୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଉଥିବା ବେଳେ ଓଡ଼ିଶା ଏକମାତ୍ର ରାଜ୍ୟ ଭାବେ ମାଣ୍ଡିଆ ଦିବସ ପାଳନ କରୁଛି। ଚଳିତବର୍ଷର ଥିମ୍ ରହିଛି 'କୃଷି, ଜୈବ ବିବିଧତା ଓ ଐତିହ୍ୟରେ ମହିଳା କୃଷକଙ୍କ ଅବଦାନ' ରହିଛି। ପୂର୍ବବର୍ଷ ଭଳି ବିଭିନ୍ନ ସେସନ୍ ବିଶିଷ୍ଟ ଗବେଷକ/ବୈଜ୍ଞାନିକଙ୍କ ଦ୍ୱାରା ପରିଚାଳିତ ହେବ ବୋଲି କୃଷି ବିଭାଗ ପ୍ରମୁଖ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିବା ସହ ବିଭାଗର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏଥିରେ କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍ସେନା, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ଓଡ଼ିଶା ବିଧାନସଭାର ପୁରାତନ ଅତିଥି ଭବନ ସମ୍ପ୍ରସାରିତ ଅଟ୍ଟାଳିକାର ଶିଳାନ୍ୟାସ

ଭୁବନେଶ୍ୱର, ୬।୯ (ସମିସ): ଓଡ଼ିଶା ବିଧାନସଭାର ୟୁନିଟ୍-୪ସ୍ଥିତ ପୁରାତନ ଅତିଥି ଭବନ ସମ୍ପ୍ରସାରିତ ଅଟ୍ଟାଳିକାର ଶିଳାନ୍ୟାସ ହୋଇଯାଇଛି। ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତଙ୍କ ଉପସ୍ଥିତିରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପୁରାତନ ଅତିଥିଭବନରେ ୨୩ଟି ରୁମ୍ ଥିବା ବେଳେ ଏବେ ସ୍ଥାନାଭାବର ସମସ୍ୟା ଦେଖାଦେଉଛି। ତେଣୁ, ମୋଟ ୯ ହଜାର ବର୍ଗଫୁଟରୁ ଉର୍ଦ୍ଧ୍ୱ ସ୍ଥାନରେ ଏହି ଅଟ୍ଟାଳିକା ନିର୍ମାଣ ହେବ। ପ୍ରାୟ ୩ କୋଟି ୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ତିନି ମହଲା ବିଶିଷ୍ଟ ଅଟ୍ଟାଳିକାରେ ମୋଟ ୧୬ଟି ରୁମ୍ ନିର୍ମାଣ ହେବ। ଆଗାମୀ ୨୦୨୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଏହି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହାଦ୍ୱାରା ସମୁଦାୟ ରୁମ୍ ସଂଖ୍ୟା ୩୯କୁ ବୃଦ୍ଧି ପାଇବ। ଅନ୍ୟପକ୍ଷରେ ବିଧାନସଭାର ଓଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଥିବା ନୂତନ ଅତିଥି ଭବନରେ ୧୮ଟି ରୁମ୍ ରହିଥିବା ବେଳେ ନୂଆ ଓ ପୁରୁଣାକୁ ମିଶାଇ ରୁମ୍ ସଂଖ୍ୟା ୫୭ ହେବ। ଏହି ଅତିଥିଭବନ ପାଇଁ ଏବେ ଅନ୍‌ଲାଇନ୍‌ର ବୁକିଂର ସୁବିଧା କରାଯିବା ସହ ୨୪ ଘଣ୍ଟିଆ ନିରାପତ୍ତା ବ୍ୟବସ୍ଥା ଆହୁରି ସମନ୍ୱିତ ହେବ। ଏହି କାର୍ଯ୍ୟକ୍ରମରେ ବିଧାନସଭାର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ଇନ୍ଦ୍ରପୂର୍ଣ୍ଣିମା ଓ ଭାଗବତ ଜନ୍ମ

ଭାଦ୍ରବ ମାସ ପୂର୍ଣ୍ଣିମାକୁ ଓଡ଼ିଶାରେ ଇନ୍ଦ୍ରପୂର୍ଣ୍ଣିମା ଓ ଭାଗବତ ଜନ୍ମ ଭାବେ ପାଳନ କରାଯାଏ। ଉତ୍ତରଭାରତରେ ଏହାକୁ ଭାଦ୍ରପଦ ପୂର୍ଣ୍ଣିମା କୁହାଯାଏ। ଆଧ୍ୟାତ୍ମିକ ଦୃଷ୍ଟିରୁ ଏହି ପୂର୍ଣ୍ଣିମା ଗୁରୁତ୍ୱ ବହନ କରେ। ଏହି ଦିନ ସତ୍ୟନାରାୟଣଙ୍କ ପୂଜାର୍ଚ୍ଚନା କଲେ, ଶୁଭଫଳ ପ୍ରାପ୍ତି ହୁଏ। ଏହି ଦିନ ପରଠାରୁ ପିତୃପକ୍ଷ ଆରମ୍ଭ ହୁଏ। ଏତଦ୍‌ବ୍ୟତୀତ ଏହି ଦିନକୁ ଓଡ଼ିଶାରେ ଭାଗବତ ଜନ୍ମ ବୋଲି ବିଚାର କରାଯାଏ। ଏହାପଛରେ ଏକ କିଂବଦନ୍ତୀ ରହିଛି।

ମା'ଙ୍କ ଇଚ୍ଛା ପୂରଣ କରିବା ପାଇଁ ଅତିବଡ଼ୀ ଜଗନ୍ନାଥ ଦାସ ବଡ଼ଦେଉଳର କଳ୍ପବଟ ମୂଳରେ ବସି ଓଡ଼ିଆରେ ଭାଗବତ ରଚନା କଲେ। ଅତିବଡ଼ୀଙ୍କ କୃତି ସଂସ୍କୃତ ଭାଷାର ଅନୁବାଦ ନ ଥିଲା, ବରଂ ଶ୍ରୀ ଦାସ ମୂଳ ଭାଗବତର ମର୍ମରେ ଓଡ଼ିଆ ଭାଗବତ ସୃଷ୍ଟି କଲେ। ସଂପୂର୍ଣ୍ଣ ଭାଗବତ ରଚନା କରିସାରିବା ପରେ ସେ ଚିନ୍ତାରେ ପଡ଼ିଲେ ଯେ ତାଙ୍କ ଲେଖାକୁ କିଏ ସଂଶୋଧନ କରିବ? ତେଣୁ ଗରୁଡ଼ସ୍ତମ୍ଭ ପଛରେ ଏକଗୋଡ଼ିଆ ଠିଆ ହୋଇ ଜଗନ୍ନାଥଙ୍କୁ ଏକଲକ୍ଷରେ ଚାହିଁ ତାଙ୍କୁ ବାଟ ବତେଇବା ପାଇଁ ଅନୁରୋଧ କରି କାନ୍ଦିବାକୁ ଲାଗିଲେ। ଦୀର୍ଘ ସମୟ ଧରି ଉପବାସ ରହି ବହୁତ କାନ୍ଦିବା ଓ ଅନୁନୟ ବିନୟ କରିବା ପରେ ମହାପ୍ରଭୁ ଆଉ ସମ୍ଭାଳିପାରିଲେ ନାହିଁ। ରାତିରେ ମହାପ୍ରଭୁ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ "ଚନ୍ଦନପୁର ନିକଟ କାଣ୍ଡଗୋଦା ଗାଁରେ ମନେଇ ସାହୁ ନାମକ ଜଣେ ବ୍ୟକ୍ତି ଅଛନ୍ତି- ତାଙ୍କୁ ଭେଟ -ସେ ତୁମ ଲେଖାକୁ ସଂଶୋଧନ କରିଦେବେ"।

ପରଦିନ ଜଗନ୍ନାଥ ଦାସ ଭାଗବତ ପାଣ୍ଡୁଲିପିକୁ ଧରି କାଣ୍ଡଗୋଦାରେ ପହଞ୍ଚିଲେ। ମନେଇ ସାହୁଙ୍କର ଚେହେରା ଦେଖି ଜଗନ୍ନାଥ ଦାସ ଆଶ୍ଚର୍ଯ୍ୟ ହୋଇଗଲେ। ବେଶଭୂଷା ଦେଖି ମନେମନେ ଭାବିଲେ, ଏ ଲୋକ କ'ଣ ମୋ ଲେଖାକୁ ସଂଶୋଧନ କରିପାରିବେ? ଏତିକିବେଳେ ମନେଇ ତାଙ୍କୁ କହିଲେ, ଯାହା ଆଣିଛ ନେଇ ଠାକୁର ଘରେ ରଖିଦିଅ। ପରେ ମନେଇ ଗାଧେଇ ଫେରି ସ୍ତ୍ରୀଙ୍କୁ ଭାତ ବାଢ଼ିବା ପାଇଁ କହିଲେ। ଦୁଇଗୋଟି ଥାଳିରେ ଗରମ ଗରମ ଉଷୁନା ଭାତ ଓ କଙ୍କଡ଼ା ଝୋଳ ଆସି ପହଁଚିଲା। କଙ୍କଡ଼ା ଝୋଳ ଦେଖି ଜଗନ୍ନାଥ ଦାସ ବଡ଼ ଚିନ୍ତାରେ ପଡ଼ିଗଲେ। ଆଦୌ ଆମିଷ ଖାଇନଥିବା ବ୍ୟକ୍ତି କିପରି କଙ୍କଡ଼ା ଝୋଳ ଖାଇବେ ବୋଲି ବ୍ୟସ୍ତ ହୋଇ ଜଗନ୍ନାଥଙ୍କୁ ବିକଳ ହୋଇ ଡାକିଲେ। ପ୍ରଭୁ ତାଙ୍କର ଗୁହାରି ଶୁଣିଲେ। ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା। ମନେଇ ଓ ଜଗନ୍ନାଥ ଦାସ ଏକାଠି ବସି ଖାଉଥାନ୍ତି, ମାତ୍ର ମନେଇ ଖାଉଥା'ନ୍ତି ଉଷୁନା ଭାତ ସହ କଙ୍କଡ଼ା ଝୋଳ ଏବଂ ଜଗନ୍ନାଥ ଦାସ ଖାଉଥା'ନ୍ତି ସୁବାସିତ ଗରମଗରମ ସୁସ୍ୱାଦୁ ଅଭଡ଼ା। ଅଭଡ଼ାର ମହକରେ ମନେଇଙ୍କ ଘର ବାସି ଉଠିଲା। ମନେଇ ଓ ତାଙ୍କର ସ୍ତ୍ରୀ ଏହା ପ୍ରଭୁଙ୍କ ଚମତ୍କାର ଜାଣିପାରି ଜଗନ୍ନଥ ଦାସଙ୍କୁ ପ୍ରଣାମ କଲେ।

ପରେ ମନେଇ କହିଲେ ଯେ ମହାପ୍ରଭୁ ଜଗନ୍ନାଥ ତାଙ୍କୁ ଗତ ରାତିରେ ସ୍ୱପ୍ନରେ ନିର୍ଦ୍ଦେଶ ଦେଇଛନ୍ତି ଦାସଙ୍କର ପାଣ୍ଡୁଲିପିକୁ ସଂଶୋଧନ କରିଦେବା ପାଇଁ। ଏକଥା ଶୁଣି ଜଗନ୍ନାଥ ଦାସଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ମନେମନେ ଜଗନ୍ନାଥଙ୍କୁ କୃତଜ୍ଞତା ଜଣାଇଲେ। ଚାରିଦିନ ପରେ ଜଗନ୍ନାଥ ପୁଣି ମନେଇଙ୍କ ଘରେ ପହଞ୍ଚିଲେ। ସେଦିନ ଥିଲା ଭାଦ୍ରବ ମାସ ପୂର୍ଣ୍ଣିମା। ମନେଇ ଜଗନ୍ନାଥ ଦାସଙ୍କୁ ସଂଶୋଧିତ ଗ୍ରନ୍ଥ ଧରେଇଦେଲେ। ଆମୂଳଚୂଳ ଗ୍ରନ୍ଥଟିକୁ ପଢ଼ି ଜଗନ୍ନାଥ ଦାସ ଆଶ୍ଚର୍ଯ୍ୟ ହୋଇଗଲେ। ଜଗନ୍ନାଥ ଦାସ ଚଉଦଅକ୍ଷରରେ ଲେଖିଥିବା ଗ୍ରନ୍ଥଟି ନବାକ୍ଷରୀ ହୋଇଯାଇଥିଲା। ଜଗନ୍ନାଥ ଦାସଙ୍କ ମୂଳ କାମକୁ ସମ୍ମାନ ଦେଇ ମନେଇ ଭାଗବତର ଚତୁର୍ଥ ସ୍କନ୍ଧ ଅଷ୍ଟମ ଅଧ୍ୟାୟରେ ଥିବା ଧ୍ରୁବଚରିତକୁ ଚଉଦ ଅକ୍ଷରରେ ରଖିଥିଲେ।

ଭାଗବତ ପାଠ କରୁଥିବା ବ୍ୟକ୍ତିମାନେ ଏକଥା ନିଜେ ପରୀକ୍ଷା କରି ପାରିବେ। ସମ୍ପୂର୍ଣ୍ଣ ଭାଗବତ ନବାକ୍ଷରୀ ହୋଇଥିବା ବେଳେ କେବଳ ଚତୁର୍ଥ ସ୍କନ୍ଧର ଅଷ୍ଟମ ଅଧ୍ୟାୟରେ ଥିବା ଧ୍ରୁବଚରିତ ଚଉଦ ଅକ୍ଷର ବିଶିଷ୍ଟ। ଭାଦ୍ରବ ମାସ ପୂର୍ଣ୍ଣିମା ତିଥିରେ ଅତିବଡ଼ୀ ଜଗନ୍ନାଥ ଦାସ କୃତ ଭାଗବତ ସମ୍ପୂର୍ଣ୍ଣ ଆକୃତିରେ ପରିପ୍ରକାଶ ପାଇଥିବାରୁ ଏହି ଦିନକୁ ଓଡ଼ିଶାରେ ଭାଗବତ ଜନ୍ମ ଦିନ ବୋଲି ବିଚାର କରାଯାଏ। ଏବେ ମଧ୍ୟ କାଣ୍ଡଗୋଦା ଗାଁ ଅଛି। ପୁରୀ ଜିଲ୍ଲାର ଏଇ ଗାଁରେ ସିରୁଳି ମହାବୀରଙ୍କ ଲାଞ୍ଜ ବାହାରିଥିବାର ଦେଖାଯାଏ।

ମନେଇ ସାହୁ ନାଁରେ ଏକ ଲୋକକଥା ମଧ୍ୟ ପ୍ରଚଳିତ ଅଛି। ପିଲାମାନଙ୍କ ତଣ୍ଟିରେ କଣ୍ଟା ଲାଗିଗଲେ ଏବେ ବି ମା'ମାନେ କହନ୍ତି "ଆନିଆ ମାନିଆ ମନେଇ ସାହୁ-ତଣ୍ଟିଆରୁ କଣ୍ଟା ଖସିଆ ଯାଉ"।

**ଶିବାନରାୟଣ ମହାପାତ୍ର, ଭା.ବ.ସେ (ଅବସରପ୍ରାପ୍ତ)**

## ଜିଲ୍ଲା ସଭାପତି ଚୟନ ପାଇଁ କଂଗ୍ରେସର ବୈଠକ

# ଡଜନେ ଆଶାୟୀ; ଦୁଇଗୋଷ୍ଠୀ ମଧ୍ୟରେ ଟଣାଓଟରା

କୋରାପୁଟ, ୬।୯ (ସମିସ): ଏଆଇସିସି ନିର୍ଦ୍ଦେଶକ୍ରମେ ଓଡ଼ିଶାରେ କଂଗ୍ରେସ ଆରମ୍ଭ କରିଛି ସଂଗଠନ ସୃଜନ ଅଭିଯାନ। ରାଜ୍ୟର ସମସ୍ତ ୩୫ କଂଗ୍ରେସ ସାଂଗଠନିକ ଜିଲ୍ଲା ପାଇଁ ସଭାପତି ବଛାଯିବା ପ୍ରକ୍ରିୟା କ୍ରମରେ କୋରାପୁଟରେ ମଧ୍ୟ ଆରମ୍ଭ ହୋଇଛି ଅନୁରୂପ କାର୍ଯ୍ୟକ୍ରମ। ତେବେ ଏହି ପଦ ପାଇଁ କୋରାପୁଟରେ ଡଜନେରୁ ଊର୍ଦ୍ଧ୍ୱ ଆଶାୟୀ ଥିବାରୁ ନେତାଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି।

କେନ୍ଦ୍ରୀୟ ନେତାମାନେ କୋରାପୁଟରେ ଜିଲ୍ଲା ସଭାପତି ନିର୍ବାଚନ ନିମନ୍ତେ ଦଳୀୟ ନେତା ଓ କର୍ମୀମାନଙ୍କ ମତ ଗ୍ରହଣ କରିଛନ୍ତି। ଗୁରୁବାର କୋରାପୁଟ ଟାଉନ୍ ହଲଠାରେ ଜିଲ୍ଲା ସଭାପତି ଶଶିଭୂଷଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଥମ ବୈଠକରେ ଏଆଇସିସି ଜିଲ୍ଲା ପର୍ଯ୍ୟବେକ୍ଷକ ଗଣେଶ କୁମାର ଯାଦବ, ପିସିସି ପର୍ଯ୍ୟବେକ୍ଷକ ଭାରତ ଭୂଷଣ ବିମଳ ଓ ପ୍ରଦ୍ୟୁମ୍ନ ଦାସ ପ୍ରମୁଖ ଜିଲ୍ଲା ସଭାପତି ପଦ ପାଇଁ ଦଳୀୟ ନେତାଙ୍କ ଯୋଗ୍ୟତା ଓ ମାପଦଣ୍ଡ ବିଷୟରେ ଉଲ୍ଲେଖ କରିଥିଲେ। କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟାଙ୍ଗୀ ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା ପ୍ରମୁଖ ଜିଲ୍ଲା ସଭାପତି ଚୟନ ସର୍ବସମ୍ମତିକ୍ରମେ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ।

ଏଆଇସିସିର ପ୍ରତିନିଧି ଶୁକ୍ରବାର ଓ ଶନିବାର ବିଭିନ୍ନ ବ୍ଲକ୍, ପୌରାଞ୍ଚଳର କଂଗ୍ରେସ ନେତାଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ରବିବାର ଲକ୍ଷ୍ମୀପୁରଠାରେ ଲକ୍ଷ୍ମୀପୁର, ଦଶମନ୍ତପୁର, ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ୍ ଏବଂ ସୋମବାର ସେମିଳିଗୁଡ଼ାଠାରେ ନନ୍ଦପୁର, ସେମିଳିଗୁଡ଼ା ଓ ପଟାଙ୍ଗି ବ୍ଲକ, ସୁନାବେଡ଼ା ମ୍ୟୁନସିପାଲିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ। ଏହାପରେ ୯ ତାରିଖ ଦିନ କୋରାପୁଟଠାରେ ଆଶାୟୀ ପ୍ରାର୍ଥୀ ଏବଂ ଦଳର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରି ୧୦ ତାରିଖ ଦିନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସାମାଜିକ ଗୋଷ୍ଠୀ ସଦସ୍ୟମାନଙ୍କ ସହ ଆଲୋଚନା କରିବା ପରେ ଆଶାୟୀ ପ୍ରାର୍ଥୀଙ୍କ ନାମ ତାଲିକା ଦିଲ୍ଲୀଠାରେ ଅଖିଳ ଭାରତ କଂଗ୍ରେସ କମିଟିର ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯିବ।









ତେବେ ବର୍ତ୍ତମାନ ଜିଲ୍ଲା ସଭାପତି ଆଶାୟୀଙ୍କ ଲମ୍ବା ତାଲିକା ନେତାଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ବର୍ତ୍ତମାନର ସଭାପତି ଶଶିଭୂଷଣ ପାତ୍ରଙ୍କ ସମେତ ପୂର୍ବତନ ସାଂସଦ ଜୟରାମ ପାଙ୍ଗି, ପୂର୍ବତନ ବିଧାୟକ କ୍ରିଷ୍ଣା ସଗରିଆ, ପିସିସି ସମ୍ପାଦକ ରୂପକ ତୁରୁକ୍, ପୂର୍ବତନ ପିସିସି ସମ୍ପାଦକ ଜଗଦୀଶ ଖୋସଲା, ଜିଲ୍ଲା ପରିଷଦ ସଦସ୍ୟ ମିହିର କୁଲଦୀପ, ବିଧାୟକ ପ୍ରାର୍ଥୀ କୃଷ୍ଣ କୁଲଦୀପ, ବରିଷ୍ଠ କଂଗ୍ରେସ ନେତା ବାବୁଲା ବେନିଆ, କୃଷ୍ଣ ନେପାକ, ରାମ ନାୟକ ପ୍ରମୁଖ ସଭାପତି ପଦ ପାଇଁ ଆଶାୟୀ ଥିବା କୁହାଯାଉଛି। ତେବେ ଏହା ମଧ୍ୟରୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଜଗଦୀଶ ଖୋସଲା ଏବଂ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକାଙ୍କ ଦୃଢ଼ ସମର୍ଥକ ଯୁବନେତା ରୂପକ ତୁରୁକଙ୍କୁ ପ୍ରମୁଖ ଦାବିଦାର ମନେ କରାଯାଉଛି। ଜିଲ୍ଲା କଂଗ୍ରେସକୁ ନିଜ ଆୟତ୍ତରେ ରଖିବାକୁ ତାରାପ୍ରସାଦ ବାହିନୀପତି ଉଦ୍ୟମ ଚଳାଇଥିବା ବେଳେ ସାଂସଦ ସପ୍ତଗିରି ମଧ୍ୟ ଅନୁରୂପ ଚାହୁଁଛନ୍ତି ବୋଲି କୁହାଯାଉଛି। ଏହି ପରିପ୍ରେକ୍ଷୀରେ ଉଭୟ ନେତାମାନଙ୍କ ମଧ୍ୟରେ ନିଜ ଅନୁଗତଙ୍କୁ ଜିଲ୍ଲା ସଭାପତି ପଦରେ ବସାଇବାକୁ ପ୍ରତିଯୋଗିତା ଆରମ୍ଭ ହୋଇଥିବା ଚର୍ଚ୍ଚା ଚାଲିଛି।

## ବିଜ୍ଞପ୍ତି ଅନୁଯାୟୀ ଅକ୍ଷମତା ବର୍ଗଭୁକ୍ତ ହୋଇ ନ ଥିବା ଦିବ୍ୟାଙ୍ଗ ନିଯୁକ୍ତି ପାଇଁ ଦାବିଦାର ନୁହନ୍ତି: ହାଇକୋର୍ଟ

କଟକ, ୬।୯ (ସମିସ): ବିଜ୍ଞପ୍ତି ଅନୁଯାୟୀ ଅକ୍ଷମତା ବର୍ଗରେ ଅନ୍ତର୍ଭୁକ୍ତ ନଥିବା ଜଣେ ଦିବ୍ୟାଙ୍ଗ ପ୍ରାର୍ଥୀ ନିଯୁକ୍ତି ପ୍ରକ୍ରିୟାରେ ପଦବୀ ଦାବି କରିପାରିବେ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଯଦି ଉପଯୁକ୍ତ ଦିବ୍ୟାଙ୍ଗ ପ୍ରାର୍ଥୀ ଉପଲବ୍ଧ ନ ଥାନ୍ତି, ତେବେ ସଂରକ୍ଷିତ ପଦବୀ ଖାଲି ରହିପାରେ। ଜଣିକିଆ ବିଚାରପତିଙ୍କ ରାୟକୁ ଚାଲେଞ୍ଜ କରି ଓପିଏସ୍‌ସି (ଓଡ଼ିଶା ଲୋକସେବା ଆୟୋଗ) ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ମାନସ ରଞ୍ଜନ ପାଠକ ଏବଂ ଜଷ୍ଟିସ ମୃଗାଙ୍କଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଜଣିକିଆ ବିଚାରପତିଙ୍କ ଆଦେଶକୁ ଖାରଜ କରିଦେଇଛନ୍ତି ଖଣ୍ଡପୀଠ। ୧୯୯୫ ମସିହାର ପିଡବ୍ଲୁଡି ଆଇନର ଧାରା ୩୨ ଏବଂ ୩୩ ଅନୁଯାୟୀ ଜାରି ହୋଇଥିବା ସରକାରୀ ବିଜ୍ଞପ୍ତି ଅନୁଯାୟୀ କମ୍ ଦୃଷ୍ଟିଶକ୍ତି ଅକ୍ଷମତାକୁ ପଦବୀ ପାଇଁ ଉପଯୁକ୍ତ ବୋଲି ଚିହ୍ନଟ କରାଯାଇ ନାହିଁ, ଏଣୁ ଏହି ମାମଲାରେ ଅକ୍ଷମତା ଥିବା ପ୍ରାର୍ଥୀ ସହାୟକ କୃଷି ଇଞ୍ଜିନିୟର ପଦବୀ ପାଇଁ ଚୟନ ଦାବି କରିପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ୨୦୧୯-୨୦ରେ ସହକାରୀ କୃଷି ଇଞ୍ଜିନିୟର (ଗ୍ରୁପ-ବି') ପଦବୀରେ ନିଯୁକ୍ତି ପାଇଁ ଏକ ବିଜ୍ଞାପନ ଜାରି କରାଯାଇଥିଲା। ମୋଟ ଖାଲି ପଦବୀ ମଧ୍ୟରୁ ପାଞ୍ଚଟି ପଦବୀ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସଂରକ୍ଷିତ ଥିଲା। ପ୍ରତିପକ୍ଷ ଜନୈକ ପ୍ରାର୍ଥୀ ଦିବ୍ୟାଙ୍ଗ ବର୍ଗରେ ଆବେଦନ କରିଥିଲେ। ସେ କମ୍ ଦୃଷ୍ଟିଶକ୍ତି (୪୦% ଅକ୍ଷମତା) ଥିବା ବ୍ୟକ୍ତି ଥିଲେ। ତେଣୁ ତାଙ୍କୁ ଲିଖିତ ପରୀକ୍ଷାରେ ଯୋଗଦେବାକୁ ଅନୁମତି ଦିଆଯାଇଥିଲା। ତାଙ୍କୁ ସାକ୍ଷାତକାର ପାଇଁ ଡକା ଯାଇନଥିଲା। ପରେ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ସାକ୍ଷାତକାରରେ ଯୋଗଦେବାକୁ ଅନୁମତି ଦିଆଯାଇଥିଲା। ତଥାପି ଓପିଏସ୍‌ସି ତାଙ୍କର ଫଳାଫଳ ଘୋଷଣା କରିନଥିଲା। କାରଣ ୨୦୧୩ ଡିସେମ୍ବର ୩ ତାରିଖର ସରକାରୀ ବିଜ୍ଞପ୍ତି ଅନୁଯାୟୀ କମ୍ ଦୃଷ୍ଟିଶକ୍ତି ଥିବା ପ୍ରାର୍ଥୀମାନେ ଏହି ପଦବୀ ପାଇଁ ଯୋଗ୍ୟ ନୁହଁନ୍ତି। ଜଣିକିଆ ବିଚାରପତି ସମ୍ପୃକ୍ତ ପ୍ରତିପକ୍ଷ ପ୍ରାର୍ଥୀଙ୍କ ସପକ୍ଷରେ ରାୟ ଦେଇଥିଲେ।

## ୫ବର୍ଷର ଛାତ୍ରକୁ ମାଡ଼ ମାରି ଶିକ୍ଷୟିତ୍ରୀ ନିଲମ୍ବିତ

ବ୍ରହ୍ମପୁର, ୬।୯ (ସମିସ): ବ୍ରହ୍ମପୁର ସହରର ଏକ ଘରୋଇ ସ୍କୁଲ ସେଣ୍ଟ ଭିନ୍‌ସେଣ୍ଟ ଓଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଜଣେ ୫ବର୍ଷର ଶିଶୁକୁ ଶିକ୍ଷୟିତ୍ରୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରିଛନ୍ତି।

ସୂଚନାନୁସାରେ, ବ୍ରହ୍ମପୁର ଧର୍ମନଗର ଅଞ୍ଚଳର ଜଣେ ମହିଳାଙ୍କ ୫ବର୍ଷର ପୁଅ ସେଣ୍ଟ ଭିନ୍‌ସେଣ୍ଟ ଓଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ଶିଶୁ କ୍ଲାସରେ ପଢୁଛନ୍ତି। ୩ ଦିନ ତଳେ ଏହି ଛାତ୍ର ଜଣଙ୍କ ସକାଳୁ ବିଦ୍ୟାଳୟକୁ ଯାଇଥିଲେ। ମଧ୍ୟାହ୍ନରେ ଘରକୁ ଫେରିବା ବେଳେ ଜଣେ ଶିକ୍ଷୟିତ୍ରୀ ମାଡ଼ ମାରିଥିବା ଜଣାଇଥିଲେ। ଏପରିକି, ଶିକ୍ଷୟିତ୍ରୀଙ୍କ ମାଡ଼ରେ ତାଙ୍କ ନାକରୁ ରକ୍ତ ବାହାରିଥିବା ଛାତ୍ରଜଣଙ୍କ କହିଥିଲେ। ଏହା ଶୁଣିବା ପରେ ଛାତ୍ରଙ୍କ ବାପା ସ୍କୁଲକୁ ଯାଇ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ପଚାରିଥିଲେ। ହେଲେ ଶିକ୍ଷୟିତ୍ରୀ ଜଣଙ୍କ ପ୍ରଥମେ ଏହାକୁ ଅସ୍ୱୀକାର କରିଥିଲେ। ହେଲେ ଛାତ୍ରଙ୍କ ଶ୍ରେଣୀର ଅନ୍ୟ ଛାତ୍ରମାନେ ଶିକ୍ଷୟିତ୍ରୀ ମାଡ଼ ମରିଥିବା କହିଥିଲେ। ପରେ ସମ୍ପୃକ୍ତ ଶିକ୍ଷୟିତ୍ରୀ ନିଜ ଦୋଷ ସ୍ୱୀକାର କରିଥିଲେ। ଘଟଣାକୁ ନେଇ ଛାତ୍ରଙ୍କ ପରିବାର ପକ୍ଷରୁ ସ୍କୁଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ଓ ପରେ ଛାତ୍ରଙ୍କ ମା' ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଭାବକଙ୍କ ଅଭିଯୋଗ ପରେ ସ୍କୁଲ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରିବା ସହ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିବା ପରେ ଚାକିରିରୁ ନିଲମ୍ବନ କରିଛନ୍ତି। ସେହିପରି, ଟାଉନ୍ ଥାନା ପୁଲିସ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଥାନାରୁ ନୋଟିସ୍ ଦେଇ ଛାଡ଼ିଥିବା ଜଣାପଡ଼ିଛି।

## ମହିଳାଙ୍କ ଭିଡିଓ ଭାଇରାଲ; ବନ୍ଧାହେଲେ ଗୃହରକ୍ଷୀ

ମହାକାଳପଡ଼ା, ୬।୯ (ସମିସ): ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହ ତାଙ୍କର ଆପତ୍ତିଜନକ ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ମହାକାଳପଡ଼ା ବ୍ଲକ୍ ତନ୍ତିଆପାଳ ପୁଲିସ୍ ଜଣେ ଗୃହରକ୍ଷୀଙ୍କୁ ଗିରଫ କରିଛି। ସେ ହେଲେ, ମହାକାଳପଡ଼ା ଥାନା ଅଧୀନ କଳପଡ଼ା ଅଞ୍ଚଳର ଅଭିଷେକ ପରିଡ଼ା। ସେ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନରେ ଗୃହରକ୍ଷୀ ଭାବେ କାମ କରୁଥିଲେ। ଆଜି ପୁଲିସ ତାଙ୍କୁ କୋର୍ଟଚାଲାଣ କରିଛି।

## ଶୋଇଥିବା ବେଳେ ଧସିଲା କାନ୍ଥ; ନାବାଳକ ମୃତ

ଆନନ୍ଦପୁର, ୬।୯ (ସମିସ): ଘସିପୁରା ଥାନା ଖଇଳ ଗ୍ରାମରେ କାନ୍ଥ ଭୁଶୁଡ଼ି ଜଣେ ନାବାଳକର ମୃତ୍ୟୁ ହୋଇଛି। ମୃତ ନାବାଳକ ହେଲା, କୋଲହବେଡ଼ା ସାହିର ଚନ୍ଦନ ଜେନାଙ୍କ ପୁଅ ରାଜା(୧୨)। ଏହି ଅଘଟଣରେ ଚନ୍ଦନଙ୍କ ସ୍ତ୍ରୀ ମଞ୍ଜୁ ଓ ୫ ବର୍ଷର ପୁଅ ମଧ୍ୟ ଗୁରୁତର

**ଡାକ୍ତରଖାନାରେ ଗୁରୁତର ମା'-ପୁଅ**

ଆହତ ହୋଇଛନ୍ତି। ସେମାନଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।



ସୂଚନାନୁଯାୟୀ, ଗତ ରାତିରେ ଖାଇପିଇ ସାରିବା ପରେ ଚନ୍ଦନ, ସ୍ତ୍ରୀ ମଞ୍ଜୁ ଓ ଦୁଇ ପୁଅ ଗୋଟିଏ ଘରେ ଶୋଇଥିଲେ। କିଛି ଦିନ ହେଲା ଜିଲ୍ଲାରେ ଜାରି ରହିଥିବା ଲଗାଣ ବର୍ଷା ଯୋଗୁଁ ସେମାନେ ଶୋଇଥିବା ମାଟି ଘରର କାନ୍ଥ ସେମାନଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ଗ୍ରାମବାସୀ ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ରାଜାକୁ ଡାକ୍ତର ମୃତ ଘୋଷଣା କରିଥିଲେ।

ଅପରପକ୍ଷେ, ଗତ ରାତିରେ ଏହି ଅଘଟଣ ପରେ ପରିବାରଲୋକ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। କିନ୍ତୁ ଆମ୍ବୁଲାନ୍ସଟି ବିଳମ୍ବରେ ପହଞ୍ଚିଥିବା ଅଭିଯୋଗ ହୋଇଛି। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ଅବସ୍ଥା ଅନୁଧ୍ୟାନ କରିବା ସହ ଆମ୍ବୁଲାନ୍ସର ବିଳମ୍ବ ନେଇ ତଦନ୍ତ କରିଥିଲେ। ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନରେ ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ଓ ସହାୟତା ପାଇଁ ସଂଜୀବନୀ ସଂସ୍ଥାରେ କର୍ମଚାରୀଙ୍କୁ ଆନନ୍ଦପୁର ଡାକ୍ତଖାନାରେ ନିୟୋଜିତ କରାଯାଇଛି। କିନ୍ତୁ ଅନେକ ସମୟରେ ରୋଗୀ ସେବା ପାଉନଥିବା ଭଳି ଗୁରୁତର ଅଭିଯୋଗ ହେଉଛି। ତେବେ ସଂଜୀବନୀ ସଂସ୍ଥାର ଦାୟିତ୍ୱରେ ଥିବା କର୍ମଚାରୀ ଡିଏମ୍‌ଏଫ୍ ଆମ୍ବୁଲାନ୍ସ ସହ ଆମର ସମ୍ପର୍କ ନାହିଁ ବୋଲି ଯୁକ୍ତି ବାଢ଼ିବାରୁ ଉପଜିଲ୍ଲାପାଳ ବିରକ୍ତି ପ୍ରକାଶ କରିଥିଲେ।

## ଅଟୋ ଉପରେ ହାତୀପଲଙ୍କ ଆକ୍ରମଣ; ମହିଳା ମୃତ

ବାରିପଦା, ୬।୯ (ସମିସ): ରାସ୍ତା ଉପରକୁ ହଠାତ୍ ମାଡ଼ି ଆସି ଅଟୋକୁ ଗୋଡ଼ାଇଲେ। ଅଟୋଟି ଓଲଟି ପଡ଼ିବାରୁ ତାକୁ ଭଙ୍ଗାରୁଜା କରିବା ସହ ସେଥିରେ ଥିବା ଯାତ୍ରୀଙ୍କୁ ଆକ୍ରମଣ କଲେ। ଶନିବାର ବିଳମ୍ବିତ ରାତିରେ ରାସଗୋବିନ୍ଦପୁର ଅଞ୍ଚଳରେ ଏକ ହାତୀପଲ ଏପରି ଉପଦ୍ରବ କରିଛନ୍ତି। ଏଥିରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳା ହେଲେ, ବାରିପଦା ଚିପଟ ଅସ୍ତିଆ ଅଞ୍ଚଳର ପବନା ନାୟକଙ୍କ ସ୍ତ୍ରୀ ରୀନା ନାୟକ (୪୫)। ସେହିପରି ଅଟୋଟି ପୂରା ଭାଙ୍ଗିରୁଜି ଚୂରମାର୍ ହୋଇଯାଇଛି।



ସୂଚନାନୁଯାୟୀ, ରାସଗୋବିନ୍ଦପୁର ଅଞ୍ଚଳର ଅମର୍ଦାରୁ ଅଟୋ ଯୋଗେ ରୀନାଙ୍କ ସମେତ ୮ଜଣ ବାରିପଦା ଫେରୁଥିଲେ। ବାରମାଇଲ-ଚିତ୍ରଡ଼ା ରାସ୍ତାର ଅସ୍ତିଆବନ୍ଧ ନିକଟରେ ହଠାତ ଏକ ହାତୀପଲ ରାସ୍ତା ଉପରକୁ ମାଡ଼ି ଆସିଥିଲେ। ସାମ୍ନାରେ ହାତୀପଲକୁ ଦେଖି ଚାଳକ ଡରିଯାଇଥିଲେ। ପଛକୁ ସେ ଗାଡ଼ି ନେଉଥିବା ବେଳେ ହାତୀପଲ ଗୋଡ଼ାଇଥିଲେ। ତେବେ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡ଼ିବାରୁ ସେଥିରେ ଥିବା ୮ଜଣଙ୍କ ମଧ୍ୟରେ ୭ଜଣ ଦୌଡ଼ି ପଳାଇଥିଲେ। କିନ୍ତୁ ରୀନା ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀପଲ ତାଙ୍କୁ ଆକ୍ରମଣ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ମୋରଡ଼ା ପୁଲିସ ଏବଂ ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ନିକଟସ୍ଥ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ତାଙ୍କୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

## ସାର ସ୍ଥିତିର ସମୀକ୍ଷା କଲେ ମୁଖ୍ୟ ସଚିବ

ଭୁବନେଶ୍ୱର, ୬।୯ (ସମିସ): କୃଷକମାନଙ୍କ ପାଖରେ ସାର ପହଞ୍ଚିବାରେ ଉପୁଜୁଥିବା ଅସୁବିଧା ଉପରେ ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମସ୍ତ ଜିଲ୍ଲାପାଳମାନଙ୍କ ସହ ଏକ ବୈଠକ କରି ସ୍ଥିତି ସମୀକ୍ଷା କରିଥିଲେ। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିବା ବେଳେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ସମବାୟ ବିଭାଗ ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍ସେନାଙ୍କ ସମେତ ସମବାୟ ଏବଂ କୃଷି ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଚାଷୀଙ୍କ ପାଖରେ ଶୀଘ୍ର ସାର ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ।

## ସମଲେଶ୍ୱରୀ ମନ୍ଦିରରେ ରାଜ୍ୟସ୍ତରୀୟ ଭେଟ୍‌ଘାଟ୍

# ଚାଷୀଙ୍କ ପ୍ରତି କୃତଜ୍ଞ କରାଇଥାଏ ନୂଆଁଖାଇ: ମୁଖ୍ୟମନ୍ତ୍ରୀ

ସମ୍ବଲପୁର, ୬।୯ (ସମିସ): ନୂଆଖାଇଁ ଭେଟଘାଟ ଏକ ପାରମ୍ପରିକ କାର୍ଯ୍ୟକ୍ରମ ନୁହେଁ; ଏହା ସମାଜର, ପାରିବାରିକ ପ୍ରେମର ଓ ସମୃଦ୍ଧିର ପର୍ବ। ନୂଆଁଖାଇ ସମସ୍ତଙ୍କୁ ଯୋଡ଼ିବାର ପର୍ବ। ଏହା ହେଉଛି କୃଷିଭିତ୍ତିକ ପର୍ବ, କୃଷକଙ୍କ ପରିଶ୍ରମ ପାଇଁ ଆମେ ପାଳୁଥିବା ପର୍ବ। ପ୍ରତ୍ୟେକ ଧାନର ଦାନାରେ ଜଣେ କୃଷକଙ୍କ ଶ୍ରମ, ସହନଶୀଳତା ଓ ସ୍ୱପ୍ନ ଲୁଚିଥାଏ। ନୂଆଁଖାଇ ଆମକୁ ସେହି କୃଷକଙ୍କ ପ୍ରତି କୃତଜ୍ଞ କରିଥାଏ। ସମ୍ବଲପୁରସ୍ଥିତ ମା' ସମଲେଶ୍ୱରୀ ମନ୍ଦିର ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି।



**ଖିଣ୍ଡା ସମେତ ସମ୍ବଲପୁରର ସବୁ ସ୍ୱାଧୀନତା ସଂଗ୍ରାମୀ ପୀଠର ହେବ ଉନ୍ନତୀକରଣ**

**ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳକୁ ସ୍ୱତନ୍ତ୍ର ପର୍ଯ୍ୟଟନକ୍ଷେତ୍ର ରୂପେ ବିକଶିତ କରାଯିବ**

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ସମ୍ବଲପୁରର ଐତିହାସିକ ସ୍ୱାଧୀନତା ସଂଗ୍ରାମ ପୀଠ ଖିଣ୍ଡା ସମେତ ଅନ୍ୟାନ୍ୟ ସଂଗ୍ରାମ ପୀଠଗୁଡ଼ିକର ଉନ୍ନତୀକରଣ କରାଯିବ। ପୂର୍ବ ଓଡ଼ିଶାରୁ ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ପାରାଦୀପ-ଚୌଦ୍ୱାର-ଢେଙ୍କାନାଳ-ଅନୁଗୁଳ-ସମ୍ବଲପୁର-ଝାରସୁଗୁଡ଼ା-ସୁନ୍ଦରଗଡ଼-ରାଉରକେଲାକୁ ସଂଯୋଗ କରୁଥିବା ଶିଳ୍ପ କରିଡର୍‌ର ବିକାଶ କରାଯିବ। ସେହିପରି ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ବିକଶିତ କରିବାକୁ ଯୋଜନା ରହିଛି। ଏଥିରେ ହୀରାକୁଦ ଜଳଭଣ୍ଡାର, ଡେବ୍ରିଗଡ଼ ଜଙ୍ଗଲର ଆକର୍ଷଣୀୟ ସୌନ୍ଦର୍ଯ୍ୟ ଓ ବନ୍ୟପ୍ରାଣୀ ଏବଂ ନିକଟବର୍ତ୍ତୀ ସମ୍ବଲପୁର ସହର ଏବଂ ମା' ସମଲେଇଙ୍କ ମନ୍ଦିରର ବିକାଶ କାର୍ଯ୍ୟ ହାତକୁ ନିଆଯିବ। ହରିଶଙ୍କର-ନୃସିଂହନାଥ ପୀଠକୁ ସ୍ୱତନ୍ତ୍ର ଭାବେ ବିକଶିତ କରାଯିବ।

ଏଭଳି ଏକ ପର୍ବ ଆୟୋଜନ କରି ସମସ୍ତଙ୍କୁ ଏକାଠି କରିଥିବାରୁ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଆୟୋଜକ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ଧନ୍ୟବାଦ ଦେଇଥିଲେ। ମଞ୍ଚରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବରଗଡ଼, ଅନୁଗୋଳ ଏବଂ ବଲାଙ୍ଗୀରର ବିଧାୟକଗଣ ଉପସ୍ଥିତ ଥିଲେ। ବିଧାୟକ ନାଉରୀ ନାୟକ ଧନ୍ୟବାଦ ଦେଇଥଇଲେ।

# ଏନ୍‌କାଉଣ୍ଟର୍‌ରେ ମହିଳା ମାଓବାଦୀ ନିହତ

**ମୁଣ୍ଡ ଉପରେ ଥିଲା ୮ ଲକ୍ଷର ପୁରସ୍କାର ରାଶି ■ ବିପୁଳ ଅସ୍ତ୍ରଶସ୍ତ୍ର ଓ ସାମଗ୍ରୀ ଜବତ**

ମାଲକାନଗିରି, ୬।୯ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡ଼ା ଓ ନାରାୟଣପୁର ଜିଲ୍ଲା ମଧ୍ୟରେ ଥିବା ଆବୁଝମାଡ଼ ଅଞ୍ଚଳରେ ସୁରକ୍ଷାବାହିନୀକୁ ପୁଣି ଏକ ସଫଳତା ମିଳିଛି। ଯବାନଙ୍କ ଗୁଳିରେ ଜଣେ ୮ ଲକ୍ଷ ଇନାମୀ ମହିଳା ମାଓବାଦୀ ନିହତ ହୋଇଛି। ସେ ହେଲା, ସୋଡି ବିମଳା। ସେ ମାଓ ସଙ୍ଗଠନର ପ୍ଲାଟୁନ ନଂ ୧୬ର କମାଣ୍ଡର୍ ଥିଲା। ଏହାସହ ଘଟଣାସ୍ଥଳରୁ ଯବାନମାନେ ବିପୁଳ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି। ଜବତ ସାମଗ୍ରୀ ମଧ୍ୟରେ ୩୦୩ ରାଇଫଲ୍, ୩୧୫ ବୋର୍ ରାଇଫଲ୍, ବିଜିଏଲ ଲଞ୍ଚର୍, ୧୯ କେଜି ତରଳ ବିସ୍ଫୋରକ, ଜିଲାଟିନ୍ ଷ୍ଟିକ୍ ସହ ଅନ୍ୟାନ୍ୟ ମାଓ ଏବଂ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଉଦ୍ଧାର ହୋଇଛି। ନାରାୟଣପୁର ଏସ୍‌ପି ରବିନସନ ଗୁଡ଼ିଆ ଏହି ସୂଚନା ଦେଇଛନ୍ତି।





ସୂଚନାନୁଯାୟୀ, ମାଓ ଦମନ ନିମନ୍ତେ ଛତିଶଗଡ଼ରେ ଅପରେସନ 'ମନସୁନ' ଜାରି ରହିଛି। ଏହି ଅଭିଯାନରେ ଜିଲ୍ଲାର ଡିଆରଜି ଏବଂ ଏସଟିଏଫ ଯବାନଙ୍କ ମିଳିତ ଦଳ ଅବୁଝମାଡ଼ ଅଞ୍ଚଳର ବୋଣ୍ଡୋସ, ନେନ୍ଦୁର, ଗାୱାଡି ଏବଂ ଆଖପାଖ ଜଙ୍ଗଲରେ ତଲାସି ଅଭିଯାନ ଚଳାଇଥିଲେ। ଏହି ସମୟରେ ନେନ୍ଦୁର ଓ ଗାୱାଡ଼ିର ଜଙ୍ଗଲରେ ମାଓବାଦୀ ଓ ଯବାନ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ତେବେ ଯବାନଙ୍କ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଖାନତଲାସି ବେଳେ ସେଠାରୁ ମହିଳା ନକ୍ସଲ ସୋଡ଼ି ବିମଳାଙ୍କ ମୃତଦେହ ମିଳିଥିଲା।

# ବ୍ରହ୍ମପୁର ମହାନଗର ନିଗମକୁ ବୁଲାକୁକୁର ଚିନ୍ତା

**ବନ୍ଧ୍ୟାକରଣ ପାଇଁ ଅଣ୍ଟା ଭିଡ଼ିଲା**

**୮ରେ ଟେଣ୍ଡର୍ ଆହ୍ୱାନ**

**ମାସିକ ଅନ୍ୟୂନ ୭୦ କୁକୁରଙ୍କ ବନ୍ଧ୍ୟାକରଣ ଟାର୍ଗେଟ୍**

**ପ୍ରତି କୁକୁର ପିଛା ଖର୍ଚ୍ଚ ହେବ ୨ ହଜାର**



ବ୍ରହ୍ମପୁର, ୬।୯ (ସମିସ): ବ୍ରହ୍ମପୁରରେ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ଦିନକୁ ଦିନ ସେମାନଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଲୋକଙ୍କୁ ଗୋଡ଼େଇଗୋଡ଼େଇ କାମୁଡୁଥିବା ବେଳେ ଅଧିକାଂଶ ସଡ଼କ ଦୁର୍ଘଟଣା ପଛରେ କୁକୁର ଦାୟୀ। ଏଥିରେ ଅତିଷ୍ଠ ବ୍ରହ୍ମପୁରବାସୀ ବିଏମ୍‌ସିକୁ ଦାୟୀ କରିଆସୁଥିଲେ। ଏବେ ବିଏମ୍‌ସି ଏହାର ସମାଧାନ କରିବାକୁ ଅଣ୍ଟା ଭିଡ଼ିଛି। ପୂର୍ବ ନିଷ୍ପତ୍ତିକ୍ରମେ ସହରରେ ଆନିମଲ ବାର୍ଥ କଣ୍ଟ୍ରୋଲ(ଏବିସି) କାର୍ଯ୍ୟକ୍ରମ ହାତକୁ ନେବାକୁ ନିଷ୍ପତ୍ତି ହୋଇଛି। ଏନେଇ ଶନିବାର ମେୟର୍ ସଂଘମିତ୍ରା ଦଳେଇ ଓ କମିସନର୍ ପ୍ରଥମେଶ ଅରବିନ୍ଦ ରାଜେସିର୍କେଙ୍କ ସହ ଅନ୍ୟ ଅଧିକାରୀ ଓ କର୍ପୋରେଟର୍‌ଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି।

ବୈଠକରେ କମିସନର୍ ସହରରେ ଥିବା ବୁଲା କୁକୁରଙ୍କ ବନ୍ଧ୍ୟାକରଣ ପାଇଁ ତୁରନ୍ତ ଏକ ଘରୋଇ ସଂସ୍ଥା ବା ଏନ୍‌ଜିଓକୁ ଦାୟିତ୍ୱ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ଆସନ୍ତା ୮ ତାରିଖରେ ଟେଣ୍ଡର୍ ଆହ୍ୱାନ କରାଯାଇ ୧୫ ତାରିଖ ସୁଦ୍ଧା ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ବୁଲା କୁକୁରଙ୍କୁ ଧରିବା ସହ ଯେଉଁ ସ୍ଥାନରୁ ଅଣାଯାଇଛି, ବନ୍ଧ୍ୟାକରଣ ପରେ ସେମାନଙ୍କୁ ପୁନଃ ସେହି ସ୍ଥାନରେ ଛାଡ଼ିବା, ଔଷଧ, ଖାଦ୍ୟ ଓ ବନ୍ଧ୍ୟାକରଣ ପାଇଁ ପ୍ରତି କୁକୁରଙ୍କ ପିଛା ୨ହଜାର ଟଙ୍କା ଖର୍ଚ୍ଚ କରିବାକୁ ମୂଲ୍ୟ ଧାର୍ଯ୍ୟ କରାଯାଇଛି।

କମିସନରଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତିମାସରେ ଅନ୍ୟୂନ ୭୦ଟି ବୁଲା କୁକୁରଙ୍କ ବନ୍ଧ୍ୟାକରଣ କରିବାକୁ ଟାର୍ଗେଟ୍ ରଖାଯାଇଛି। ଏଥିସହ ଯେଉଁ ସଂସ୍ଥାକୁ ଏହି ଦାୟିତ୍ୱ ପ୍ରଦାନ କରାଯିବ, ଉକ୍ତ ସଂସ୍ଥା ପକ୍ଷରୁ ବନ୍ଧ୍ୟାକରଣ ପାଇଁ ଜଣେ ଅନୁଭବୀ ପ୍ରାଣୀ ଚିକିତ୍ସକ, ଜଣେ ସହାୟକ ଓ ଜଣେ ଲାଇଭଷ୍ଟକ୍ ଇନ୍ସପେକ୍ଟର୍ (ଏଲ.ଆଇ) ନିଯୁକ୍ତ କରିବା ବାଧ୍ୟତାମୂଳକ କରାଯାଇଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଏମସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ଡୁଙ୍ଗୁଡୁଙ୍ଗ, ନିଗମ କର୍ପୋରେଟର୍ ଟି. କିଶୋର କୁମାର ପାତ୍ର, ବ୍ରହ୍ମପୁର ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡା. ସତ୍ୟନାରାୟଣ କର, ଉପଖଣ୍ଡ ପ୍ରାଣୀ ସମ୍ପଦ ଚିକିତ୍ସାଧିକାରୀ ଡା. ଅରବିନ୍ଦ ବେହେରା, ଏସ୍‌ପିସିଏ ସଦସ୍ୟ ଲଲାଟେନ୍ଦୁ ଚୌଧୁରୀ, ସମାଜସେବୀ ଓ ପ୍ରାଣୀପ୍ରେମୀ ଅନୀଲ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଯେତେଶୀଘ୍ର ନିଗମ ପକ୍ଷରୁ ଏବିସି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯିବ, ସେତେଶୀଘ୍ର ସହରରେ ବୁଲା କୁକୁରଙ୍କ ସଂଖ୍ୟା ଓ ଦୌରାତ୍ମ୍ୟ ହ୍ରାସ ପାଇବା ସହିତ ଅତିଷ୍ଠ ସହରବାସୀଙ୍କୁ ଆଶ୍ୱସ୍ତି ମିଳିବ ବୋଲି ଆଲୋଚନା ହେଉଛି।

# ଆସୁଛି 'ଅନନ୍ତ ଲୀଳା'

ଏକଦା ଓଡ଼ିଶାର ଘରେ ଘରେ ପରିଚିତ ସମ୍ରାଟ କ୍ୟାସେଟ୍ ତଥା ଏହାର ପ୍ରତିଷ୍ଠାତା ବିଶ୍ୱମ୍ବର ସାବତ ଓ ଲୋକପ୍ରିୟ ଅଭିନେତ୍ରୀ ଶ୍ୱେତା ମଲ୍ଲିକ ଦୀର୍ଘ ୨୦ ବର୍ଷ କାଳ ରାଜ୍ୟ ଏବଂ ରାଜ୍ୟ ବାହାରେ ଏପରିକି ବିଦେଶରେ ଯଜ୍ଞ କରୁଥିଲେ। ବର୍ତ୍ତମାନ ନିଜର ପ୍ରଡକସନ୍ସ କମ୍ପାନି 'ଆଦ୍ୟା ଅନନ୍ତ ସମ୍ରାଟ ପ୍ରଡକସନ୍' ଆନୁକୂଲ୍ୟରେ ସତ୍ୟ ଘଟଣା ଉପରେ ଆଧାରିତ ଏକ ଚଳଚ୍ଚିତ୍ର 'ଅନନ୍ତ ଲୀଳା' ର କାମ ଆରମ୍ଭ କରିଛନ୍ତି। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦାୟିତ୍ୱ ରଣଜିତ ମହାନ୍ତି ନେଇଛନ୍ତି। ସଂଳାପ ଭରଦ୍ୱାଜ ପଣ୍ଡା ନିର୍ବାହ କରୁଛନ୍ତି। ଆଧ୍ୟାତ୍ମିକ ଦୁନିଆରେ ପୂର୍ଣ୍ଣ ରୂପେ ଜଡ଼ିତ ଏହି ଦୁଇ ବ୍ୟକ୍ତିତ୍ୱ ପୂର୍ବରୁ ଓଡ଼ିଆ ସିନେ ଜଗତରେ ସର୍ବଦା ଆକର୍ଷଣର କେନ୍ଦ୍ର ପାଲଟିଥିଲେ। ହେଲେ ହଠାତ ଚାକଚକ୍ୟ ଭରା ସିନେ ଦୁନିଆକୁ ଛାଡ଼ି ଆଧ୍ୟାତ୍ମିକତାରେ ନିଜକୁ ସଂପୂର୍ଣ୍ଣ ରୂପେ ନିୟୋଜିତ କରିଲେ। ବର୍ତ୍ତମାନ ସେମାନଙ୍କର ଲେଉଟାଣି ଓଡ଼ିଆ ସିନେ ଦୁନିଆରେ କି ପ୍ରଭାବ ପକାଇବ, ତାହା ଜାଣିବା ପାଇଁ ଚଳଚ୍ଚିତ୍ର ମୁକ୍ତିଲାଭକୁ ଅପେକ୍ଷା କରିବାକୁ ପଡ଼ିବ। ■




# 'ଜଲ୍‌ସା' ଗୀତରେ ମନ୍ତ୍ରମୁଗ୍ଧ

ସବୁଠି 'ଜଲସା'ର ଜଲୱା। ପିଲାଠୁ ବୁଢ଼ା ସମସ୍ତେ ମତୁଆଲା ଏହି ଗୀତରେ। ମେଲୋଡି ମଞ୍ଚରୁ ଆରମ୍ଭ କରି ପୂଜା ମଣ୍ଡପ। ସବୁଠି ଏହି ଗୀତର ଧୁମ୍। ଏହି ଗୀତ ମନ୍ତ୍ରମୁଗ୍ଧ କରିଛି ଶ୍ରୋତା ତଥା ଦର୍ଶକଙ୍କୁ। ବର୍ତ୍ତମାନ 'ମନ୍ତ୍ରମୁଗ୍ଧ' ଚଳଚ୍ଚିତ୍ରର ଏହି ଗୀତଟି ଟ୍ରେଣ୍ଡିଂରେ ଅଛି। ମୁକ୍ତିଲାଭ କରିବାର ପ୍ରଥମ ୧୪ ଘଣ୍ଟାରେ ୧,୦୦,୦୦୦ ଦର୍ଶକ ଦେଖିସାରିଥିବା ବେଳେ ଆଜିଯାଏ ୩,୫୦, ୦୦୦ ଦର୍ଶକ ଦେଖିସାରିଛନ୍ତି, ଯାହା ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଏକ ସର୍ବକାଳୀନ ରେକର୍ଡ। ତେବେ ଉଲ୍ଲେଖନୀୟ କଥାଟି ହେଉଛି, 'ଜଲସା' ଗୀତ ଓଡ଼ିଆ ଚଳଚ୍ଚିତ୍ରର ସବୁଠୁ ଦାମୀ ବା ବ୍ୟୟବହୁଳ ଗୀତ। ଏହାର ନିର୍ମାଣ ପାଇଁ ପାଖାପାଖି ୨୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଆଖି ଝଲସା ଆଲୋକ ସାଙ୍ଗକୁ ଅତ୍ୟାଧୁନିକ ଡ୍ୟାନ୍ସ ଫ୍ଲୋର ଓ ଆକର୍ଷଣୀୟ ସେଟ୍ 'ଜଲସା'ର ଫିଭର୍‌କୁ ଦ୍ୱିଗୁଣିତ କରିଛି। ଯୁବ ବର୍ଗର ଶ୍ରୋତା ଓ ଦର୍ଶକ ଏହାକୁ ନେଇ ସର୍ବାଧିକ ରିଲ୍‌ସ ବନାଇବାରେ ବ୍ୟସ୍ତ। ଫିଲ୍ମ 'ମନ୍ତ୍ରମୁଗ୍ଧ'ରେ ସ୍ଥାନିତ ଏହି ଗୀତର ପରିକଳ୍ପନା କରିଛନ୍ତି ଯୁବ ପ୍ରଯୋଜିକା ବର୍ଷା ପଟ୍ଟନାୟକ ଓ ଯୁବ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ। ସଙ୍ଗୀତ ଦେଇଛନ୍ତି ଆଶିଷ ପ୍ରଧାନ। ନୃତ୍ୟ ନିର୍ଦ୍ଦେଶନାରେ ଅଛନ୍ତି ଅମିତ। ମନୋଜ କୁମାର ପଣ୍ଡା ରଚନା କରିଥିବା ଏହି ଗୀତରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର ଓ ଅନ୍ତରା ଚକ୍ରବର୍ତ୍ତୀ। ଗୀତଟି ସନୋଜ, ସୂର୍ଯ୍ୟମୟୀ, ସୌରଭ, ମନ୍ମୟ, ନିଶାନ୍ତ ଓ ପିହୁଙ୍କ ଉପରେ ରୂପାୟିତ ହୋଇଛି। ଆଗକୁ ଆସୁଛି ମେଲୋଡି ସିଜିନ। ତେଣୁ ପୂଜା ବଜାରରେ ଏହି ଗୀତଟି ଧମାଲ ମଚାଇବ ବୋଲି ଆଶା କରାଯାଉଛି। ■





# ଉଦୀୟମାନ କଣ୍ଠଶିଳ୍ପୀ ସତ୍ୟବ୍ରତ

ଓଡ଼ିଆ ସଂଗୀତ ଦୁନିଆର ଉଦୀୟମାନ କଣ୍ଠଶିଳ୍ପୀ ଭାବେ ଶ୍ରୋତାଙ୍କ ମନ ଜିଣିବାରେ ସଫଳ ହୋଇଛନ୍ତି ସତ୍ୟବ୍ରତ ଜେନା। ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ କୁଡ଼ିଆ ଗାଁର କାଞ୍ଚନ ଜେନା ଓ ଗଣେଶ୍ୱର ଜେନାଙ୍କ ପୁଅ ହେଉଛନ୍ତି ସତ୍ୟବ୍ରତ। ପିଲାଟି ଦିନରୁ ତାଙ୍କର ସଂଗୀତ ପ୍ରତି ରୁଚି ରହିଥିଲା। ତେବେ ଦ୍ୱିତୀୟ ଶ୍ରେଣୀରେ ସେ ତାଙ୍କ ସଂଗୀତ ଶିକ୍ଷାର ଯାତ୍ରା ଆରମ୍ଭ କରିଥିଲେ। ସେତେବେଳେ ସେ ନୀଳଗିରିରେ ଥିବା କଳାବିକାଶ କେନ୍ଦ୍ରରେ ଗୁରୁ ଗୌରହରି ଜେନାଙ୍କ ପାଖରେ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ସେହିପରି ସେ ପ୍ରାଚୀନ କଳା କେନ୍ଦ୍ର, ଚଣ୍ଡୀଗଡ଼ର ନୀଳଗିରି ଶାଖାରେ ସଂଗୀତରେ ବିଶାରଦ ଉପାଧି ହାସଲ କରିଛନ୍ତି। ବର୍ତ୍ତମାନ ସେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ର ଭାବେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ବିଭାଗରେ ଅଧ୍ୟୟନରତ। ସେହିପରି ତାଙ୍କ ସଂଗୀତ ଜୀବନ ବିଦ୍ୟାଳୟ ମଞ୍ଚରୁ ଆରମ୍ଭ ହୋଇ ଏବେ ବଡ଼ ମଞ୍ଚରେ ପହଞ୍ଚି ପାରିଛି। ଏମିତି କୌଣସି ଗୀତ ନାହିଁ, ଯାହାକି ତାଙ୍କ କଣ୍ଠରେ ଶୁଣିବାକୁ ମିଳି ନାହିଁ। ଭକ୍ତିଗୀତଠାରୁ ଆରମ୍ଭ କରି ରୋମାଣ୍ଟିକ୍ ଗୀତ ଗାଇ ସେ ଲୋକଙ୍କ ହୃଦୟ ଜିଣିଛନ୍ତି। ସତ୍ୟବ୍ରତ ବିଭିନ୍ନ ରିଆଲିଟି ଶୋ'ରେ ସାମିଲ ହୋଇଥିବା ବେଳେ ଲାଇଭ୍ ଶୋ' ମାନ ବି କରୁଛନ୍ତି। ଏହାବାଦ୍ ସଂଗୀତ କ୍ଷେତ୍ରରେ ଜିଲ୍ଲା ତଥା ରାଜ୍ୟ ସ୍ତରରେ ସତ୍ୟବ୍ରତ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇଛନ୍ତି। ତାଙ୍କ ସଫଳତାର ଉପଲବ୍ଧି କେବଳ ତାଙ୍କ ପାଇଁ କି ତାଙ୍କ ପରିବାର ପାଇଁ ଗୌରବ ଆଣି ନାହିଁ, ବରଂ ସେ ନିଜ ପ୍ରତିଭା ମାଧ୍ୟମରେ ଓଡ଼ିଶାକୁ ଗର୍ବିତ କରାଇଛନ୍ତି। ସେ ତାଙ୍କ ସଫଳତାର ସମସ୍ତ ଶ୍ରେୟ ନିଜ ବାପା ମାଆଙ୍କୁ ଦେଇଥିବା କହିଛନ୍ତି। ଅନ୍ୟପଟେ ସତ୍ୟବ୍ରତ ଜାତୀୟ ସ୍ତରରେ କଣ୍ଠଶିଳ୍ପୀ ହେବାର ଲକ୍ଷ୍ୟ ରଖିଛନ୍ତି। ■

# ଚିତ୍ରପ୍ରେମୀ ସଲମାନ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ସଲମାନ ଖାନ୍‌ଙ୍କୁ ଅଭିନୟ ସହିତ ଚିତ୍ର କରିବା ଖୁବ୍ ପସନ୍ଦ। ବିଭିନ୍ନ ସମୟରେ ସେ ଚିତ୍ର ଆଙ୍କିବାକୁ ଭଲପାଆନ୍ତି। ସେହିପରି ସେ ନିଜର ଚିତ୍ରକଳାର ଫଟୋ ମଧ୍ୟ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥାନ୍ତି। ଯାହାକି ଖୁବ୍ ଭାଇରାଲ୍ ହୁଏ। ତେବେ ଚିତ୍ରକଳାର ଗୁଣ ସେ ତାଙ୍କ ମା' ସଲମା ଖାନ୍‌ଙ୍କଠାରୁ ଆଣିଛନ୍ତି। ପୂର୍ବରୁ ସଲମାନଙ୍କ ବାପା ସଲିମ ମଧ୍ୟ ସଲମାନଙ୍କର ଏହି ସଉକ ବାବଦରେ କହିଛନ୍ତି। ଏପରିକି ଅଭିନେତା ନ ହୋଇଥିଲେ ସଲମାନ ଆର୍ଟିଷ୍ଟ ହୋଇଥାନ୍ତେ ବୋଲି ସଲିମ ଏକାଧିକ ସାକ୍ଷାତକାରରେ କହିସାରିଛନ୍ତି। ପିଲାଦିନେ ସଲମାନଙ୍କୁ ତାଙ୍କ ମା' ଚିତ୍ର ଆଙ୍କିବା ଶିଖାଉ ଥିଲେ। ସେହିପରି ସଲମାନ ତାଙ୍କର ନିଜର ଘନିଷ୍ଠ ଲୋକଙ୍କୁ ନିଜ ହାତ ତିଆରି ପେଣ୍ଟିଂ ଉପହାର ଦେଇଥାନ୍ତି। କେବଳ ସେତିକି ନୁହେଁ, ସେ ତାଙ୍କ ଚିତ୍ରକଳାର ପ୍ରଦର୍ଶନ କରି ପାଣ୍ଠି ସଂଗ୍ରହ କରନ୍ତି। ■



ପରଦା ପଛର କାହାଣୀ

# ବର୍ଷାରେ ଫିଲ୍ମ ଗୀତ ସୁଟିଂ

ଅତୀତରେ ଅନେକ ହିନ୍ଦୀ ଫିଲ୍ମର ଗୀତ କୃତ୍ରିମ ବର୍ଷାରେ ସୁଟିଂ କରାଯାଇଛି। ଏହାର ତାଲିକା ଖୁବ୍ ଲମ୍ବା। ତେବେ ଏଭଳି ଏକ ଗୀତ ସୁଟିଂ ପାଇଁ ଆର୍ଟିଫିସିଆଲ୍ ବର୍ଷା ବା କୃତ୍ରିମ ବର୍ଷା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ତେବେ ସୁଟିଂ ସମୟରେ ଅନାଚକ୍ ଜୋର୍‌ରେ ବର୍ଷା ହୋଇଥିଲା। ଆଉ କୃତ୍ରିମ ବର୍ଷା ବଦଳରେ ପ୍ରାକୃତିକ ବର୍ଷାରେ ଗୀତଟି ସୁଟିଂ ହୋଇଥିଲା। ଏହି ଗୀତଟି ୯୦ ଦଶକରେ ମୁକ୍ତିଲାଭ ରୋମାଣ୍ଟିକ୍ ଡ୍ରାମା ଫିଲ୍ମ 'ଲମ୍‌ହେ' ର ଥିଲା। 'ମେଘାରେ ମେଘାରେ...' ଏହି ୪ ମିନିଟ୍‌ର ଗୀତ ୧୯୫୭ ମସିହାରେ ଧୁମ୍ ମଚାଇଥିଲା। ଏହି ଗୀତ ମଧ୍ୟ ଲୋକଙ୍କ ହୃଦୟକୁ ଛୁଇଁ ପାରିଥିଲା। ତେବେ ଏହି ଗୀତଟିକୁ ନକଲି ବର୍ଷାରେ ସୁଟିଂ କରିବା ପାଇଁ ସ୍ଥିର ହୋଇଥିଲା। କିନ୍ତୁ କ୍ୟାମେରା ଅନ୍ ହେବା ମାତ୍ରେ ସତସତିକା ବର୍ଷା ହୋଇଥିଲା। ଏହାକୁ ନେଇ ଫିଲ୍ମର ସଦସ୍ୟମାନେ ଓ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ଯଶ୍ ଚୋପ୍ରା ଖୁସିରେ ନାଚି ଉଠିଥିଲେ। ଭାରତୀୟ ସିନେମା ଜଗତରେ ଏହା ଏକ ଅବିସ୍ମରଣୀୟ ଓ ବାସ୍ତବ ଅନୁଭୂତି ଦେଇଥିଲା। ଯାହାକୁ ନେଇ ଫିଲ୍ମ ସଦସ୍ୟମାନେ ବେଶ୍ ଖୁସି ହୋଇଥିଲେ। ତେବେ ଏହି ଫିଲ୍ମରେ ଶ୍ରୀଦେବୀଙ୍କ ଚମତ୍କାର ଅଭିନୟ ଓ ଯଶ୍ ଚୋପ୍ରାଙ୍କ ବଳିଷ୍ଠ ନିର୍ଦ୍ଦେଶନା ପ୍ରତିଭା ଓ ସିନେମାର ଯାଦୁ ସଭିଁଙ୍କ ହୃଦୟ ଜିଣି ନେଇଥିଲା। ଏହି ଗୀତ ସୁଟିଂ ସମୟରେ ଯେଉଁ ସଂଯୋଗ ଘଟିଥିଲା ତାହା ସିନେମା ଜଗତରେ ଖୁବ୍ କମ୍ ଦେଖିବାକୁ ମିଳିଥାଏ। ଏହି ଗୀତ ରାଜସ୍ଥାନର ମାଣ୍ଡବାରେ ସୁଟିଂ ହୋଇଥିଲା। ଏହି ଗୀତର ସୁଟିଂ ସମୟରେ ଅସଲି ବର୍ଷା ଦେଖି ଯଶ୍ ଚୋପ୍ରା କହିଥିଲେ "କ୍ୟାମେରା ଚାଲିବାକୁ ଦିଅ। କାରଣ ଏପରି ମୁହୂର୍ତ୍ତ ତିଆରି କରାଯାଇପାରିବ ନାହିଁ।" ■



# "ଚରିତ୍ର ଭିତରେ ପଶିଲେ ଜୀବନ୍ତ ହୁଏ ଅଭିନୟ"

**ତନୁଶ୍ରୀ ଦାଶ, ଅଭିନେତ୍ରୀ**



ଭଦ୍ରକ ଜିଲ୍ଲା ଅନ୍ତର୍ଗତ ସାବରଙ୍ଗର ତନୁଶ୍ରୀ ଦାଶ। ସେ ଜଣେ ମେଧାବୀ ଛାତ୍ରୀ। ଭବିଷ୍ୟତରେ ଶିକ୍ଷୟିତ୍ରୀ ହେବାକୁ ସ୍ୱପ୍ନ ଦେଖିଛନ୍ତି। ହେଲେ ତାଙ୍କ ଭାଗ୍ୟ ତାଙ୍କୁ ଟାଣି ଆଣିଛି ଓଡ଼ିଆ ଫିଲ୍ମ ଜଗତକୁ। 'ବିଗ୍ ବ୍ରେକ୍-୨' ରିଆଲିଟି ଶୋ'କୁ ସେ ନିଜର ଜଣେ ସମ୍ପର୍କୀୟଙ୍କ ସହିତ ଆସିଥିଲେ। ହଠାତ୍ ତାଙ୍କୁ ଅଡିସନ୍ ଦେବାକୁ ମିଳିଲା ସୁଯୋଗ। ଏହି ପ୍ଲାଟ୍‌ଫର୍ମରେ ଫାଇନାଲିଷ୍ଟ ଟପ୍ ୯ ରେ ତାଙ୍କୁ ବିଉଟି ଡିଭା ଟ୍ୟାଗ୍ ମିଳିଥିଲା। ପରେ ପରେ ସେ ଓଡ଼ିଆ ଫିଲ୍ମରେ କାମ କରିବାକୁ ଦେଲେ ଅଡିସନ୍। 'ଅନୁ ଦିଦି ନଟ୍ ଆଉଟ୍' ତାଙ୍କର ପ୍ରଥମ ସିନେମା। ସେ ଏକାଧିକ ଟେଲିଫିଲ୍ମ ଏବଂ ସିନେମାରେ କାମ କରିଛନ୍ତି। ତେବେ ପାଠପଢ଼ା ଆଉ ଅଭିନୟ ମଧ୍ୟରେ ସେ କେମିତି ସମନ୍ୱୟ ରଖୁଛନ୍ତି ଜାଣିବା ତାଙ୍କ ମୁହଁରୁ।

**ଶିକ୍ଷୟିତ୍ରୀ ହେବାକୁ ସ୍ୱପ୍ନ ଦେଖି ଅଭିନୟ ଜଗତ ପ୍ରତି କିପରି ଆକୃଷ୍ଟ ହେଲେ?**

● ପିଲାଦିନୁ ପାଠକୁ ଗୁରୁତ୍ୱ ଦେଉଆସୁଛି। ଶିକ୍ଷୟିତ୍ରୀ ହେବା ମୋର ଲକ୍ଷ୍ୟ। ବର୍ତ୍ତମାନ ମୁଁ ଇଣ୍ଟିଗ୍ରେଟେଡ୍ ବି.ଏସ୍.ସି. ବି.ଇଡିର ଶେଷ ବର୍ଷର ଛାତ୍ରୀ। କେବେ ବି ହିରୋଇନ୍ ହେବି ବୋଲି ଭାବି ନ ଥିଲି। ତେବେ ଦଶମ ପରେ ଜଣେ ସଂପର୍କୀୟଙ୍କ ସହିତ 'ବିଗ୍ ବ୍ରେକ୍-୨' ରିଆଲିଟି ଶୋ'କୁ ଯାଇଥାଏ। ହଠାତ୍ ମୋତେ ବି ଅଡିସନ୍ ଦେବାକୁ କୁହାଯାଇଥିଲା। ସେଠି ଯାହା ଶିଖାଗଲା ମୁଁ କଲି। ଅଡିସନ୍ ଦେଇ ଫାଇନାଲିଷ୍ଟ ଟପ୍ ୯ ହୋଇଥିଲି। ବିଉଟି ଡିଭାର୍ ଟ୍ୟାଗ୍ ମିଳିଲା। ଏହି ଯାତ୍ରା ମୋ ଜୀବନକୁ ସମ୍ପୂର୍ଣ୍ଣ ବଦଳାଇ ଦେଲା। ତାପସ ସରଗରିଆ ସାର୍ 'ଅନୁ ଦିଦି ନଟ୍ ଆଉଟ୍'ରେ କାମ କରିବାକୁ ପ୍ରଥମେ ସୁଯୋଗ ଦେଲେ। ଏହାପରେ ମୁଁ 'ପ୍ରେମିକାୟ ନମଃ', 'ବୋଉ', 'ଆମେ ତ ମିଡିଲ୍ କ୍ଲାସ୍', 'ସରକାରୀ ଜ୍ୱାଇଁ' ଆଦି ଟେଲି ଫିଲ୍ମରେ କାମ କରିଛି। ବଡ଼ ପରଦା ମଧ୍ୟରେ ରମେଶ ବାରିକଙ୍କ 'ମହାବାହୁ' ଓ ତପନ ଦାଶଙ୍କ ପ୍ରଯୋଜିତ 'ଆଶ୍ରମ'ରେ ମଧ୍ୟ ଅଭିନୟ କରିବାକୁ ସୁଯୋଗ ମିଳିଛି। ସବୁବେଳେ ବରିଷ୍ଠ କଳାକାରଙ୍କ ସହିତ କାମ କରିବା ଖୁସିକୁ ମୁଁ ଅନୁଭବ କରେ।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲେ?**

● ମୋ ପ୍ରଥମ ଫିଲ୍ମର ସୁଟିଂ ଥାଏ। ସେବେ ଅଭିନୟ ବିଷୟରେ ଏତେ କିଛି ଜାଣି ନ ଥାଏ। ଏଥିପାଇଁ ପ୍ରସ୍ତୁତ ବି ନଥିଲି। ଯେହେତୁ ସ୍କୁଲସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଉଥିଲି, ସୁଟିଂ କେମିତି ହୁଏ ଜାଣିଥିଲି। ତେଣୁ ଭୟ ଲାଗି ନ ଥିଲା। ବରିଷ୍ଠ କଳାକାରଙ୍କ ସହ କେମିତି ଭଲ କାମ କରିବି କେବଳ ସେତିକି ଚିନ୍ତା ଥାଏ। ସେବେ ମୁଁ ସ୍କ୍ରିପ୍ଟକୁ ପୂରା ଘୋଷି ଦେଇଥିଲି। ଧୀରେ ଧୀରେ କାମ ଶିଖିଥିଲି।

**କେଉଁ ଫିଲ୍ମ ଆପଣଙ୍କୁ ଲୋକପ୍ରିୟ କରାଇଛି?**

● 'ଅନୁଦିଦି ନଟ୍ ଆଉଟ୍' ଫିଲ୍ମରୁ ଲୋକେ ମୋତେ ଚିହ୍ନିଥିଲେ। ଏବେ ବି ସେହି ଫିଲ୍ମର କାହାଣୀ ଆଉ ମୋ ଅଭିନୟକୁ ଭଲ ପାଇବା ମିଳୁଛି।

**ସ୍ମରଣୀୟ ମୁହୂର୍ତ୍ତ?**

● ବିଳମ୍ବିତ ରାତି ଯାଏଁ ସୁଟିଂ ଥାଏ। 'ଅନୁ ଦିଦି ନଟ୍ ଆଉଟ୍'ର ତିନି ପୃଷ୍ଠାର ଭାଷଣ ସିନ୍ କରୁ କରୁ ପାଖାପାଖି ଭୋର ତିନିଟା ହୋଇଯାଇଥିଲା। ପୂରା ଥକି ପଡ଼ିଥାଏ। ଭାରି ଅଳଙ୍କାର ସାଙ୍ଗକୁ ଓଜନିଆ ଶାଢ଼ି ମୁଁ ପିନ୍ଧିଥିଲି। ସେତେବେଳେ ମୁଁ ଖାଲି କାନ୍ଦୁଥାଏ। ତାପସ ସାର୍ ମୋତେ ବହୁତ ବୁଝାଇଲା ପରେ ସିନ୍ କରିଥିଲି। ସେହି ମୁହୂର୍ତ୍ତକୁ କେବେ ବି ଭୁଲି ପାରିବିନି। ଅବଶ୍ୟ ଏବେ ବିଳମ୍ବିତ ରାତି ହେଉ କି ୨୪ ଘଣ୍ଟା ଧରି କାମ କରିବାରେ ଅଭ୍ୟସ୍ତ ହୋଇଗଲିଣି।

**ଡ୍ରିମ୍ ରୋଲ୍?**

● ଶାନ୍ତ କି ବୁଲ୍‌ବୁଲ୍ ଚରିତ୍ରରେ କାମ କରିସାରିଲିଣି। ଆଗକୁ ଥ୍ରିଲର କିମ୍ବା ହରର ମୁଭି କରିବାର ଇଚ୍ଛା ଅଛି। କେବଳ ସେତିକି ନୁହେଁ, ପ୍ରତ୍ୟେକଟି ଚରିତ୍ରରେ ମୋତେ କାମ କରିବାର ଇଚ୍ଛା ରହିଛି।

● **ପଢ଼ା ଆଉ ଅଭିନୟ ପାଇଁ କେମିତି ସମୟ ଦିଅନ୍ତି?**

ମୁଁ ଯଦି ପାଠ ଆଉ ଫିଲ୍ମରେ ଭଲ କରିବି ଭାବିବି ତାହା ତ କେବେ ହେବନି। ସେଥିପାଇଁ ମୁଁ ପାଠକୁ ଗୁରୁତ୍ୱ ଦେଇ ବର୍ଷକୁ ଗୋଟେ ଗୋଟେ ଫିଲ୍ମ କରିଛି। ଅଭିନୟ ପାଇଁ କେବେ ପାଠ ଉପରେ ପ୍ରଭାବ ପଡୁ ତାହା ମୁଁ ଚାହେଁନି। କି ଆଗକୁ ମଧ୍ୟ ଚାହିଁବିନି। ସମୟ ଦେଖି ଭଲ କାହାଣୀ ମିଳିଲେ ମୁଁ ନିଶ୍ଚିତ କାମ କରିବି।

**ଅଭିନୟକୁ ମାର୍ଜିତ କରିବାକୁ କେମିତି ପ୍ରସ୍ତୁତ ହେବା ଦରକାର?**

● ପ୍ରଥମତଃ କହିବି ଶିକ୍ଷାକୁ ଶେଷ କରି ଏ ଲାଇନ୍‌କୁ ଆସନ୍ତୁ। ଷ୍ଟ୍ରଗଲ୍ ଆକ୍ଟର ହୋଇ ରହି ନ ଯାଇ ନିଜକୁ ଗ୍ରୁମିଂ କରନ୍ତୁ। କଠିନ ପରିଶ୍ରମ କରନ୍ତୁ। ସ୍କ୍ରିପ୍ଟ କ'ଣ ମାଗୁଛି ତାକୁ ଦେଖି ବୁଝନ୍ତୁ। ସ୍କ୍ରିପ୍ଟକୁ ନ ଘୋଷି ପ୍ରଥମେ ଚରିତ୍ରକୁ ବୁଝନ୍ତୁ। ଯେଉଁ ଚରିତ୍ର ତୁମକୁ ମିଳିଛି ତା' ଭିତରେ ପଶିଲେ ଅଭିନୟ ଜୀବନ୍ତ ହୋଇପାରିବ। ■

କ୍ରୀଡ଼ା
ସକାଳ THE SAKALA
www.sakalaepaper.com

● ଅଷ୍ଟ୍ରେଲିଆ-ଏ ବିପକ୍ଷ ସିରିଜ୍

## ଆୟରଙ୍କୁ ମିଳିଲା ଭାରତ-ଏ ଦଳର ନେତୃତ୍ୱ

ମୁମ୍ବଇ, ୬।୯ (ଏଜେନ୍ସି): ନିକଟରେ ଏସିଆ କପ୍ ଦଳରୁ ବାଦ୍ ପଡ଼ିଥିବା ଅଭିଜ୍ଞ ମୁମ୍ବଇ ବ୍ୟାଟର୍ ଶ୍ରେୟାସ ଆୟରଙ୍କୁ ଆଶ୍ୱସ୍ତି ମିଳିଛି। ଆଗାମୀ ଅଷ୍ଟ୍ରେଲିଆ-ଏ ବିପକ୍ଷ ଦୁଇଟି ଦ୍ୱି-ଦିବସୀୟ ମ୍ୟାଚ ଲାଗି ଶନିବାର ଘୋଷିତ ୧୫ ଜଣିଆ ଭାରତ-ଏ ଦଳର ନେତୃତ୍ୱ ଭାର ଆୟରଙ୍କୁ ପ୍ରଦାନ କରାଯାଇଛି। ସେହିଭଳି ୱିକେଟ୍‌କିପର ଧ୍ରୁବ ଜୁରେଲଙ୍କୁ ଏହି ଦଳର ଉପ-ଅଧିନାୟକ ଦାୟିତ୍ୱ ଦିଆଯାଇଛି। ନିକଟରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଖେଳିଥିବା ସାଇ ସୁଦର୍ଶନ, ପ୍ରସିଦ୍ଧ କ୍ରିଷ୍ଣା, ଅଭିମନ୍ୟୁ ଈଶ୍ୱରନଙ୍କୁ ଭାରତ-ଏ ଦଳରେ ମଧ୍ୟ ସ୍ଥାନ ମିଳିଛି। ସେପ୍ଟେମ୍ବର ୧୬ରୁ ଭାରତ-ଏ ଓ ଅଷ୍ଟ୍ରେଲିଆ-ଏ ମଧ୍ୟରେ ଲକ୍ଷ୍ନୌ ପ୍ରଥମ ଦ୍ୱି-ଦିବସୀୟ ମ୍ୟାଚ୍ ଆରମ୍ଭ ହେବ। ଏହାପରେ ଅନ୍ତିମ ତଥା ୨ୟ ମ୍ୟାଚ୍ ସେପ୍ଟେମ୍ବର ୨୩ରୁ ଖେଳାଯିବ। ପରବର୍ତ୍ତୀ ସମୟରେ ଦୁଇ ଦଳ ମଧ୍ୟରେ ୩ଟି ଦିନିକିଆ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଏହି ୩ଟି ମ୍ୟାଚ୍ ସେପ୍ଟେମ୍ବର ୩୦, ଅକ୍ଟୋବର ୩ ଓ ଅକ୍ଟୋବର ୫ରେ କାନପୁରରେ ଖେଳାଯିବ।



**ଘୋଷିତ ଭାରତ-ଏ ଦଳ** : ଶ୍ରେୟାସ ଆୟର (ଅଧିନାୟକ), ଧ୍ରୁବ ଜୁରେଲ (ଉପ-ଅଧିନାୟକ), ଅଭିମନ୍ୟୁ ଈଶ୍ୱରନ, ଏନ ଜଗଦିଶନ, ସାଇ ସୁଦର୍ଶନ, ଦେବଦତ୍ତ ପାଡିକଲ, ହର୍ଷ ଦୁବେ, ଆୟୁଷ ବଦୋନୀ, ନୀତୀଶ କୁମାର ରେଡ୍ଡୀ, ତନୁଷ କୋଟିଆନ, ପ୍ରସିଦ୍ଧ କ୍ରିଷ୍ଣା, ଖଲିଲ ଅହମ୍ମଦ, ମାନବ ସୁତାର, ଯଶ ଠାକୁର ଓ ଗୁରନୁର୍ ବ୍ରାର୍।

## ୨୮ରେ ବିସିସିଆଇକୁ ମିଳିବ ନୂଆ ସଭାପତି

ନୂଆଦିଲ୍ଲୀ, ୬।୯ (ଏଜେନ୍ସି): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୯୪ତମ ବାର୍ଷିକ ସାଧାରଣ ବୈଠକ ତଥା ଏଜିଏମ୍ ଆସନ୍ତା ୨୮ ତାରିଖରେ ବସିବ। ଏହି ବୈଠକରେ ବିସିସିଆଇର ନୂଆ ସଭାପତି ଚୟନ ହେବେ। ସଭାପତିଙ୍କ ସମେତ ଉପ-ସଭାପତି, ସମ୍ପାଦକ, ଯୁଗ୍ମ- ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ପାଇଁ ମଧ୍ୟ ନିର୍ବାଚନ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଇପିଏଲ୍ ଓ ମହିଳା ପ୍ରିମିୟର ଲିଗ୍‌ର ଗଭର୍ଣ୍ଣିଂ କାଉନସିଲର ମଧ୍ୟ ନିର୍ବାଚନ ହେବ। ପୁଣି ଏହି ଦିନ ଆଗାମୀ ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଖେଳାଯିବ। ବିସିସିଆଇ ଏସିଆ କପ୍‌ର ଆୟୋଜକ ହୋଇଥିଲେ ମଧ୍ୟ ଏଜିଏମ୍ କାରଣରୁ କୌଣସି ଅଧିକାରୀ ଫାଇନାଲ ମ୍ୟାଚ୍‌ରେ ଯୋଗଦେଇ ପାରିବେ ନାହିଁ। ନିର୍ବାଚିତ ହେବାକୁ ଥିବା ଅଧିକାରୀମାନେ ୩ ବର୍ଷ ପାଇଁ ଦାୟିତ୍ୱରେ ରହିବେ। ସମ୍ପାଦକ ଭାବେ ଦେବଜିତ ସାଇକିଆ ପଦ ବଜାୟ ରଖିବା ଏକପ୍ରକାର ନିଶ୍ଚିତ। ତେବେ କିଏ ସଭାପତି ପଦ ଅଳଙ୍କୃତ କରିବେ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। ରୋଜର ବିନ୍ନି ପଦ ଛାଡିବା ପରେ ରାଜୀବ ଶୁକ୍ଳା କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱରେ ରହିଛନ୍ତି।

ୟୁଏସ୍ ଓପନ୍ ଟେନିସ୍ -୨୦୨୫ : ସିନର-ଆଲ୍‌କାରାଜ୍ ଫାଇନାଲ୍

# ଜୋକୋଭିଚ୍‌ଙ୍କ ୨୫ତମ ଗ୍ରାଣ୍ଡସ୍ଲାମ୍ ସ୍ୱପ୍ନ ଅଧୁରା



ନ୍ୟୁୟର୍କ, ୬।୯ (ଏଜେନ୍ସି)

ବିଶ୍ୱର ଅନ୍ୟତମ ମହାନ ଟେନିସ ଖେଳାଳି ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ୨୫ତମ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଜିତିବା ସ୍ୱପ୍ନ ପୁଣିଥରେ ଅଧୁରା ରହିଯାଇଛି। ଏଠାରେ ଚାଲିଥିବା ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଜୋକୋଭିଚ୍ ହାରିଯାଇଛନ୍ତି। ଫଳରେ ୨୫ତମ ଗ୍ରାଣ୍ଡସ୍ଲାମ ଜିତିବା ଲାଗି ୩୮ ବର୍ଷୀୟ ଜୋକୋଭିଚ୍‌ଙ୍କୁ ଆସନ୍ତା ବର୍ଷ ଜାନୁଆରୀରେ ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆନ ଓପନ୍‌କୁ ଅପେକ୍ଷା କରିବାକୁ ପଡ଼ିବ। ଜୋକୋଭିଚ୍ ତାଙ୍କର ଶେଷ ତଥା ୨୪ତମ ଗ୍ରାଣ୍ଡସ୍ଲାମ ୨ ବର୍ଷ ତଳେ ଏହି ୟୁଏସ୍ ଓପନ୍‌ରେ ଜିତିଥିଲେ।

ଶନିବାର ସକାଳେ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ୨ୟ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ସ୍ପେନର କାର୍ଲୋସ ଆଲ୍‌କାରାଜ ୬-୪, ୭-୬ (୪), ୬-୨ ସେଟ୍‌ରେ ୨୪ଥରର ମେଜର ଟାଇଟଲ୍ ବିଜେତା ଜୋକୋଭିଚ୍‌ଙ୍କୁ ସହଜରେ ପରାସ୍ତ କରିଥିଲେ। ଜୋକୋଭିଚ୍‌ଙ୍କଠାରୁ ୧୬ ବର୍ଷ ସାନ ଆଲ୍‌କାରାଜ ଏଠାରେ ୬ଷ୍ଠ ଗ୍ରାଣ୍ଡସ୍ଲାମ୍ ଜିତିବା ନିକଟତର ହୋଇଛନ୍ତି। ରବିବାର ରାତିରେ ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ ଆଲ୍‌କାରାଜ ଡିଫେଣ୍ଡିଂ ଚାମ୍ପିଅନ ତଥା ଟପ୍ ସିଡ୍ ଇଟାଲୀର ଜାନ୍ନିକ ସିନ୍ନରଙ୍କୁ ଭେଟିବେ। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ସିନ୍ନର ୬-୧, ୩-୬, ୬-୩, ୬-୪ ସେଟ୍‌ରେ କାନାଡାର ଫେଲିକ୍ସ ଅଗର-ଆଲିଆସିମେଙ୍କୁ ପରାସ୍ତ କରିଥିଲେ। ରବିବାର ଦୁଇ ଟପ୍ ସିଡ୍ ଖେଳାଳି ସିନ୍ନର ଓ ଆଲକାରାଜଙ୍କ ମଧ୍ୟରେ ଟାଇଟଲ୍ ଲଢ଼େଇ ରୋମାଞ୍ଚକ ହେବ ବୋଲି ଆକଳନ କରାଯାଉଛି। ଏଥିସହ ଓପନ୍ ଏରା ଇତିହାସରେ ପ୍ରଥମଥର ଲାଗି ଗୋଟିଏ ସିଜନରେ ଦୁଇ ଖେଳାଳି କ୍ରମାଗତ ୩ଟି ଗ୍ରାଣ୍ଡସ୍ଲାମ ଫାଇନାଲରେ ପରସ୍ପର ବିରୋଧରେ ଖେଳିବେ। ଏଥିପୂର୍ବରୁ ଜୁନରେ ଅନୁଷ୍ଠିତ ଫ୍ରେଞ୍ଚ ଓପନ୍ ଏବଂ ଜୁଲାଇରେ ଖେଳାଯାଇଥିବା ୱିମ୍ବଲଡନ ଫାଇନାଲରେ ଏହି ଦୁଇ ଖେଳାଳି ପରସ୍ପରକୁ ଭେଟିଥିଲେ। ଯେଉଁଥିରେ ଫ୍ରେଞ୍ଚ ଓପନ୍‌ରେ ଆଲ୍‌କାରାଜ ଓ ୱିମ୍ବଲଡନରେ ସିନ୍ନର ଟାଇଟଲ୍ ବିଜୟୀ ହୋଇଥିଲେ।

## ଗ୍ରାବିଏଲା-ଏରିନ ଯୋଡ଼ିଙ୍କୁ ୨ୟ ଟାଇଟଲ୍



ୟୁଏସ୍ ଓପନ୍ ମହିଳା ଡବଲ୍ସରେ କାନାଡାର ଗ୍ରାବିଏଲା ଡାବ୍ରୋସ୍କି ଓ ନ୍ୟୁଜିଲାଣ୍ଡର ଏରିନ ରୌତଲିଫ୍ ଯୋଡ଼ି ଚାମ୍ପିଅନ ହୋଇଛନ୍ତି। ଫାଇନାଲ ମୁକାବିଲାରେ ୩ୟ ସିଡ୍ ଗ୍ରାବିଏଲା-ଏରିନ ଯୋଡ଼ି ୬-୪, ୬-୪ ସିଧାସଳଖ ସେଟରେ ଟପ୍ ସିଡ୍ ଟେଲର ଟାଉନସେଣ୍ଡ ଓ କାଟେରିନା ସିନିଆକୋଭା ଯୋଡ଼ିଙ୍କୁ ହରାଇଥିଲେ। ଫଳରେ ଏହି କାନାଡା-ନ୍ୟୁଜିଲାଣ୍ଡ ଯୋଡ଼ି ଏଠାରେ ୨ୟଥର ଲାଗି ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ୨୦୨୩ ୟୁଏସ୍ ଓପନ୍‌ରେ ଗ୍ରାବିଏଲା-ଏରିନ ଯୋଡ଼ି ମହିଳା ଡବଲ୍ସ ଟାଇଟଲ୍ ହାସଲ କରିଥିଲେ। ଚଳିତ ବର୍ଷ ଚାମ୍ପିଅନ ହେବା ସହ ଏହି ଯୋଡ଼ି ପୁରସ୍କାର ବାବଦରେ ୧୦ ଲକ୍ଷ ଡଲାର (ଭାରତୀୟ ମୁଦ୍ରାରେ ୮.୮୧ କୋଟି) ପାଇଛନ୍ତି।

## ଏସିଆ ରଗ୍‌ବୀ ଚାମ୍ପିଅନସିପ୍‌ରେ ଭାଗନେବେ କିସ୍‌ର ୭ ଖେଳାଳି



ଭୁବନେଶ୍ୱର, ୬।୯ (ସମିସ): ଏସିଆ ରଗ୍‌ବୀ ଏମିରେଟ୍ସ ଚାମ୍ପିଅନସିପ୍ ସେପ୍ଟେମ୍ବର ୧୩ରୁ ଚାଇନାର ହୋହୋତାରେ ଆରମ୍ଭ ହେବ। ୧୮ ବର୍ଷରୁ କମ୍ ଏହି ରଗ୍‌ବୀ ଚାମ୍ପିଅନସିପ୍‌ରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରିବ। ଏଥିଲାଗି ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନ (ଆଇଆର୍‌ଏଫ୍‌ୟୁ) ପକ୍ଷରୁ ଶନିବାର ଦଳ ଘୋଷଣା କରାଯାଇଥିଲା। ଘୋଷିତ ଭାରତୀୟ ଦଳରେ ଓଡ଼ିଶାର କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ (କିସ୍)ର ୭ଜଣ ଖେଳାଳି ସ୍ଥାନ ପାଇଛନ୍ତି। ମହିଳା ଦଳରେ ଓଡ଼ିଶାର ମାମାଲି ସିଂ, ଅନିତା ମୁର୍ମୁ, ରାଇମଣୀ ମୁର୍ମୁ ରହିଛନ୍ତି। ସେହିଭଳି ବିଦ୍ୟାଧର ମାଝୀ, ଭାରତ କିସାନ, ଚରଣ ହେମ୍ବ୍ରମ ଓ ଆଉମା ମୁର୍ମୁ ପୁରୁଷ ଦଳରେ ସ୍ଥାନ ପାଇଛନ୍ତି। କୋଲକାତାର ସାଇ ସେଣ୍ଟରରେ ୯ ଦିନିଆ କ୍ୟାମ୍ପ ପରେ ଏହି ଦଳ ଚୟନ କରାଯାଇଛି। ଏକାଥରକେ କିସ୍‌ର ୭ଜଣ ଖେଳାଳି ଜାତୀୟ ରଗବୀ ଦଳରେ ସ୍ଥାନ ପାଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ଭାରତୀୟ ଦଳ ସେପ୍ଟେମ୍ବର ୯ରେ ଚାଇନା ଅଭିମୁଖେ ଗସ୍ତ କରିବ।

■ ଦୁଲୀପ୍ ଟ୍ରଫି ସେମିଫାଇନାଲ

## କେନ୍ଦ୍ରାଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଇନିଂସ ଅଗ୍ରଣୀ

ବେଙ୍ଗାଲୁରୁ, ୬।୯ (ଏଜେନ୍ସି): ପଶ୍ଚିମାଞ୍ଚଳ ବିପକ୍ଷରେ ଚାଲିଥିବା ଦୁଲୀପ୍ ଟ୍ରଫି ଦ୍ୱିତୀୟ ସେମିଫାଇନାଲରେ ରଜତ ପଟିଦାରଙ୍କ କେନ୍ଦ୍ରାଞ୍ଚଳ ଦଳ ଗୁରୁତ୍ୱପୂର୍ଣ୍ଣ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି। ପଶ୍ଚିମାଞ୍ଚଳର ୪୩୮ ରନ ଜବାବରେ କେନ୍ଦ୍ରାଞ୍ଚଳ ଶନିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା କେନ୍ଦ୍ରାଞ୍ଚଳ ୧୫୭ ଓଭର ଖେଳି ୮ ୱିକେଟ୍‌ରେ ୫୫୬ ରନର ବିଶାଳ ସ୍କୋର ଠିଆ କରାଇଛି। ଦୁଇଟି ୱିକେଟ୍ ବଳକା ଥାଇ କେନ୍ଦ୍ରାଞ୍ଚଳ ୧୧୮ ରନରେ ଆଗୁଆ ରହିଛି। ଷ୍ଟମ୍ପ ବେଳକୁ ସାରାଂଶ ଜୈନ ୩୭ ଓ ଯଶ ଠାକୁର ୪ ରନରେ ଖେଳୁଛନ୍ତି। ଅନ୍ୟ ବ୍ୟାଟର୍‌ଙ୍କ ମଧ୍ୟରେ ଶୁଭମ ଶର୍ମା ୯୬ ରନ କରି ଦୁର୍ଭାଗ୍ୟଜନକ ଭାବେ ରନଆଉଟ୍ ହୋଇ ଶତକରୁ ବଞ୍ଚିତ ହୋଇଥିଲେ। ସେହିଭଳି ୱିକେଟରକ୍ଷକ ଉପେନ୍ଦ୍ର ଯାଦବ (୮୭), ଅଧିନାୟକ ରଜତ (୭୭), ହର୍ଷ ଦୁବେ (୭୫) ଓ ଦାନିଶ ମାଲେୱାର (୭୬) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ମ୍ୟାଚ୍ ଆହୁରି ଦୁଇଦିନ ବାକି ଥିବାରୁ କେନ୍ଦ୍ରାଞ୍ଚଳର ସ୍ଥିତି ଦୃଢ଼ ରହିଛି।

■ ଉତ୍ତରାଞ୍ଚଳର ଲଢ଼େଇ ଜାରି

ସେହିଭଳି ଅନ୍ୟ ଏକ ସେମିଫାଇନାଲରେ ଦକ୍ଷିଣାଞ୍ଚଳ ବିପକ୍ଷରେ ଉତ୍ତରାଞ୍ଚଳ ଲଢ଼େଇ ଜାରି ରଖିଛି। ଏନ୍ ଜଗଦିଶନ (୧୯୭)ଙ୍କ ମାରାଥନ ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣାଞ୍ଚଳ ପ୍ରଥମ ପାଳିରେ ୫୩୬ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଉତ୍ତରାଞ୍ଚଳ ଶନିବାର ଖେଳ ଶେଷ ସୁଦ୍ଧା ୫ ୱିକେଟ୍‌ରେ ୨୭୮ ରନ କରିଛି। ଓପନର୍ ଶୁଭମ ଖଜୁରିଆ ୧୨୮ ରନର ଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି। ସେହିଭଳି ବୋଲିଂରେ ୫ ୱିକେଟ୍ ନେଇଥିବା ନିଶାନ୍ତ ସିନ୍ଧୁ ବ୍ୟାଟିଂରେ ମଧ୍ୟ ୮୨ ରନ କରିଛନ୍ତି। ୫ ୱିକେଟ୍ ବଳକା ଥାଇ ଉତ୍ତରାଞ୍ଚଳ ପ୍ରଥମ ପାଳିରେ ଆହୁରି ୨୫୮ ରନ ପଛରେ ରହିଛି।

ଦ୍ୱିତୀୟ ଟି-୨୦

## ଶ୍ରୀଲଙ୍କାକୁ ହରାଇଦେଲା ଜିମ୍ବାୱେ



ହରାରେ, ୬।୯ (ଏଜେନ୍ସି): ଜିମ୍ବାୱେ ଗସ୍ତରେ ଯାଇଥିବା ଶ୍ରୀଲଙ୍କା କ୍ରିକେଟ୍ ଦଳକୁ ବଡ଼ ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼ିଛି। ଶନିବାର ଟି-୨୦ ସିରିଜର ଖେଳାଯାଇଥିବା ଦ୍ୱିତୀୟ ମୁକାବିଲାରେ ଘରୋଇ ଜିମ୍ବାୱେ ୫ ୱିକେଟ୍‌ରେ ସହଜରେ ଶ୍ରୀଲଙ୍କାକୁ ହରାଇ ଦେଇଥିଲା। ଧାର୍ଯ୍ୟ ୮୧ ରନର ଛୋଟିଆ ଲକ୍ଷ୍ୟକୁ ଜିମ୍ବାୱେ ୧୪.୨ ଓଭରରେ ୫ ୱିକେଟ୍ ହରାଇ ହାସଲ କରିନେଇଥିଲା। ର୍ୟାନ୍ ବର୍ଲ ୨୦ ଓ ତାସିଙ୍ଗା ମୁସେକିୱା ୨୧ ରନ କରି ଅପରାଜିତ ରହିଥିଲେ। ଓପନର୍ ବ୍ରାଏନ ବେନେଟ୍ଟ ୧୯ ରନ କରିଥିବାବେଳେ ସିକନ୍ଦର ରାଜା (୨) ଓ ସିନ୍ ୱିଲିୟମ୍ସ (୦) ନିରାଶ କରିଥିଲେ। ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଶ୍ରୀଲଙ୍କା ପ୍ରତିପକ୍ଷ ବୋଲିଂକୁ ସାମ୍ନା କରି ନ ପାରି ୧୭.୪ ଓଭରରେ ୮୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ୩ଜଣ ଖେଳାଳି କାମିଲ ମିଶ୍ରା (୨୦), ଅଧିନାୟକ ଚାରିଥ ଆସଲଙ୍କା (୧୮) ଓ ଦସୁନ ସନକା (୧୮) ଦୁଇଅଙ୍କ ବିଶିଷ୍ଟ ସ୍କୋର କରିପାରିଥିଲେ। ଟି-୨୦ରେ ଶ୍ରୀଲଙ୍କାର ଏହା ଦ୍ୱିତୀୟ ସର୍ବନିମ୍ନ ଦଳଗତ ସ୍କୋର ହେବାର ରେକର୍ଡ ହୋଇଛି। ଜିମ୍ବାୱେ ପକ୍ଷରୁ ରାଜା, ବ୍ରାଡ୍ ଇଭାନ୍ସ ୩ଟି ଲେଖାଏ ଏବଂ ବ୍ଲେସିଂ ମୁଜରବାନୀ ୨ଟି ୱିକେଟ୍ ନେଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚକୁ ୪ ୱିକେଟ୍‌ରେ ହାରିଥିବା ଜିମ୍ବାୱେ ଏବେ ସିରିଜକୁ ୧-୧'ର ବରାବର୍‌ସ୍ଥିତିକୁ ଆଣିଛି। ନିର୍ଣ୍ଣାୟକ ୩ୟ ଟି-୨୦ ରବିବାର ଖେଳାଯିବ।

## ୧୦ ବର୍ଷ ପରେ ୟୁଏସ୍ ଓପନ୍ ଦେଖିବେ ଟ୍ରମ୍ପ

ନ୍ୟୁୟର୍କ, ୬।୯ (ଏଜେନ୍ସି): ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ୟୁଏସ୍ ଓପନ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ଦୁଇ ଟପ୍ ସିଡ୍ ଖେଳାଳି ଇଟାଲୀର ଜାନିକ ସିନ୍ନର ଓ ସ୍ପେନର କାର୍ଲୋସ ଆଲକାରାଜଙ୍କ ମଧ୍ୟରେ ପୁରୁଷ ସିଙ୍ଗଲ୍ସ ଫାଇନାଲ ଖେଳାଯିବ। ଏହି ହାଇଭୋଲଟେଜ ମ୍ୟାଚ୍ ଦେଖିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଷ୍ଟାଡିୟମକୁ ଯିବେ ବୋଲି ହ୍ୱାଇଟ୍ ହାଉସ ପକ୍ଷରୁ ଜଣାପଡ଼ିଛି। ଫଳରେ ଆମେରିକାର ରାଷ୍ଟ୍ରପତି ଭାବେ ୭୯ ବର୍ଷୀୟ ଟ୍ରମ୍ପ ପ୍ରଥମଥର ଲାଗି ୟୁଏସ୍ ଓପନ୍ ଦେଖିବେ। ଏଥିପୂର୍ବରୁ ଟ୍ରମ୍ପ ୧୦ ବର୍ଷ ତଳେ ଅର୍ଥାତ୍ ୨୦୧୫ରେ ୟୁଏସ୍ ଓପନ୍‌ରେ ଷ୍ଟାଡିୟମରେ ବସି ମ୍ୟାଚ୍ ଉପଭୋଗ କରିଥିଲେ। ସେତେବେଳେ କିନ୍ତୁ ସେ ଆମେରିକାର ସର୍ବୋଚ୍ଚ ପଦ ଗ୍ରହଣ କରି ନ ଥିଲେ। ଟ୍ରମ୍ପ ୨୦୧୬ରେ ପ୍ରଥମଥର ଲାଗି ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ।

ଏସିଆ କପ୍ ପୁରୁଷ ହକି

## ଭାରତ-ଦକ୍ଷିଣ କୋରିଆ ଫାଇନାଲ ଆଜି

ରାଜଗିର, ୬।୯ (ଏଜେନ୍ସି)



ବିହାରରେ ଚାଲିଥିବା ପୁରୁଷ ଏସିଆ କପ୍ ହକିର ଦ୍ୱାଦଶ ସଂସ୍କରଣରେ ଆୟୋଜକ ଭାରତୀୟ ଦଳ ଫାଇନାଲରେ ପ୍ରବେଶ କରିଛି। ଶନିବାର ଭାରତ ଖେଳିଥିବା ଏହାର ଅନ୍ତିମ ତଥା ତୃତୀୟ ସୁପର୍-୪ ମ୍ୟାଚରେ ଚୀନକୁ ୭-୦ ଗୋଲ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରିଥିଲା। ଫଳରେ ସୁପର୍-୪ରେ ତିନୋଟି ମ୍ୟାଚରୁ ୨ ବିଜୟ ଓ ଗୋଟିଏ ଡ୍ର ସହ ୭ ପଏଣ୍ଟ ପାଇ ଭାରତ ଶୀର୍ଷ ସ୍ଥାନ ହାସଲ କରିଛି। ଏଥିସହ ଏସିଆ କପ୍ ଇତିହାସରେ ଭାରତ ୯ମଥର ଲାଗି ଫାଇନାଲରେ ପହଞ୍ଚିଛି। ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତ ପୂର୍ବରୁ ସୁପର୍-୪ର ପ୍ରଥମ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆ ବିପକ୍ଷରେ ୨-୨ ଗୋଲ୍‌ରେ ଡ୍ର ରଖିଥିଲା। ଏହାପରେ ଦ୍ୱିତୀୟ ମୁକାବିଲାରେ କିନ୍ତୁ ଦମ୍‌ଦାର ପ୍ରଦର୍ଶନ କରି ମାଲେସିଆକୁ ୪-୧ ଗୋଲରେ ହରାଇଥିଲା। ରବିବାର ଫାଇନାଲ ମୁକାବିଲାରେ ଦକ୍ଷିଣ କୋରିଆକୁ ଭେଟିବ ଭାରତ। ଦକ୍ଷିଣ କୋରିଆ ଦଳ ସୁପର୍-୪ରେ ତିନୋଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ଚାମ୍ପିଅନ ଦଳ ୨୦୨୬ ଏଫ୍‌ଆଇଏଚ୍ ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ତେଣୁ ଭାରତ ନିକଟରେ ବିଶ୍ୱକପ୍ ଟିକଟ୍ ହାସଲ କରିବାର ସୁବର୍ଣ୍ଣ ସୁଯୋଗ ରହିଛି।

■ ଶିଳାନନ୍ଦ ଦେଲେ ପ୍ରଥମ ଗୋଲ୍

ଶନିବାର ଭାରତ ଏହାର ଶେଷ ସୁପର୍-୪ ମ୍ୟାଚରେ ଚୀନ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରିଥିଲା। ଭାରତ ପ୍ରଥମାର୍ଦ୍ଧରେ ହିଁ ୩ଟି ଗୋଲ୍ ଦେଇ ଚୀନକୁ ବ୍ୟାକଫୁଟ୍‌କୁ ଠେଲି ଦେଇଥିଲା। ମ୍ୟାଚର ୪ର୍ଥ ମିନିଟ୍‌ରେ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ଘରୋଇ ଦଳ ପାଇଁ ଖାତା ଖୋଲିଥିଲେ। ଏହାପରେ ଗୋଲ୍ ବର୍ଷା ଆରମ୍ଭ ହୋଇଥିଲେ। ୭ମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର ଜରିଆରେ ଦିଲପ୍ରୀତ୍ ସିଂହ ଦଳ ପାଇଁ ଦ୍ୱିତୀୟ ଗୋଲ୍ ଦେଇଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟର ତଥା ୧୮ତମ ମିନିଟ୍‌ରେ ମନଦୀପ୍ ସିଂହ ପେନାଲ୍ଟି କର୍ଣ୍ଣରରୁ ଆଉ ଏକ ଗୋଲ୍ ସ୍କୋର କରି ଦଳର ଅଗ୍ରଣୀକୁ ୩-୦ରେ ପହଞ୍ଚାଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ଭାରତ ଅଧିକ ଆକ୍ରମଣାତ୍ମକ ପ୍ରଦର୍ଶନ କରି ଆଉ ୪ଟି ଗୋଲ୍ ଦେଇଥିଲା। ଏଥିରୁ ତୃତୀୟ କ୍ୱାର୍ଟରରେ ରାଜ କୁମାର ପାଲ୍ ଓ ସୁଖଜିତ୍ ସିଂହ ଗୋଟିଏ ଲେଖାଏ ଏବଂ ଅଭିଷେକ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ୨ଟି ଗୋଲ୍ ଦେଇଥିଲେ। ମୋଟ୍ ୭ଟି ଗୋଲ୍ ମଧ୍ୟରୁ ଭାରତ ଫିଲ୍ଡ ଗୋଲ୍ ଜରିଆରେ ୫ଟି ଦେଇଥିଲା। ଶିଳାନନ୍ଦଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବରୁ ଦକ୍ଷିଣ କୋରିଆ ଖେଳିଥିବା ଏହାର 'କର ବା ମର' ମୁକାବିଲାରେ ୪-୩ ଗୋଲରେ ମାଲେସିଆକୁ ହରାଇ ଫାଇନାଲରେ ସ୍ଥାନ ପକ୍କା କରିଥିଲା।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS